ବାଲେଶ୍ୱର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଡ୍ୟୁଟି ସମୟରେ ବିଳମ୍ବିତ ରାତିରେ ଭୋଜିଭାତ ସହ ନାଚଗୀତରେ ମସ୍‌ଗୁଲ ରହିବା ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ମହଙ୍ଗା ପଡ଼ିଛି। କାର୍ଯ୍ୟ ସମ୍ପାଦନରେ ଅବହେଳା ଦର୍ଶାଇ ଜଣେ ହାବିଲଦାର ଏବଂ ୪ ଜଣ କନଷ୍ଟେବଲଙ୍କ ଏସ୍‌ପି ରାଜପ୍ରସାଦ ନିଲମ୍ବନ କରିଛନ୍ତି। ନିଲମ୍ବିତ ପୋଲିସ କର୍ମଚାରୀମାନେ ହେଲେ ହାବିଲ୍‌ଦାର ହେମନ୍ତ ବାରିକ, କନଷ୍ଟେବଲ ସିଦ୍ଧେଶ୍ୱର ଗୋଚ୍ଛାୟତ, ଦେବ ମାଝି, ସୁଧାଂଶୁ ଜେନା ଓ ରାମଚନ୍ଦ୍ର ତପସ୍ୱୀ।

ସୂଚନା ଅନୁଯାୟୀ, ଗତ ୧୮ ତାରିଖ ରବିବାର ଜିଲାପାଳ ନ ଥିବାବେଳେ ତାଙ୍କ ଆବାସିକ କାର୍ଯ୍ୟାଳୟ ପରିସର ପୋଲିସ ଗାର୍ଡ଼ରୁମ୍‌ରେ କାର୍ଯ୍ୟରତ କର୍ମଚାରୀମାନେ ଭୋଜିଭାତ ଆୟୋଜନ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭୋଜିଭାତ ଚାଲିଥିଲା। ଭୋଜିରେ ମାଂସ ସହିତ ବିଦେଶୀ ପାନୀୟ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହାର ଭିଡିଓ ପ୍ରଘଟ ହେବା ପରେ ଏସ୍‌ପି ରାଜ ପ୍ରସାଦ ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଏଭଳି ପଦକ୍ଷେପ ନେଇଛନ୍ତି।

# ଆନ୍ଧ୍ରପ୍ରଦେଶରୁ ୪ ଅଭିଯୁକ୍ତ ଗିରଫ

## ୨ ନାବାଳିକା ଭଉଣୀଙ୍କୁ ଅପହରଣ, ଗଣବଳାତ୍କାର ମାମଲା

ବ୍ରହ୍ମପୁର,୭।୬(ସୁବାସ ଚନ୍ଦ୍ର ପାଢ଼ୀ)



ଆନ୍ଧ୍ରରୁ ଗିରଫ ୪ ଅଭିଯୁକ୍ତ।

ବ୍ରହ୍ମପୁର ପୋଲିସ ଜିଲା ଅଧୀନ ଗୋଳନ୍ଥରା ଥାନା ଅଞ୍ଚଳରେ ୨ ନାବାଳିକା (ଉଭୟେ ସମ୍ପର୍କୀୟ ଭଉଣୀ)ଙ୍କୁ ପ୍ରଥମେ ଅପହରଣ ପରେ ଗଣବଳାତ୍କାର କରିବା ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଆନ୍ଧ୍ରପ୍ରଦେଶରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗୋଳନ୍ଥରା ଥାନା ଅଞ୍ଚଳର କେ. ଶିବା (୨୧), କେ. ସାଇ (୨୧), ଜି.ଗରେୟା (୨୧) ଓ ଏନ୍. ଶ୍ରୀନୁ (୨୨)। ଏହିଗଣ ବଳାତ୍କାର ଘଟଣାର ମାଷ୍ଟରମାଇଣ୍ଡ କେ. ସାଇ ହୋଇଥିବା ବ୍ରହ୍ମପୁର ପୋଲିସ ମୁଖ୍ୟାଳୟରେ ଶନିବାର ଏକ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍. କହିଛନ୍ତି। ଅପରପକ୍ଷରେ କୋର୍ଟ ଚାଲାଣ ପୂର୍ବରୁ ପୀଡ଼ିତା ଓ ଅଭିଯୁକ୍ତମାନଙ୍କ ଡାକ୍ତରୀ ପରୀକ୍ଷା କରାଯିବା ସହ ପୋଲିସ ପୀଡ଼ିତାଙ୍କୁ ସିଡବ୍ଲ୍ୟୁସି ନିକଟରେ ହାଜର କରିଥିଲା। ପରେ ଉଭୟ ନାବାଳିକାଙ୍କୁ କୋର୍ଟଙ୍କ ନିର୍ଦ୍ଦେଶରେ ଗୋଷାଣିନୂଆଗାଁସ୍ଥିତ ଉତ୍କଳ ବାଳାଶ୍ରମରେ ରଖାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ମହିଳା କିଛିଦିନ ତଳେ ତାଙ୍କ ବାପଘର ଗାଁରେ ହେଉଥିବା ଏକ କାର୍ଯ୍ୟକ୍ରମକୁ ଆସିଥିଲେ। ତାଙ୍କ ସହ ୧୪ ବର୍ଷର ଝିଅ ମଧ୍ୟ ଆସିଥିଲେ। ଉକ୍ତ ଗ୍ରାମର ଗାଁମୁଖିଆଙ୍କ ପୁଅ କେ.ସାଇ ଫୋନ୍ ନମ୍ବର ସଂଗ୍ରହକରି ସମ୍ପୃକ୍ତା ନାବାଳିକା(୧୪)ଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଗତ ୩ ତାରିଖ ଅପରାହ୍ନରେ ଅଭିଯୁକ୍ତ ସାଇ ନାବାଳିକାଙ୍କୁ ଡାକି ନେଇ ଏକ ନିଛାଟିଆ ସ୍ଥାନରେ ପ୍ରଥମେ ତାଙ୍କୁ ବଳାତ୍କାର କରିଥିଲେ। ପରେ ସେ ତାଙ୍କର ଅନ୍ୟ ୩ଜଣ ସାଙ୍ଗଙ୍କୁ ସେଠାକୁ ଡାକିଥିଲେ। ସେମାନେ ମଧ୍ୟ ସେଠାରେ ପହଞ୍ଚି ଜଣକ ପରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଭଉଣୀ ଘରକୁ ନ ଫେରିବାରୁ ତାଙ୍କୁ ଖୋଜିବା ପାଇଁ ତାଙ୍କର ମାଉସୀ ଝିଅ ଭଉଣୀ(୧୩) ବର୍ଷ ଘରୁ ବାହାରିଥିଲେ। ସେ ସେଠାରେ ପହଞ୍ଚିବା ପରେ ସମ୍ପୃକ୍ତ ଯୁବକମାନେ ତାଙ୍କୁ ମଧ୍ୟ ବଳାତ୍କାର କରିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ୨ଭଉଣୀ ନିକଟରେ ଥିବା ଏକ ଘରର ଛାତରେ ରହିଯାଇଥିଲେ। ୪ ତାରିଖ ସକାଳେ ଉକ୍ତ ଯୁବକମାନେ ନାବାଳିକା ଦ୍ୱୟଙ୍କୁ ତାଙ୍କ ଗାଁରେ ଛାଡ଼ିଦେବେ ବୋଲି କହି ଛତ୍ରପୁର ନିକଟରେ ପୁଣି ଥରେ ଗଣ ବଳାତ୍କାର କରିଥିଲେ। ପରେ ସେମାନଙ୍କୁ ନେଇ ଗଞ୍ଜାମ ନିକଟରେ ଛାଡ଼ି ଚାଲିଯାଇଥିଲେ। ଝିଅ ଏବଂ ଝିଆରୀଙ୍କୁ ନ ପାଇ ମହିଳାଜଣକ ଚିନ୍ତିତ ଥିବାବେଳେ ଝିଅମାନେ ଗଞ୍ଜାମରେ ଥିବା ଜଣାପଡ଼ିଥିଲା। ପରେ ୧୪ବର୍ଷୀୟା ନାବାଳିକାଙ୍କ ମା'ସେଠାରେ ପହଞ୍ଚି ଝିଅମାନଙ୍କଠାରୁ ଘଟଣା ସମ୍ପର୍କରେ ଶୁଣି ବାପଘର ଗାଁକୁ ଆସି ତାଙ୍କ ଭାଇଙ୍କୁ ସବୁକଥା କହିଥିଲେ। ପରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୨୪୦/୨୫) ରୁଜୁ କରିଥିଲା।



**ସଂକ୍ଷେପରେ**

## ବଲାଙ୍ଗୀର ଜିଲା ଯୁବ କୁଲୁତା ସମାଜକୁ ପ୍ରକୃତି ମିତ୍ର ପୁରସ୍କାର



ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀଙ୍କ ଠାରୁ ଅସୀମ ଭୋଇ ପ୍ରକୃତି ମିତ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

**ବଲାଙ୍ଗୀର,୭।୬(ବୀରେନ୍ଦ୍ର କୁମାର ଝାଙ୍କର)**

ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନ କନ୍‌ଫରେନସ୍ ହଲଠାରେ ବଲାଙ୍ଗୀର ଜିଲା ଯୁବ କୁଲୁତା ସମାଜକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି। ଜିଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇ ପରିବେଶ ମନ୍ତ୍ରୀଙ୍କ ଠାରୁ ଏହି ପ୍ରକୃତି ମିତ୍ର ପୁରସ୍କାର ଓ ୨୦ ହଜାର ଟଙ୍କାର ଚେକ୍ ଗ୍ରହଣ କରିଛନ୍ତି । ବିଶ୍ୱ ପରିବେଶ ଦିବସ ଅବସରରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଓ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦାନ କରିଥିଲେ। ଯୁବ କୁଲୁତା ସଙ୍ଗଠନ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାମ କରିଥିବାରୁ ଏହି ପୁରସ୍କାର ସକାଶେ ମନୋନୀତ କରାଯାଇଥିଲା। ଏହି ପୁରସ୍କାର ଯୁବ ସଙ୍ଗଠନକୁ ଏଭଳି କ୍ଷେତ୍ରରେ କାମ କରିବାକୁ ଅଧିକ ପ୍ରେରଣା ଯୋଗାଇବ ବୋଲି ସଭାପତି ଭୋଇ ମତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁବ ସମ୍ପାଦକ ଭୁବନେଶ୍ୱର ଭୋଇ, ଉପସଭାପତି ଦିନେଶ ପ୍ରଧାନ, ଜିଲା ସଦସ୍ୟ ପ୍ରଫୁଲ୍ଲ ପ୍ରଧାନ, ବିଦ୍ୟାଧର ପଧାନ ଓ ପ୍ରକାଶ ସାହୁ ଉପସ୍ଥିତ ଥିବା ସୂଚନା ଦିଆଯାଇଛି।

## ଯୁବକଙ୍କୁ ମାଡ଼ ମାରିବା ଅଭିଯୋଗରେ ଜେଲ ଗଲେ ୪ ଯୁବକ

**ଲାଠୋର,୭।୬(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ମସିଣା ଗ୍ରାମସ୍ଥିତ ନିଜ ଭିଣୋଇ ଘରକୁ ବୁଲି ଆସିଥିବା ଜଣେ ଯୁବକ ଙ୍କୁ ଗ୍ରାମର ୪ ଜଣ ଯୁବକ ନିସ୍ଥୁକ ମାଡ଼ ମାରି ଶନିବାର ଜେଲ ଯାଇଥିବା ଜଣାପଡିଛି ।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ବରଗଡ ଜିଲା ବୁଡେନ ଥାନା ଅଧୀନ ଡ଼ଙ୍ଗାଛଞ୍ଚା ଗ୍ରାମର ନିରଜ ବୁଢ଼େକ ଭିଣୋଇ ଘରକୁ ଆସିଥିଲେ। ଗୁରୁବାର ସନ୍ଧ୍ୟା ବେଳେ ମସିଣା ଗ୍ରାମର ଅର୍ଜୁନ ଭୋଇ, ଘନଶ୍ୟାମ ମେହେର, ସୀତାରାମ ମଲ୍ଲିକ ଏବଂ ମନୋଜ ମଲ୍ଲିକ ନିରଜଙ୍କ ବାଇକ୍ ଚଲାକୁ ବିରୋଧ କରି ଯୁକ୍ତିତର୍କ କରିଥିଲେ। ଯୁକ୍ତିତର୍କ ବଢ଼ି ଯିବାରୁ ସମ୍ପୃକ୍ତ ୪ ଜଣ ଯୁବକ ତାଙ୍କୁ ମାଡ଼ ମାରିଥିଲେ। ଏନେଇ ନିରଜ ଶୁକ୍ରବାର ଲାଠୋର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨), ୨୯୬, ୧୧୫(୨), ୩୫୧(୩), ୧୮୯(୨), ୧୮୯(୪), ୧୯୦ରେ ଏକ ମାମଲା (୧୦୫/୨୫)ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ପରେ ସମ୍ପୃକ୍ତ ୪ ଜଣ ଯୁବକଙ୍କୁ ଶନିବାର ପାଟଣାଗଡ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି ।

## ଜୈବିକ ଚାଷ ନେଇ କୃଷି କର୍ମଶାଳା

**ପାଟଣାଗଡ଼,୭।୬(ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀକକ୍ଷଠାରେ ବିଡିଓ ସୁମନ ମିଞ୍ଜଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜୈବିକ ଚାଷ ସମ୍ବନ୍ଧୀୟ ଏକ କୃଷି କର୍ମଶାଳା ଉଦ୍‌ଘାଟିତ ହୋଇଛି। କର୍ମଶାଳାରେ ବ୍ଲକର ୧୦ ଗୋଟି ପଞ୍ଚାୟତର ଏସଏସଜି ମହିଳାମାନେ ଯୋଗ ଦେଇଥିବା ବେଳେ ଏହା ୫ ଦିନ ଧରି ଚାଲିବ। କର୍ମଶାଳାରେ ମହିଳାମାନେ ପ୍ରଶିକ୍ଷଣ ନେବା ପରେ ପ୍ରତ୍ୟେକ ପଞ୍ଚାୟତରୁ ୧୨୫ ଜଣ ଚାଷୀଙ୍କୁ ମନୋନୀତ କରାଯିବ। ଚାଷୀମାନେ ଜୈବିକ ଚାଷ କରିବା ଫଳରେ ଅଧିକ ଲାଭ ପାଇପାରିବେ ବୋଲି ବିଡ଼ିଓ ମିଞ୍ଜ କହିଛନ୍ତି। କର୍ମଶାଳାରେ କୃଷିବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ‘ଗବେଷଣା ସ୍ୱୀକୃତି, ସମ୍ମାନ ଆଣିଦିଏ’

**ବଲାଙ୍ଗୀର,୭।୬(ବୀରେନ୍ଦ୍ର କୁମାର ଝାଙ୍କର)**

ପଶ୍ଚିମ ଓଡିଶା ଲୋକ ସଂସ୍କୃତି ଗବେଷକ ସଂଘ ଏବଂ ଢ଼ୋଲ ମୁହୁରୀ କଳା ପରିଷଦ ବଲାଙ୍ଗୀରର ମିଳିତ ଆୟୋଜନକ୍ରମେ ଶନିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଲୋକକଳା, ସଂସ୍କୃତି ଚର୍ଚ୍ଚା ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ସିସିଆରଟି ସ୍ୱୀକୃତିପ୍ରାପ୍ତ ପଶ୍ଚିମ ଓଡିଶାର ୧୧ଟି ଜିଲାର ବରିଷ୍ଠ ଓ କନିଷ୍ଠ ଲୋକ ସଂସ୍କୃତି ଗବେଷକ, ଯୁବ କଳାକାର ମେଧାବୃତ୍ତି ଏବଂ ସାଂସ୍କୃତିକ ପ୍ରତିଭା ଅନ୍ୱେଷଣ ମେଧାବୃତ୍ତିଧାରୀମାନେ ଯୋଗଦାନ କରିଥିଲେ।

କବି ସନ୍ଦୀପ କୁମାର କୁଅଁରଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଉତ୍ସବରେ ଆମନ୍ତ୍ରିତ ଅତିଥି ଭାବେ ଜିଲା ପରିଷଦ ଏପିଡି ତରଣୀ ସୁନା, ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ଜାତୀୟ ବିସମିଲ୍ଲା ଖାନ୍ ପୁରସ୍କାରପ୍ରାପ୍ତ ରବି ରତନ ସାହୁ, ଗବେଷକ ସୁରେନ୍ଦ୍ର ସାହୁ, କାଳୀ ଚରଣ ବାଗ, ଡ. ନୀଳାଞ୍ଚଳ ନନ୍ଦ, ସୁଦାମ ବିଶି, ନେପାଳ ଚନ୍ଦ୍ର ବାଗ, ବିଜୟ ଚନ୍ଦ୍ର ବାରିକ, ବୀରେନ୍ଦ୍ର କୁମାର ଝାଙ୍କର ଯୋଗଦାନ କରିଥିଲେ। ଅତିଥିମାନେ ନିଜ ଅଞ୍ଚଳର ଲୋକ କଳା ଓ ଲୋକ ସଂସ୍କୃତି ଗବେଷଣା ଉପରେ ଅଧିକ ଧ୍ୟାନ ଦେବା ସହ ନିଷ୍ଠାପର ଭାବେ ଏହାକୁ ସମୃଦ୍ଧ କରିବାକୁ କହିଥିଲେ। ଗବେଷଣା ବଳରେ ଜାତୀୟ, ଆନ୍ତର୍ଜାତିକ ସ୍ତରରେ ବ୍ୟକ୍ତିଗତ ଭାବେ ଏବଂ ଗୋଟିଏ ଅଞ୍ଚଳକୁ ସ୍ୱୀକୃତି ଓ ସମ୍ମାନ ମିଳୁଥିବାରୁ ଏ ଦିଗରେ ଯୁବଗୋଷ୍ଠୀ, କଳାକାର ଏବଂ ଗବେଷକମାନେ ଅଧିକ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଗବେଷକ କୀର୍ତ୍ତନ ଦୀପ ସଂଯୋଜନା କରିଥିଲେ। ଅତିଥି ଭାବେ ସତ୍ୟ ନାରାୟଣ ଭୋଇ, ଶମ୍ଭୁ ନାଗ, ପ୍ରହ୍ଲାଦ ଦର୍ଜି, ନାଟ୍ୟକାର ପ୍ରକାଶ ଥନାପତି, ଗବେଷକ ନବୀନ କୁଅଁର, ସନ୍ଦୀପ କୁମାର କୁଅଁର, ସୂର୍ଯ୍ୟମଣି ସୁନା, ତରଣୀସେନ ଦୀପ ମଞ୍ଚାସୀନ ଥିଲେ। ଏହି ଅବସରରେ ଡକ୍ଟରେଟ୍ ପାଇଥିବା ନୀଳାଞ୍ଚଳ ନନ୍ଦ ଏବଂ ବାସନ୍ତୀ ନନ୍ଦଙ୍କ ସହିତ ୮ ଜିଲାର ଗବେଷକ ଏବଂ ମେଧାବୃତ୍ତିପ୍ରାପ୍ତ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାନନ ସେଠ, ଅଭିନେତା ହିମାଂଶୁ ଖମାରୀ, ରାଧେଶ୍ୟାମ ତ୍ରିପାଠୀ, ବାସୁଦେବ ମୁଗ୍ରୀ, ମହିଳା ସଭାନେତ୍ରୀ ସବିତା ନନ୍ଦ, ସୀତାରାମ କୁମ୍ଭାର, ଜ୍ୟୋତିଷ ମୁଗ୍ରୀ, ବିପିନ ବିହାରୀ ବାରିକଙ୍କ ସମେତ ପଶ୍ଚିମ ଓଡିଶାର ୧୧ ଜିଲାର ଗବେଷକ, କଳାକାର, ସଙ୍ଗଠକ ଏବଂ କଳାପ୍ରେମୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କୀର୍ତ୍ତି ରଞ୍ଜନ ସିଂ ଏବଂ ମନୋରଞ୍ଜନ ପଟେଲ ସହଯୋଗ କରିଥିଲେ।



ସମ୍ବର୍ଦ୍ଧନା ଉତ୍ସବରେ ଗବେଷକ ଡ. ନୀଳାଞ୍ଚଳ ନନ୍ଦଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ପଶ୍ଚିମ ଓଡିଶାସ୍ତରୀୟ ଲୋକ କଳା, ଲୋକ ସଂସ୍କୃତି ଗବେଷକ ସମାବେଶ**

- ଯୁବଗୋଷ୍ଠୀଙ୍କୁ ଗବେଷଣା ପ୍ରତି ଆଗ୍ରହୀ ହେବାକୁ ଆହ୍ୱାନ
- ବିଭିନ୍ନ ଜିଲାର ଗବେଷକ, କଳାକାର ସମ୍ବର୍ଦ୍ଧିତ

# ଲକ୍ଷ୍ମୀପୋର ପୋଲିସ ଷ୍ଟେଶନ କାର୍ଯ୍ୟକ୍ଷମ କରିବାକୁ ଏସ୍‌ପିଙ୍କୁ ଦାବିପତ୍ର

**ବଲାଙ୍ଗୀର,୭।୬(ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ବ୍ୟାଚ୍ ସାମାଜିକ ଓ ସାଂସ୍କୃତିକ ସଂଘ ପକ୍ଷରୁ ବଲାଙ୍ଗୀର ଲକ୍ଷ୍ମୀପୋର ପୋଲିସ ଷ୍ଟେସନ କାର୍ଯ୍ୟକ୍ଷମ କରିବା ଦାବି ନେଇ ଏସ୍‌ପିଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସଂଘ ସଭାପତି ରତନ ମହାରଣାଙ୍କ ନେତୃତ୍ୱରେ ଶୁକ୍ରବାର ସଦସ୍ୟମାନେ ବଲାଙ୍ଗୀର ଏସ୍‌ପି ଅଭିଳାଷ ଜି.ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ବଲାଙ୍ଗୀର ସହରରେ ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ଏବଂ ଅସାମାଜିକ ବ୍ୟକ୍ତିମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସପିଙ୍କୁ ଦାବି ଜଣାଇବା ସହ ବଲାଙ୍ଗୀରକୁ ରାଜ୍ୟର ଏକ ନମ୍ବର ଶାନ୍ତି ଓ ପ୍ରଗତିଶୀଳ ଜିଲା ଭାବେ ପରିଗଣିତ କରିବା ଦିଗରେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ସଂଘ ସଂପାଦକ ଡା. ସୁକାନ୍ତ ପୁରୋହିତ, କୋଷାଧ୍ୟକ୍ଷ ବ୍ରଜବନ୍ଧୁ ସାଏ, କାର୍ଯ୍ୟକାରିଣୀ ସଭ୍ୟ ମୋହନ ଗୋପାଳ ପଣ୍ଡା, ନରେନ୍ଦ୍ର କୁମାର ଆଚାର୍ଯ୍ୟ, ସତ୍ୟ ନାରାୟଣ ପଣ୍ଡା, ଭଗବାନ ବଗର୍ତ୍ତି, ଡା. ସିଦ୍ଧେଶ୍ୱର ମିଶ୍ର ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ । ଯଥାଶୀଘ୍ର ଲକ୍ଷ୍ମୀପୋର ପୋଲିସ ଷ୍ଟେସନ ଖୋଲିବ ବୋଲି ଏସ୍‌ପି ଅଭିଳାଷ ଜି. ପ୍ରତିଶ୍ରୁତି ଦେଇଥିବା ସଂଘ ସଦସ୍ୟମାନେ ଜଣାଇଛନ୍ତି।



ସଂଘ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଉଛି।

# ଖଇର କାଠ ସହ ଗାଡ଼ି ଜବତ: ଡ୍ରାଇଭର କୋର୍ଟ ଚାଲାଣ



ଜବତ ଖଇର କାଠ ସହ ଗାଡ଼ି।

**ଲାଠୋର,୭।୬(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବନ ବିଭାଗ ପକ୍ଷରୁ ଶୁକ୍ରବାର ରାତିରେ ଧଉଁରାଖମନ ଛକ ନିକଟରେ ଚଢାଉ କରାଯାଇ ୨୨ କୁଇଣ୍ଟାଲ ଖଇର କାଠ ସହ ଗାଡ଼ି ଜବତ ହୋଇଛି । ଏହି ଘଟଣାରେ ଗାଡି ଡ୍ରାଇଭର ସନ୍ତୋଷ ମାଝୀଙ୍କୁ ପୋଲିସ ଗିରଫ କରି ଶନିବାର ପାଟଣାଗଡ କୋର୍ଟ ଚାଲାଣ କରିଛି ।

ବନ ବିଭାଗ ସୂଚନା ଅନୁଯାୟୀ, ମୁରିବାହାଲ ରେଞ୍ଜ ଅଧୀନ ଗୁଡିଘାଟ ଗ୍ରାମର ଡ୍ରାଇଭର ସନ୍ତୋଷ ଏକ ମହିନ୍ଦ୍ରା ପିକ୍‌ଅପ୍ (ନଂ ଓଆର-୦୩-ଇ-୭୧୮୭) ଯୋଗେ ଖଇର କାଠ ଚୋରା ଚାଲାଣ କରୁଥିଲେ । କାଠ ଲାଠୋର ରେଞ୍ଜ ଅଧୀନ ବେନ୍ଦେର ଜଙ୍ଗଲରୁ ଗୁଡିଘାଟ ଯାଉଥିଲା । ଚାଲାଣ ବେଳେ କୌଣସି ବିଶ୍ୱସ୍ତ ସୂତ୍ରରୁ ବନ ଅଧିକାରୀ ଶୈଳେଶ କୁମାର ବିଶି ଖବର ପାଇଥିଲେ । ପରେ ଫରେଷ୍ଟର ସାଗରିକା ସେଠ,ସନ୍ଧ୍ୟାରାଣୀ ସେଠ, ବନରକ୍ଷୀ ଉଦ୍ଧବ ହରପାଲ, ମହେନ୍ଦ୍ର କାଲସାଏ ଏବଂ ପାରା ଷ୍ଟାଫ୍ ମିଳିତ ଭାବେ ପିଛା କରି କାଠ ବୋଝେଇ ଗାଡ଼ିକୁ ଧଉଁରାଖମନ ଛକଠାରେ ଧରିଥିଲେ । ଗାଡିରେ କାଠ ଥିବା ଜଣାପଡିବା ପରେ ଡ୍ରାଇଭରକୁ ଗିରଫ କରି ଲାଠୋରସ୍ଥିତ ବନ କାର୍ଯ୍ୟାଳୟକୁ ଆଣି ତଦନ୍ତ କରିଥିଲେ । ଡ୍ରାଇଭର ସନ୍ତୋଷଙ୍କ କହିବା ଅନୁଯାୟୀ, ଉକ୍ତ କାଠ ବେନ୍ଦେର ସଂରକ୍ଷିତ ଜଙ୍ଗଲରୁ ଗୁଡିଘାଟ ଗ୍ରାମର ମାନସ ରଞ୍ଜନ ଖମାରୀଙ୍କ ପାଖକୁ ଯାଉଥିଲା । ଆମେ କେସରେ ତାଙ୍କ ନାମ ମଧ୍ୟ ମେନସନ କରିଛୁ ବୋଲି ରେଞ୍ଜର ବିଶି ପ୍ରକାଶ କରିଛନ୍ତି । ହେଲେ ତାଙ୍କୁ ବନ ବିଭାଗ ଗିରଫ କରି ନଥିବା ଜଣାପଡିଛି। ଘଟଣାର ତଦନ୍ତ ପରେ ଶନିବାର ଲାଠୋର ରେଞ୍ଜ କେସ ନଂ ଓଆର ୭୭/୨୫-୨୬ ରେ ଏକ ମାମଲା ରୁଜୁ ହୋଇଛି ।

ବାରମ୍ବାର ଲାଠୋର ରେଞ୍ଜ ଅଞ୍ଚଳରୁ ଖଇର କାଠ ଚୋରା ଚାଲାଣ ହେଉଥିଲେ ମଧ୍ୟ ବନ ବିଭାଗ ରୋକ ଲଗାଇବାରେ ବିଫଳ ହେଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ଗ୍ରହଣ ନ କଲେ ଖୁବ କମ ଦିନ ଭିତରେ ଜଙ୍ଗଲ ପଦା ହୋଇଯିବ ବୋଲି ଜଙ୍ଗଲ ପ୍ରେମୀମାନେ ପ୍ରକାଶ କରିଛନ୍ତି ।

## ପ୍ରଭାବତୀ ସ୍କୁଲକୁ ପ୍ରକୃତି ମିତ୍ର ସମ୍ମାନ

**ଟିଟିଲାଗଡ଼,୭।୬(ଶରତ ମିଶ୍ର)**

ଶ୍ରୀ ଶ୍ରୀ ଦାଦିଜୀ ମନ୍ଦିର ଟ୍ରଷ୍ଟ ଦ୍ୱାରା ପରିଚାଳିତ ପ୍ରଭାବତୀ ପବ୍ଲିକ ସ୍କୁଲ ବଲାଙ୍ଗୀର ଜିଲାର ଟିଟିଲାଗଡ଼ ଅଞ୍ଚଳରେ ଉଚ୍ଚମାନର ଶିକ୍ଷା ପ୍ରଦାନ ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂସ୍କାର, ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ପ୍ରିନ୍ସିପାଲ ଡ଼. ସୁନନ୍ଦା ଜତିଙ୍କ ମାର୍ଗ ଦର୍ଶନ ତଥା ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶଙ୍କର ଗୁପ୍ତା, ଉପସଭାପତି ସିଏ ଆନନ୍ଦ ଜୈନ, ମ୍ୟାନେଜିଂ ଟ୍ରଷ୍ଟି ଶ୍ୟାମଲତା ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଅଧ୍ୟାପନା ମଣ୍ଡଳୀ, କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସହାଭାଗିତାରେ ବିଦ୍ୟାଳୟ ପରିସରରେ ୧୫୦୦ ଚାରାରୋପଣ ସହ ସବୁଜିମା ସୃଷ୍ଟି କରାଯାଇଛି। ଚଳିତବର୍ଷ ଆହୁରି ୧୨୦୦ ଚାରାରୋପଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବିଦ୍ୟାଳୟ ପରିସର ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ମୁକ୍ତ ହୋଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉତ୍ସାହଜନକ ହୋଇଛି। ଫଳରେ ଟିଟିଲାଗଡ଼ ବ୍ଲକର ଏକମାତ୍ର ଶିକ୍ଷାନୁଷ୍ଠାନ ଭାବରେ ପ୍ରଭାବତୀ ସ୍କୁଲକୁ ପ୍ରକୃତି ମିତ୍ର ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରଠାରେ ବିଶ୍ୱ ପରିବେଶ ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ବିଦ୍ୟାଳୟର ପ୍ରିନ୍ସିପାଲ ଡ଼. ସୁନନ୍ଦା ଜତିଙ୍କୁ ଏହି ସମ୍ମାନ ପତ୍ର ପ୍ରଦାନ କରିଛନ୍ତି ।

## ବିଶ୍ୱ ପରିବେଶ ଦିବସ ପାଳିତ

**ଟିଟିଲାଗଡ଼,୭।୬(ସନ୍ତୋଷ ପଟ୍ଟନାୟକ)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପରିବେଶବିତ୍ କ୍ଷମାନିଧି ଶତପଥୀ ଯୋଗଦେଇ ପରିବେଶ ସୁରକ୍ଷା ଓ ପ୍ରଦୂଷଣରୁ କିପରି ରକ୍ଷା ପାଇବ ସେ ସମ୍ପର୍କରେ କହିଥିଲେ । ଏହି ଅବସରରେ ବିଦ୍ୟାଳୟର ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା, ସହସମ୍ପାଦକ ମାନସ ସେଠ, ସହ ପ୍ରଧାନ ଆଚାର୍ଯ୍ୟ ନୃପରାଜ ସେଠ, ଗୁରମା ହର୍ସିତା ମାଝୀ, ବିଦ୍ୟାଳୟର ଗୁରୁଜୀ ଗୁରୁମା ଏବଂ ସେବକ ସେବିକାଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଗୁରୁଜୀ ଗୁରୁମା, ସେବିକାସେବକ ଏବଂ ପରିଚାଳନା ସମିତି କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ



ବୈଠକରେ ଉପସ୍ଥିତ ସଦସ୍ୟମାନେ।

**ବଲାଙ୍ଗୀର,୭।୬(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ନୃସିଂହ ମନ୍ଦିର ପରିସରରେ ଶନିବାର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ମାସିକ ବୈଠକ ସଭାପତି ଗୋବିନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସମ୍ପାଦକ କୃଷ୍ଣଚନ୍ଦ୍ର ନାଥ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବରିଷ୍ଠ ସଭ୍ୟ ସତ୍ୟବନ୍ତ ବେଦବାକ୍, ପ୍ରଭାକର ମିଶ୍ର, ଶ୍ୟାମ ସୁନ୍ଦର ଦାଶ, ନରେନ୍ଦ୍ର କବାଟ, ହରେକୃଷ୍ଣ ପଟେଲ, କୃଷ୍ଣଚନ୍ଦ୍ର ମହାକୁର, ପୁରୁଷୋତ୍ତମ ପଣ୍ଡା, ପ୍ରାଣବଲ୍ଲଭ ତ୍ରିପାଠୀ ଓ ଚୈତନ୍ୟ ପଟେଲ ଉପସ୍ଥିତ ରହି ସଂଘର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । ଆନନ୍ଦ ଷାଣ୍ଢ ନୂତନ ସଭ୍ୟ ଭାବେ ଯୋଗ ଦେବାରୁ ତାଙ୍କୁ ଅଭିନନ୍ଦନ ଓ ସ୍ୱାଗତ କରାଯାଇଥିଲା । ଶେଷରେ ଶ୍ୟାମ ସୁନ୍ଦର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଉପରେ ଗୁରୁତ୍ୱ

**ଖପ୍ରାଖୋଲ,୭।୬(ଅଭୟ ତ୍ରିପାଠୀ)**

**ଜୈବ ବିବିଧତା ଉପରେ ଆଲୋଚନାଚକ୍ର**

ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ବିଶ୍ୱ ପରିବେଶ ଦିବସ ଅବସରରେ ଗାଁ ମୁକ୍ତି ସଙ୍ଗଠନ ତରଫରୁ ଗୋଷ୍ଠୀଗତ ଜଙ୍ଗଲ ଅଧିକାର, ଜୈବ ବିବିଧତାର ସୁରକ୍ଷା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୋଲାପ ନିଆଲ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ପରିବେଶ କର୍ମୀ ଅଭିଳାଷ ଭୋଇ, ଧରମ ସିଂ ଧରୁଆ, ଗୋଲାପି ବିଶି, ପଲସ୍ତର ବରିହା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶ ପ୍ରମୁଖ ଯୋଗଦେଇ ଗୋଷ୍ଠୀ ଜଙ୍ଗଲ ପରିଚାଳନା ଉପରେ ଆଲୋକପାତ କରିଥିଲେ । ଏଥିସହିତ ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ସେହି ପରି ଦ୍ୱିତୀୟ ଅଧିବେଶନରେ ଜିଲା ଜଙ୍ଗଲ ସୁରକ୍ଷା ଫୋରମ ଆବାହକ କୁଳମଣି ସାହୁ, ବ୍ଲକ ଉପାଧ୍ୟକ୍ଷ ଶୁଖିରାମ ସାଣ୍ଡ, ଆଦିବାସୀ ନେତା ବିପ୍ର ବିଶି, ସାଗୁଆ ବଲାଙ୍ଗୀର ସଦସ୍ୟ ବିଶ୍ୱେଶ୍ୱର ମିଶ୍ର, ଜିନ୍ଦାବାଦ ସଙ୍ଗଠନ ଉପଦେଷ୍ଟା ଆଇନଜୀବୀ ତ୍ରିଲୋଚନ ପୁଞ୍ଜି, ସାମାଜିକ କର୍ମୀ ଅଭୟ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅତିଥିମାନେ ଚାରାରୋପଣ କରିଥିଲେ। ଶେଷରେ ଗୋଲାପ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଉପରଉଡ଼ାର ଗାଁରେ ଉତ୍କଟ ଜଳ ସଙ୍କଟ

**ଲୋଇସିଂହା,୭।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତ ଉପରଉଡାର ଗ୍ରାମରେ ଉତ୍କଟ ଜଳ ସଙ୍କଟ ଦେଖାଦେଇଛି। ଗ୍ରାମର ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ଏହାଛଡା ଗ୍ରାମରେ ଥିବା ୩ ଟି ନଳକୂପ ମଧ୍ୟରୁ ୪ ମାସ ହେବ ୨ଟି ଅକାମି ହୋଇଯାଇଛି । ଏକମାତ୍ର ନଳକୂପ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନାହିଁ। ସେହିପରି ପଞ୍ଚାୟତ ପକ୍ଷରୁ ଦିନକୁ ଦୁଇ ଥର ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଣ ହେଉଛି। ହେଲେ ତାହା ପର୍ଯ୍ୟାପ୍ତ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ସ୍ଥାନୀୟ ବିଧାୟକ, ଜିଲାପାଳ, ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ସୁଫଳ ମିଳିପାରିନାହିଁ। ଫଳରେ ଶୁକ୍ରବାର ଗ୍ରାମବାସୀ ଗରା,ମାଠିଆ ଧରି ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା। ୨ ୱାର୍ଡ ବିଶିଷ୍ଟ ଉପରଉଡାର ଗ୍ରାମର ଲୋକସଂଖ୍ୟା ପ୍ରାୟ ୧୫ ଶହ। ନିକଟସ୍ଥ ସୁକତେଲ ନଦୀରୁ ଗ୍ରାମକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ହେଲେ ଗ୍ରୀଷ୍ମ ଋତୁ ପୂର୍ବରୁ ପାନୀୟ ଜଳ ପ୍ରକଳ୍ପ ବନ୍ଦ ହୋଇଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ଓ ଆବଶ୍ୟକ ନଳକୂପ ଖନନ ପାଇଁ ମେ ୧୯ ତାରିଖରେ ବ୍ଲକ ପରିସରରେ ଅନୁଷ୍ଠିତ ଜିଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମବାସୀ ଫେରାଦ ହୋଇଥିଲେ। ଶିବିରରେ ଉପସ୍ଥିତ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଅଦ୍ୟାବଧି ବିହିତ ପଦକ୍ଷେପ ନିଆଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ଗ୍ରାମର ୱାର୍ଡ ସଭ୍ୟ ବୀରେନ୍ଦ୍ର ବଗର୍ତ୍ତି,ରବିଚନ୍ଦ୍ର ସାହୁ,ଗୁପି ବିଶ୍ୱାଳ, ଦେବେନ୍ଦ୍ର ବିଶ୍ୱାଳ, ଲତାରାଣୀ ନାହାକ, ମମତା ସାହୁ ଓ ସସ୍ମିତା ବଗର୍ତ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି ।



ପାନୀୟ ଜଳ ସମସ୍ୟା ସମାଧାନ ଦାବିରେ ଗରା, ମାଠିଆ ଧରି ଗ୍ରାମବାସୀ ପ୍ରତିବାଦ କରୁଛନ୍ତି।

- ପାନୀୟ ଜଳ ପ୍ରକଳ୍ପ ଅଚଳ
- ପର୍ଯ୍ୟାପ୍ତ ହେଉନି ଟ୍ୟାଙ୍କର ପାଣି

# ମୁଖ୍ୟମନ୍ତ୍ରୀଙ୍କୁ ସଚେତନ ନାଗରିକ ମଞ୍ଚର ସ୍ମାରକପତ୍ର

**ସୋନପୁର,୭।୬(ମୃତ୍ୟୁଞ୍ଜୟ ଶତପଥୀ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁବର୍ଣ୍ଣପୁର ଗସ୍ତ ଅବସରରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଞ୍ଚର ଏକ ପ୍ରତିନିଧି ମଣ୍ଡଳୀ ସର୍କିଟ ହାଉସଠାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ସମ୍ବଲପୁର-ଗୋପାଳପୁର ରେଳପଥ ସୁବର୍ଣ୍ଣପୁର ଜିଲା ସଦର ମହକୁମା ଦେଇ ନିର୍ମାଣ କରିବା, ମହାନଦୀ ଉପରେ ପ୍ରସ୍ତାବିତ ଗୋଧନେଶ୍ୱର ଓ ଖଇରମାଲ ବ୍ୟାରେଜ ଶୀଘ୍ର ନିର୍ମାଣ କରିବା, କୃଷି ମହାବିଦ୍ୟାଳୟ ଏବଂ ମତ୍ସ୍ୟ ମହାବିଦ୍ୟାଳୟ ସୁବର୍ଣ୍ଣପୁରଠାରେ ଶୀଘ୍ର ପ୍ରତିଷ୍ଠା ସହିତ ଜିଲାକୁ ଏକ ହେରିଟେଜ ଜିଲା ଭାବେ ଘୋଷଣା ସହ ପର୍ଯ୍ୟଟନର ବିକାଶ ପାଇଁ ପାତାଳୀ ଶ୍ରୀକ୍ଷେତ୍ର ଓ ସନ୍ଥକବି ଭୀମ ଭୋଇଙ୍କ ସମାଧି ପୀଠ ଓ ସୁବର୍ଣ୍ଣପୁର ସହରକୁ ନେଇ ଏକ ପର୍ଯ୍ୟଟନ କୋରିଡ଼ର ନିର୍ମାଣ ପାଇଁ ଅନୁରୋଧ କରଯାଇଛି । ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ର, ଗୁଣନିଧି ମେହେରଙ୍କ ସମେତ ବାଙ୍କାନିଧି ରାୟଗୁରୁ, ମହେଶ ପୂଝାରୀ, ଅକ୍ଷୟ କୁମାର ସେଠୀ, ଦୁଃଖିରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ବରିଷ୍ଠ ନାଗରିକମାନେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ବରିଷ୍ଠ ନାଗରିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘ ତରଫରୁ ସର୍କିଟ ହାଉସରେ ଜିଲାର ବିଭିନ୍ନ ଦାବି ସମ୍ପର୍କୀତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ଡ. ଜ୍ୟୋତି ରଞ୍ଜନ ବହିଦାରଙ୍କ ନେତୃତ୍ୱରେ ସଂଘର ଉପଦେଷ୍ଟା ଗୋରେଖନାଥ ସାହୁ, ଡ. ସନ୍ତୋଷ କୁମାର ପାଢ଼ୀ, ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସ୍ଥାୟୀ ଗୃହ ପାଇଁ ଆର୍ଥିକ ଅନୁଦାନ ସହ ସୁବର୍ଣ୍ଣପୁର ସହର ରିଙ୍ଗ ରୋଡ, ଅଙ୍ଗ କେନାଲ ସମ୍ପ୍ରସାରଣ ସମ୍ପୂର୍ଣ୍ଣ କରିବା, ବରିଷ୍ଠ ନାଗରିକମାନଙ୍କୁ ରେଳ, ବସ, ଉଡାଜାହାଜରେ ରିହାତିର ପୁନଃ ପ୍ରଚଳନ ପାଇଁ ଅନୁରୋଧ କରାଯାଇଛି। ଉକ୍ତ ଦାବି ପୂରଣ ପାଇଁ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରିବା ପାଇଁ ମଧ ନିଷ୍ପତ୍ତି ହୋଇଛି ।

ସେହିପରି ସୋନପୁର କଲେଜ ପୁରାତନ ଛାତ୍ର ସଂଘ ପକ୍ଷରୁ ସଭାପତି ଡ. ପ୍ରଫୁଲ୍ଲ କୁମର ରଥ କଲେଜକୁ ସରକାରୀ କରିବା ପାଇଁ ଅନୁରୋଧ କରିଥିଲେ। ଖଲିଆପାଲି ସ୍ଥିତ ଭୀମଭୋଇ ଟ୍ରଷ୍ଟ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ ସହ ପୀଠକୁ ଆସିବା ପାଇଁ ନିମନ୍ତ୍ରଣ କରଯାଇଥିଲା।

## କାର୍ଯ୍ୟରତ ଅବସ୍ଥାରେ କନ୍‌ଷ୍ଟେବଲଙ୍କ ମୃତ୍ୟୁ

**ଅମରପାଲି,୭।୬(ପୀତାମ୍ବର ସାହୁ)**


ହରେନ୍ଦ୍ର ଧରୁଆ ।

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନାରେ କାର୍ଯ୍ୟରତ କନଷ୍ଟେବଲଙ୍କ ଶନିବାର ସକାଳେ ମୃତ୍ୟୁ ଘଟିଛି। ମୃତ କନଷ୍ଟେବଲ ହେଲେ ହରେନ୍ଦ୍ର ଧରୁଆ(୫୨)। ଶୁକ୍ରବାର ରାତିରୁ ସେ ସୁବଳୟା ଥାନାରେ ସେଣ୍ଟ୍ରି ଡ୍ୟୁଟିରେ ଥିଲେ। ଶନିବାର ସକାଳୁ ହଠାତ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ସୁବଳୟା ଡାକ୍ତରଖାନା ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ନ ଥିବାରୁ ତାଙ୍କୁ ବୀରମହାରାଜପୁର ଡାକ୍ତରଖାନା ନିଆଯାଇଥିଲା। ମାତ୍ର ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ବୀରମହାରାଜପୁର ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସୁବଳୟା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୨୫)ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ଶନିବାର ଅପରାହ୍ନରେ ମୃତ ଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ହରେନ୍ଦ୍ରଙ୍କ ଘର ବଲାଙ୍ଗୀରରେ। ଦୁଇ ବର୍ଷ ହେଲା ସେ ସୁବଳୟା ଥାନାରେ କନଷ୍ଟେବଲଭାବେ କର୍ଯ୍ୟ କରୁଥିଲେ। ତାଙ୍କ ପରିବାର ବର୍ଗଙ୍କୁ ପୋଲିସ ୱେଲଫେୟାର ଫଣ୍ଡରୁ ୨୫ ହଜାର ଟଙ୍କାର ସହାୟତା ରାଶି ଶୁଦ୍ଧିକ୍ରିୟା ପାଇଁପ୍ରଦାନ କରାଯାଇଥିବା ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ପ୍ରକାଶ କରିଛନ୍ତି। କାର୍ଯ୍ୟରତ ଥାଇ ମୃତ୍ୟୁବରଣ କରିଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

## ବିଶ୍ୱ ପରିବେଶ ଦିବସ ପାଳିତ

**ଟିଟିଲାଗଡ଼,୭।୬(ସନ୍ତୋଷ ପଟ୍ଟନାୟକ)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପରିବେଶବିତ୍ କ୍ଷମାନିଧି ଶତପଥୀ ଯୋଗଦେଇ ପରିବେଶ ସୁରକ୍ଷା ଓ ପ୍ରଦୂଷଣରୁ କିପରି ରକ୍ଷା ପାଇବ ସେ ସମ୍ପର୍କରେ କହିଥିଲେ । ଏହି ଅବସରରେ ବିଦ୍ୟାଳୟର ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା, ସହସମ୍ପାଦକ ମାନସ ସେଠ, ସହ ପ୍ରଧାନ ଆଚାର୍ଯ୍ୟ ନୃପରାଜ ସେଠ, ଗୁରମା ହର୍ସିତା ମାଝୀ, ବିଦ୍ୟାଳୟର ଗୁରୁଜୀ ଗୁରୁମା ଏବଂ ସେବକ ସେବିକାଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଗୁରୁଜୀ ଗୁରୁମା, ସେବିକାସେବକ ଏବଂ ପରିଚାଳନା ସମିତି କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ସଂକ୍ଷେପରେ

### ୩ କଂଗ୍ରେସ କର୍ମୀ ଅଟକ

**ଉଲୁଣ୍ଡା, ୭।୬(ଗୌରଚନ୍ଦ୍ର ପରିଛା)**

ମୁଖ୍ୟମନ୍ତ୍ରୀଙ୍କ ଶନିବାର ସୁବର୍ଣ୍ଣପୁର ଗସ୍ତକୁ ଆଖିଆଗରେ ରଖି ୩ଜଣ କଂଗ୍ରେସ କର୍ମୀଙ୍କୁ ଅଟକ ରଖିଥିଲା ଉଲୁଣ୍ଡା ପୋଲିସ। ମୁଖ୍ୟ ମନ୍ତ୍ରୀଙ୍କ ଗସ୍ତ ସମୟରେ ଯେମିତି କୌଣସି ବାଧା ସୃଷ୍ଟି ନହୁଏ ସେଥି ପାଇଁ ସକାଳ ୯ଟାରୁ ଉଲୁଣ୍ଡା ବ୍ଲକ କଂଗ୍ରେସ ସଭାପତି ପ୍ରଭୁଦତ ବସ୍ତିଆ, ତ୍ରିପୁରାରି ସେଠ ଏବଂ ସୁରେନ୍ଦ୍ର ମହାକୁରଙ୍କୁ ପୋଲିସ ଉଠାଇ ନେଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସରିବ ପରେ ସନ୍ଧ୍ୟା ୬ଟାରେ କଂଗ୍ରେସ କର୍ମୀ ମାନଙ୍କୁ ପୋଲିସ ଛାଡି ଦେଇଥିଲା।

### ଯୁବକଙ୍କୁ ମାଡ଼ ମାରିବା ଅଭିଯୋଗରେ ଜେଲ ଗଲେ ୪ ଅଭିଯୁକ୍ତ

**ଲାଠୋର,୭।୬(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ମସିଣା ଗ୍ରାମସ୍ଥିତ ନିଜ ଭିଣୋଇ ଘରକୁ ବୁଲି ଆସିଥିବା ଜଣେ ଯୁବକ ଙ୍କୁ ଗ୍ରାମର ୪ ଜଣ ଯୁବକ ନିସ୍ଥୁକ ମାଡ଼ ମାରି ଶନିବାର ଜେଲ ଯାଇଥିବା ଜଣାପଡିଛି ।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ବରଗଡ ଜିଲା ବୁଡେନ ଥାନା ଅଧୀନ ଡ଼ଙ୍ଗାଛଞ୍ଚା ଗ୍ରାମର ନିରଜ ବୁଡ଼େକ ଭିଣୋଇ ଘରକୁ ଆସିଥିଲେ। ଗୁରୁବାର ସନ୍ଧ୍ୟା ବେଳେ ମସିଣା ଗ୍ରାମର ଅର୍ଜୁନ ଭୋଇ, ଘନଶ୍ୟାମ ମେହେର, ସୀତାରାମ ମଲ୍ଲିକ ଏବଂ ମନୋଜ ମଲ୍ଲିକ ନିରଜଙ୍କ ବାଇକ୍ ଚଲାକୁ ବିରୋଧ କରି ଯୁକ୍ତିତର୍କ କରିଥିଲେ। ଯୁକ୍ତିତର୍କ ବଢି ଯିବାରୁ ସମ୍ପୃକ୍ତ ୪ ଜଣ ଯୁବକ ତାଙ୍କୁ ମାଡ଼ ମାରିଥିଲେ। ଏନେଇ ନିରଜ ଶୁକ୍ରବାର ଲାଠୋର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨), ୨୯୬, ୧୧୫(୨), ୩୫୧(୩), ୧୮୯(୨), ୧୮୯(୪), ୧୯୦ରେ ଏକ ମାମଲା (୧୦୫/୨୫)ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ପରେ ସମ୍ପୃକ୍ତ ୪ ଜଣ ଯୁବକଙ୍କୁ ଶନିବାର ପାଟଣାଗଡ କୋର୍ଟ ଚାଲାଣ କରାଯାଇଛିବୋଲିଥାନାଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି ।

### ଜୈବିକ ଚାଷ ନେଇ କୃଷି କର୍ମଶାଳା

**ପାଟଣାଗଡ଼,୭।୬(ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀକକ୍ଷଠାରେ ବିଡିଓ ସୁମନ ମିଞ୍ଜଙ୍କ ଅଧକ୍ଷତାରେ ଶୁକ୍ରବାର ଜୈବିକ ଚାଷ ସମ୍ବନ୍ଧୀୟ ଏକ କୃଷି କର୍ମଶାଳା ଉଦ୍‌ଘାଟିତ ହୋଇଛି। କର୍ମଶାଳାରେ ବ୍ଲକର ୧୦ ଗୋଟି ପଞ୍ଚାୟତର ଏସଏସଜି ମହିଳାମାନେ ଯୋଗ ଦେଇଥିବା ବେଳେ ଏହା ୫ ଦିନ ଧରି ଚାଲିବ। କର୍ମଶାଳାରେ ମହିଳାମାନେ ପ୍ରଶିକ୍ଷଣ ନେବା ପରେ ପ୍ରତ୍ୟେକ ପଞ୍ଚାୟତରୁ ୧୨୫ ଜଣ ଚାଷୀଙ୍କୁ ମନୋନୀତ କରାଯିବ। ଚାଷୀମାନେ ଜୈବିକ ଚାଷ କରିବା ଫଳରେ ଅଧିକ ଲାଭ ପାଇପାରିବେ ବୋଲି ବିଡ଼ିଓ ମିଞ୍ଜ କହିଛନ୍ତି। କର୍ମଶାଳାରେ କୃଷିବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଖଇର କାଠ ସହ ଗାଡ଼ି ଜବତ: ଡ୍ରାଇଭର କୋର୍ଟ ଚାଲାଣ

**ଲାଠୋର,୭।୬(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବନ ବିଭାଗ ପକ୍ଷରୁ ଶୁକ୍ରବାର ରାତିରେ ଧଉଁରାଖମନ ଛକ ନିକଟରେ ଚଢ଼ାଉ କରାଯାଇ ୨୨ କୁଇଣ୍ଟାଲ ଖଇର କାଠ ସହ ଗାଡ଼ି ଜବତ ହୋଇଛି । ଏହି ଘଟଣାରେ ଗାଡି ଡ୍ରାଇଭର ସନ୍ତୋଷ ମାଝୀଙ୍କୁ ପୋଲିସ ଗିରଫ କରି ଶନିବାର ପାଟଣାଗଡ କୋର୍ଟ ଚାଲାଣ କରିଛି ।

ବନ ବିଭାଗ ସୂଚନା ଅନୁଯାୟୀ, ମୁରିବାହାଲ ରେଞ୍ଜ ଅଧୀନ ଗୁଡିଘାଟ ଗ୍ରାମର ଡ୍ରାଇଭର ସନ୍ତୋଷ ଏକ ମହିନ୍ଦ୍ରା ପିକ୍‌ଅପ୍ (ନଂ ଓଆର-୦୩-ଇ-୭୧୮୭) ଯୋଗେ ଖଇର କାଠ ଚୋରା ଚାଲାଣ କରୁଥିଲେ । କାଠ ଲାଠୋର ରେଞ୍ଜ ଅଧୀନ ବେଦେର ଜଙ୍ଗଲରୁ ଗୁଡିଘାଟ ଯାଉଥିଲା । ଚାଲାଣ ବେଳେ କୌଣସି ବିଶ୍ୱସ୍ତ ସୂତ୍ରରୁ ବନ ଅଧିକାରୀ ଶୈଳେଶ କୁମାର ବିଶି ଖବର ପାଇଥିଲେ । ପରେ ଫରେଷ୍ଟର ସାଗରିକା ସେଠ,ସନ୍ଧ୍ୟାରାଣୀ ସେଠ, ବନରକ୍ଷୀ ଉଦ୍ଧବ ହରପାଲ, ମହେନ୍ଦ୍ର କାଲସାଏ ଏବଂ ପାରା ଷ୍ଟାଫ୍ ମିଳିତ ଭାବେ ପିଛା କରି କାଠ ବୋଝେଇ ଗାଡ଼ିକୁ ଧଉଁରାଖମନ ଛକଠାରେ ଧରିଥିଲେ । ଗାଡିରେ କାଠ ଥିବା ଜଣାପଡିବା ପରେ ଡ୍ରାଇଭରକୁ ଗିରଫ କରି ଲାଠୋରସ୍ଥିତ ବନ କାର୍ଯ୍ୟାଳୟକୁ ଆଣି ତଦନ୍ତ କରିଥିଲେ । ଡ୍ରାଇଭର ସନ୍ତୋଷଙ୍କ କହିବା ଅନୁଯାୟୀ, ଉକ୍ତ କାଠ ବେଦେର ସଂରକ୍ଷିତ ଜଙ୍ଗଲରୁ ଗୁଡିଘାଟ ଗ୍ରାମର ମାନସ ରଞ୍ଜନ ଖମାରୀଙ୍କ ପାଖକୁ ଯାଉଥିଲା । ଆମେ କେସରେ ତାଙ୍କ ନାମ ମଧ ମେନସନ କରିଛୁ ବୋଲି ରେଞ୍ଜର ବିଶି ପ୍ରକାଶ କରିଛନ୍ତି । ହେଲେ ତାଙ୍କୁ ବନ ବିଭାଗ ଗିରଫ କରି ନଥିବା ଜଣାପଡିଛି। ଘଟଣାର ତଦନ୍ତ ପରେ ଶନିବାର ଲାଠୋର ରେଞ୍ଜ କେସ ନଂ ଓଆର ୭୭/୨୫-୨୬ ରେ ଏକ ମାମଲା ରୁଜୁ ହୋଇଛି ।

ବାରମ୍ବାର ଲାଠୋର ରେଞ୍ଜ ଅଞ୍ଚଳରୁ ଖଇର କାଠ ଚୋରା ଚାଲାଣ ହେଉଥିଲେ ମଧ ବନ ବିଭାଗ ରୋକ ଲଗାଇବାରେ ବିଫଳ ହେଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ଗ୍ରହଣ ନ କଲେ ଖୁବ କମ ଦିନ ଭିତରେ ଜଙ୍ଗଲ ପଦା ହୋଇଯିବ ବୋଲି ଜଙ୍ଗଲ ପ୍ରେମୀମାନେ ପ୍ରକାଶ କରିଛନ୍ତି ।

## ବିଶ୍ୱ ଯୋଗ ଦିବସ ନେଇ ପ୍ରସ୍ତୁତି ବୈଠକ


ଜିଲାପାଳଙ୍କ ଗହଣରେ ଯୋଗ ସମିତିର କର୍ମକର୍ତ୍ତା।

**ବୌଦ୍ଧ,୭।୬( ଅଜିତ କୁମାର ବାରିକ)**

ଆସନ୍ତା ୨୧ ତାରିଖରେ ବିଶ୍ୱ ଯୋଗ ଦିବସ ଆୟୋଜନ ହେବାକୁ ଥିବା ବେଳେ ବୌଦ୍ଧରେ ମହାସମାରୋହରେ ପାଳନ ନେଇ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଯୋଗ ମହୋତ୍ସବ ସମିତର ମାର୍ଗଦର୍ଶକ ଦେବାଶିଷ ପୁରୋହିତ, ଜିଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା, ସମ୍ପାଦକ ବିଜୟ ସାହୁଙ୍କ ନେତୃତ୍ୱରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଆଲୋଚନା କରିଥିଲେ। ଜିଲାର ପ୍ରତ୍ୟେକ ସ୍ଥାନରେ ଯେପରି ବହୁ ସଂଖ୍ୟାରେ ଲୋକେ ଅଂଶଗ୍ରହଣ କରିବେ ସେନେଇ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ଜିଲାପାଳ ପଣ୍ଡା ପରାମର୍ଶ ଦେଇଥିଲେ । ଜିଲା ଓ ବ୍ଲକ ସଦର ମହକୁମାଠାରେ ଛାତ୍ରୀଛାତ୍ର, ଅନୁଷ୍ଠାନ ଗୁଡିକ ସାମିଲ ନେଇ ମଧ ଆଲୋଚନା ହୋଇଥିଲା। ଆଲୋଚନାରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଭାବତୀ ସ୍କୁଲକୁ ପ୍ରକୃତି ମିତ୍ର ସମ୍ମାନ

**ଟିଟିଲାଗଡ଼,୭।୬(ଶରତ ମିଶ୍ର)**

ଶ୍ରୀ ଶ୍ରୀ ଦାଦିଜୀ ମନ୍ଦିର ଟ୍ରଷ୍ଟ ଦ୍ୱାରା ପରିଚାଳିତ ପ୍ରଭାବତୀ ପବ୍ଲିକ ସ୍କୁଲ ବଲାଙ୍ଗୀର ଜିଲାର ଟିଟିଲାଗଡ଼ ଅଞ୍ଚଳରେ ଉଚ୍ଚମାନର ଶିକ୍ଷା ପ୍ରଦାନ ସହ ଛାତ୍ରୀଛାତ୍ରଙ୍କ ମଧରେ ସଂସ୍କାର, ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ପ୍ରିନ୍ସିପାଲ ଡ଼. ସୁନନ୍ଦା ଜତିଙ୍କ ମାର୍ଗ ଦର୍ଶନ ତଥା ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶଙ୍କର ଗୁପ୍ତା, ଉପସଭାପତି ସିଏ ଆନନ୍ଦ ଜୈନ, ମ୍ୟାନେଜିଂ ଟ୍ରଷ୍ଟି ଶ୍ୟାମଲତା ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଅଧାପନା ମଣ୍ଡଳୀ, କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସହାଭାଗିତାରେ ବିଦ୍ୟାଳୟ ପରିସରରେ ୧୫୦୦ ଚାରାରୋପଣ ସହ ସବୁଜିମା ସୃଷ୍ଟି କରାଯାଇଛି। ଚଳିତବର୍ଷ ଆହୁରି ୧୨୦୦ ଚାରାରୋପଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବିଦ୍ୟାଳୟ ପରିସର ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ମୁକ୍ତ ହୋଇଛି। ଛାତ୍ରୀଛାତ୍ରଙ୍କ ମଧରେ ପରିବେଶ ସୁରକ୍ଷା ସଚେତନତା ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉତ୍ସାହଜନକ ହୋଇଛି। ଫଳରେ ଟିଟିଲାଗଡ଼ ବ୍ଲକର ଏକମାତ୍ର ଶିକ୍ଷାନୁଷ୍ଠାନ ଭାବରେ ପ୍ରଭାବତୀ ସ୍କୁଲକୁ ପ୍ରକୃତି ମିତ୍ର ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରଠାରେ ବିଶ୍ୱ ପରିବେଶ ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ବିଦ୍ୟାଳୟର ପ୍ରିନ୍ସିପାଲ ଡ଼. ସୁନନ୍ଦା ଜତିଙ୍କୁ ଏହି ସମ୍ମାନ ପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ (ପ୍ରଶାସନ ) ଧରିତ୍ରୀ ମହାନ୍ତି, ଜନସମ୍ପର୍କ ଅଧିକାରୀ ପ୍ରମୋଦ ପାଳ ଉପସ୍ଥିତ ଥିଲେ ।

## ବୀରମହାରାଜପୁରରେ କଂଗ୍ରେସ, ଆପ୍ ନେତା ଅଟକ


ବୀରମହାରାଜପୁର ଥାନାରେ ଅଟକ କଂଗ୍ରେସ ଓ ଆପ ନେତା।

**ବୀରମହାରାଜପୁର,୭।୬(ଯୁଗଳ କିଶୋର ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଶନିବାର ସୁବର୍ଣ୍ଣପୁର ଜିଲା ଗସ୍ତ ଅବ୍ୟବହିତ ପୂର୍ବରୁ ଗଣ୍ଡଗୋଳ ଆଶାଙ୍କାରେ ଶୁକ୍ରବାର ରାତିରେ ବିରୋଧୀ କଂଗ୍ରେସ ଓ ଆମ ଆଦମୀ ପାର୍ଟିର କେତେଜଣ ନେତାଙ୍କୁ ପୋଲିସ ଉଠାଇ ନେଇଥିଲା। ସୁବର୍ଣ୍ଣପୁର ଜିଲା ଆପ୍ ସଭାପତି ସୁରେଶ କଲତା, ଘନଶ୍ୟାମ ଭୋଇ, କଂଗ୍ରେସର ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ଜୋନ ୧ ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁ, କଂଗ୍ରେସ କର୍ମୀ ସୁରେଶ ପଣ୍ଡା, ସୁନୀଲ ପଧାନ, ପ୍ରକାଶ ମିର୍ଦ୍ଧାଙ୍କୁ ବୀରମହାରାଜପୁର ଥାନାରେ ଅଟକ ରଖିଥିଲା ପୋଲିସ। ଜିଲା ପରିଷଦ ସଭ୍ୟ ସାହୁ କହିଛନ୍ତି, ଜିଲା ପ୍ରଶାସନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭିଭିଆଇପି ପାସ୍ ଦିଆଯାଇଥିବା ବେଳେ ମୋତେ ପୋଲିସ ଥାନାରେ ଆଣି ଅଟକ ରଖିବା ଗଣତନ୍ତ୍ର ପ୍ରତି କୁଠାରଘାତ। ଜିଲ୍ଲାରେ ନାରୀ ଅସୁରକ୍ଷିତ। ପିସି କାରବାର, ଦୁର୍ନୀତି, ଅଦିନିଆ ବର୍ଷାରେ ଧାନ ଗଜା ହୋଇଥିବା ବେଳେ ଚାଷୀଙ୍କୁ କ୍ଷୟକ୍ଷତିର ଆକଳନ କରି ସହାୟତା ଭାଜପା ସରକାର ଦେଇନାହିଁ। ବର୍ଷେ ଭିତରେ କୌଣସି ନୂଆ ଯୋଜନା ନ କରି କେବଳ ରଙ୍ଗମରା ଓ ନାମ ପରିବର୍ତ୍ତନରେ ରାଜ୍ୟ ସରକାରଙ୍କ ବିକାଶ ସୀମିତ ଅଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମ୍ପନ୍ନ ପରେ ଅଟକ ଥିବା କଂଗ୍ରେସ ଓ ଆପ ନେତାମାନଙ୍କୁ ଛାଡି ଦିଆଯାଇଥିଲା।

## ଉପରଉଡ଼ାର ଗାଁରେ ଉତ୍କଟ ଜଳ ସଙ୍କଟ

- ପାନୀୟ ଜଳ ପ୍ରକଳ୍ପ ଅଚଳ
- ପର୍ଯ୍ୟାପ୍ତ ହେଉନି ଟ୍ୟାଙ୍କର ପାଣି


ପାନୀୟ ଜଳ ସମସ୍ୟା ସମାଧାନ ଦାବିରେ ଗରା, ମାଠିଆ ଧରି ଗ୍ରାମବାସୀ ପ୍ରତିବାଦ କରୁଛନ୍ତି।

**ଲୋଇସିଂହା,୭।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତ ଉପରଉଡାର ଗ୍ରାମରେ ଉତ୍କଟ ଜଳ ସଙ୍କଟ ଦେଖାଦେଇଛି। ଗ୍ରାମର ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ଏହାଛଡା ଗ୍ରାମରେ ଥିବା ୩ ଟି ନଳକୂପ ମଧ୍ୟରୁ ୪ ମାସ ହେବ ୨ଟି ଅକାମି ହୋଇଯାଇଛି । ଏକମାତ୍ର ନଳକୂପ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନାହିଁ। ସେହିପରି ପଞ୍ଚାୟତ ପକ୍ଷରୁ ଦିନକୁ ଦୁଇ ଥର ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଣ ହେଉଛି। ହେଲେ ତାହା ପର୍ଯ୍ୟାପ୍ତ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ସ୍ଥାନୀୟ ବିଧାୟକ, ଜିଲାପାଳ, ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ସୁଫଳ ମିଳିପାରିନାହିଁ। ଫଳରେ ଶୁକ୍ରବାର ଗ୍ରାମବାସୀ ଗରା,ମାଠିଆ ଧରି ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା। ୨ ୱାର୍ଡ ବିଶିଷ୍ଟ ଉପରଉଡାର ଗ୍ରାମର ଲୋକସଂଖ୍ୟା ପ୍ରାୟ ୧୫ ଶହ। ନିକଟସ୍ଥ ସୁକତେଲ ନଦୀରୁ ଗ୍ରାମକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ହେଲେ ଗ୍ରୀଷ୍ମ ଋତୁ ପୂର୍ବରୁ ପାନୀୟ ଜଳ ପ୍ରକଳ୍ପ ବନ୍ଦ ହୋଇଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ଓ ଆବଶ୍ୟକ ନଳକୂପ ଖନନ ପାଇଁ ମେ ୧୯ ତାରିଖରେ ବ୍ଲକ ପରିସରରେ ଅନୁଷ୍ଠିତ ଜିଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମବାସୀ ଫେରାଦ ହୋଇଥିଲେ। ଶିବିରରେ ଉପସ୍ଥିତ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଅଦ୍ୟାବଧି ବିହିତ ପଦକ୍ଷେପ ନିଆଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ଗ୍ରାମର ୱାର୍ଡ ସଭ୍ୟ ବୀରେନ୍ଦ୍ର ବଗର୍ତ୍ତି,ରବିଚନ୍ଦ୍ର ସାହୁ,ଗୁପି ବିଶ୍ୱାଳ, ଦେବେନ୍ଦ୍ର ବିଶ୍ୱାଳ, ଲତାରାଣୀ ନାହାକ, ମମତା ସାହୁ ଓ ସସ୍ମିତା ବଗର୍ତ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି ।

## ମାହେଶ୍ୱରୀ ସଙ୍ଗଠନର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ କର୍ମକର୍ତ୍ତାଙ୍କ ସହ ଅତିଥିମାନେ।

**ତରଭା, ୭।୬(ମାନଭଞ୍ଜନ ମିଶ୍ର)**

ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାହେଶରୀ ସଙ୍ଗଠନର ଚତୁର୍ଥ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲା ତରଭା ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ତରଭା ଶାଖା ସଭାପତି ପ୍ରଦୀପ କୁମାର ମେହେର ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ସମ୍ମାନୀତ ଅତିଥିଭାବେ ବ୍ଲକ ଅଧକ୍ଷ ସରୋଜ କମ୍ପ, ଏନଏସି ଉପାଧକ୍ଷ ଗଗନ ଅଗ୍ରୱାଲ, ସଙ୍ଗଠନ ଉପଦେଷ୍ଟା ଦଶରଥ ସାହୁ ଯୋଗଦେଇଥିଲେ। ସଙ୍ଗଠନ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ମାହେଶ୍ୱରୀ ସଙ୍ଗଠନ ଅନେକ ସେବା କରୁଛନ୍ତି। ସେମାନଙ୍କୁ ସହାୟତାର ହାତ ବଢ଼େଇବା ପାଇଁ ବିଧାୟକ ପୂଜାରୀ ଜନସାଧାରଣଙ୍କୁ ନିବେଦନ କରିଥିଲେ। ନିଜ ବିଧାୟକ ପାଣ୍ଠିରୁ ସଙ୍ଗଠନ ଗୃହ ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପୂଜାରୀ ଘୋଷଣା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଳ୍ପଲତା ମେହେର, ମାନଭଞ୍ଜନ ମିଶ୍ର, ଡ ଦେବେନ୍ଦ୍ର ନାଏକ, ସଞ୍ଜୀବ ସାହୁ, ମୋର ସମୀୟାର ନିବେଶ ପାଣିଗ୍ରାହୀ, କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା । ଏହା ସହ ୩୦ ବୃଦ୍ଧାବୃଦ୍ଧଙ୍କୁ ଟ୍ରାଇ ସାଇକେଲ, କମୋଡ, ଦୃଷ୍ଟିବାଧିତମାନଙ୍କ ପାଇଁ ଷ୍ଟିକ ପ୍ରଦାନ କରଯାଇଥିଲା। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସଙ୍ଗଠନର ସୋମ ମିଶ୍ର, ବିଜ୍ଞାନ ମିଶ୍ର, ଦିନବାନ୍ଧବ ବାଘ, ବୁବୁନ ରଣା, ଆୟୁଷ ଅଗ୍ରୱାଲ, ଦୀପକ ତାଣ୍ଡ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ସଂଯୋଜନା କରିଥିଲେ।

# ଆଗକୁ ବର୍ଷା, ସରୁନି ଡ୍ରେନେଜ୍ କାମ

ରାଉରକେଲା,୭।୬(ବିପ୍ଲବ ରଞ୍ଜନ ଦାଶ)

ଆଗକୁ ବର୍ଷାଋତୁ ଆସୁଛି। ବର୍ଷା ପୂର୍ବରୁ ଡ୍ରେନ, ନାଳାଗୁଡିକର ନିର୍ମାଣ କାମ ସମ୍ପୂର୍ଣ୍ଣ ନ ହେଲେ ରାଉରକେଲା ସହର ଜଳାର୍ଣ୍ଣବ ହେବ। ସହରରେ ଚାଲିଥିବା ୧୦ଟି ବୃହତ୍ ଡ୍ରେନେଜ କାର୍ଯ୍ୟ ଏକପ୍ରକାର ସମ୍ପନ୍ନ ହୋଇସାରିଥିବା ବେଳେ ଅଧିକାଂଶ ସ୍ଥାନରେ ଜମି ଅତିକ୍ରମଣ ସମସ୍ୟା ଯୋଗୁ ନିର୍ମାଣ କାର୍ଯ୍ୟ ବାକି ରହିଛି। ଅନ୍ୟପଟେ ବିଭିନ୍ନ ସ୍ଥାନରେ ନବନିର୍ମିତ ଡ୍ରେନ ଉପରେ ସ୍ଲାବ୍ ମଧ୍ୟ ପଡିନାହିଁ। ତେବେ ବର୍ଷା ପୂର୍ବରୁ ଡ୍ରେନେଜ କାମ ଶେଷ କରିବାକୁ ଦାବି ହେଉଛି।

ରାଉରକେଲା ସହରର ୧୦ଟି ବୃହତ୍ ଡ୍ରେନେଜ ଦୀର୍ଘବର୍ଷ ଧରି ଅସଜଡା ଅବସ୍ଥାରେ ପଡିରହିଥିଲା। ଏହାର ନବନିର୍ମାଣ ବର୍ଷ ବର୍ଷ ଧରି ହେଉ ନ ଥିଲା। ଫଳରେ ବର୍ଷା ସମୟରେ ସହରବାସୀଙ୍କ ପାଇଁ ମୁଣ୍ଡବିନ୍ଧା ସାଜୁଥିଲା। ଡ୍ରେନ୍‌ଗୁଡିକର ଅବସ୍ଥା ଶୋଚନୀୟ ଥିବାରୁ ବର୍ଷାଜଳ ନିୟନ୍ତ୍ରଣରେ ଆର୍‌ଏମ୍‌ସିର ସମସ୍ତ ପ୍ରୟାସ ମଧ୍ୟ ଫେଲ ମାରୁଥିଲା। ସହରବାସୀ ବନ୍ୟାଜଳ ନିଷ୍କାସନ ପାଇଁ ଆର୍‌ଏମ୍‌ସି ଅଫିସ ଘେରୁଥିଲେ। ଏହି ସମସ୍ୟାର ସମାଧାନ ପାଇଁ ସ୍ମାର୍ଟରୋଡ ପ୍ରୋଜେକ୍ଟରେ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌କୁ ୨୦୨୧-୨୨ ଆର୍ଥିକ ବର୍ଷରେ ୧୦ଟି ବୃହତ୍ ଡ୍ରେନ୍‌ର ଉନ୍ନତୀକରଣ ଓ ଡ୍ରେନରୁ ମୁଖ୍ୟରାସ୍ତାକୁ ବହିଯାଉଥିବା ଅଳିଆ ପାଣି ନିୟନ୍ତ୍ରଣ ଓ ସୁଗମ ନିଷ୍କାସନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହାପରେ ରାଉରକେଲା ସରକାରୀ କଲେଜ ଡ୍ରେନ, ସିଭିଲଟାଉନଶିପ୍ ରୂପଟ୍ରୋଲ, ସିଭିଲଟାଉନଶିପ୍, ରିବକ ଶୋରୁମ୍ ଉଦିତନଗର, ଡିଏଭି ପୋଖରୀ-ହନୁମାନ ବାଟିକା, ବାସନ୍ତୀ କଲୋନି-ସରନା ଛକ, ପାୱାରହାଉସ, ରେଲୱେ କଲୋନୀ-ଇସ୍ପାତ ହୋଟେଲ, ଗୋପବନ୍ଧୁପାଲ୍ଲୀ-ନାଳାରୋଡ୍, ଗୋପବନ୍ଧୁପାଲ୍ଲୀ-ଗାନ୍ଧୀରୋଡ୍-ବିଶ୍ରା ଛକ ରୋଡ୍ ଆଦି ୧୦ଟି ଡ୍ରେନ୍‌ର ଉନ୍ନତୀକରଣ ପାଇଁ ବ୍ୟୟବରାଦ କରାଗଲା। ମାତ୍ର ଜମି ଅତିକ୍ରମଣ ଜନିତ ସମସ୍ୟା ଯୋଗୁ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ଡ୍ରେନ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ବହୁ ଡ୍ରେନ୍‌ରେ ଏଯାଏ ସ୍ଲାବ୍ ପଡିନାହିଁ। ଏଣୁ ସ୍ମାର୍ଟସିଟି ପକ୍ଷରୁ ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି। ନଚେତ ବର୍ଷାଋତୁରେ ସହରବାସୀ ଜଳବନ୍ଦୀ ସମସ୍ୟାରେ ଛନ୍ଦି ହେବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏ ନେଇ ସ୍ମାର୍ଟସିଟି ମୁଖ୍ୟ ୟୁ. ସି. ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଡ୍ରେନ କାମ ପ୍ରାୟ ସମ୍ପୂର୍ଣ୍ଣ ହୋଇଯାଇଛି। କିଛି ଡ୍ରେନରେ ସ୍ଲାବ ପଡିବ। ଯେଉଁଠାରେ ଜମି ଅତିକ୍ରମଣ ସମସ୍ୟା ରହିଛି ସେଠାରେ ଆର୍‌ଏମ୍‌ସି ଏବଂ ତହସିଲ ମାଧ୍ୟମରେ ସମାଧାନ ହେବ। ପୂର୍ବଭଳି ସହରର ଡ୍ରେନରୁ ବର୍ଷାଜଳ ମୁଖ୍ୟରାସ୍ତାରେ ବହିବ ନାହିଁ ବୋଲି ପାତ୍ର କହିଥିଲେ।


ସିଭିଲଟାଉନଶିପ୍‌ରେ ଥିବା ଡ୍ରେନ୍‌ରେ ସ୍ଲାବ୍ ପଡିନାହିଁ।

# ଆର୍‌ଏସ୍‌ପି କର୍ମଚାରୀଙ୍କୁ କର୍ମବୀର ପୁରସ୍କାର


ଆର୍‌ଏସ୍‌ପି କର୍ମଚାରୀଙ୍କୁ କର୍ମବୀର ପୁରସ୍କାର ପ୍ରଦାନ କରାଯାଉଛି।

ରାଉରକେଲା,୭।୬(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିରେ ଅନୁଷ୍ଠିତ ଦୁଇଟି ପୃଥକ୍ ଉତ୍ସବରେ ଦୁଇଟି ଭିନ୍ନ ଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ନିଜ ନିଜ କର୍ମକ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ପୁରସ୍କୃତ କରାଯାଇଛି। କୋକ୍ ଓଭେନ ଓ କୋଲ କେମିକାଲ ବିଭାଗର ସିଜିଏମ୍‌ଙ୍କ କାର୍ଯ୍ୟାଳୟରେ ଗତ ୫ ତାରିଖରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବିଭାଗୀୟ ସିଜିଏମ୍ କେ. ସ୍ରୀନିବାସୁଲୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କୋକ୍ ଓଭେନ ବିଭାଗର କନିଷ୍ଠ ଯନ୍ତ୍ରୀ ଡମ୍ବରୁଧର ଭୂମିଜଙ୍କୁ କର୍ମବୀର ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଜେ. କେ. ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସିଜିଏମ୍ କାର୍ଯ୍ୟାଳୟରେ ମେ ୨୯ତାରିଖରେ ଅନୁଷ୍ଠିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ମେକାନିକାଲ ଓ ଶପ୍ସ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଆଇ. ଏନ୍. ରାଜେନ୍ଦ୍ରନ କାର୍ଯ୍ୟକ୍ଷେତ୍ରରେ ଉଦାହରଣୀୟ ପ୍ରଦର୍ଶନ ପାଇଁ ଭାରି କାଷ୍ଟିଙ୍ଗ ୟୁନିଟ, ଫାଉଣ୍ଡ୍ରିଜ୍ ଶପ୍ସ ବିଭାଗର କନିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ଗୌଡଙ୍କୁ କର୍ମବୀର ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶପ୍ସ ଫାଉଣ୍ଡ୍ରିଜ ବିଭାଗର ଏଜିଏମ୍ ବଂଶୀଧର ଧଡା ସଂଯୋଜନା କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ସମ୍ପୃକ୍ତ ବିଭାଗର ଅନେକ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ।

# ଆର୍‌ଏସ୍‌ପିର ଉତ୍ପାଦନ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ

ରାଉରକେଲା,୭।୬(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ଦୁଇମାସରେ ଏହାର ପ୍ରମୁଖ ଉତ୍ପାଦନ ୟୁନିଟ୍‌ଗୁଡିକରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛି। ବ୍ଲାଷ୍ଟ ଫର୍ନେସ-୫ ଦୁର୍ଗା ପ୍ରଥମ ୨ ମାସରେ ୫.୫୨.୦୨୭ ଟନ୍ ହଟ୍ ମେଟାଲ ଉତ୍ପାଦନ କରି ଏହାର ସର୍ବୋତ୍ତମ ଏପ୍ରିଲ-ମେ ପ୍ରଦର୍ଶନ ହାସଲ କରିଛି, ଯାହା ପୂର୍ବବର୍ଷ ଅବଧି ତୁଳନାରେ ୨୩.୮ ପ୍ରତିଶତ ପ୍ରଭାବଶାଳୀ ଅଭିବୃଦ୍ଧି ଅଟେ। ସେହିପରି ୨,୯୨,୩୭୧ ଟନ୍ ସ୍ଲାବ ଉତ୍ପାଦନ ସହ ସିସିଏମ-୩ ଏହାର ସର୍ବୋତ୍ତମ ଏପ୍ରିଲ-ମେ ପ୍ରଦର୍ଶନ ହାସଲ ପୂର୍ବକ ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ୨୪.୫ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ସିଣ୍ଟର ପ୍ଲାଣ୍ଟଗୁଡିକ ସାମୁହିକ ଭାବେ ୧୧.୯୮.୬୫୫ ଟନ୍ ସିଣ୍ଟର ଉତ୍ପାଦନ କରିବା ସହ ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ୧୧.୧ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ସିଣ୍ଟର ପ୍ଲାଣ୍ଟ-୩ ୟୁନିଟ ୬.୨୯.୧୧୦ ଟନ୍ ସିଣ୍ଟର ଉତ୍ପାଦନ କରିବା ସହ ଏହାର ସର୍ବୋତ୍ତମ ପ୍ରଦର୍ଶନ ରେକର୍ଡ କରିଛି। ଡାଉନଷ୍ଟ୍ରିମ୍‌ରେ, ହଟ୍ ଷ୍ଟ୍ରିପ୍ ମିଲ୍-୨ ମୋଟ ୪,୩୫,୨୩୪ ଟନ୍ ଏଚ୍‌ଆର କଏଲ ରୋଲିଂ କରି ଏହାର ସର୍ବୋତ୍ତମ ପ୍ରଦର୍ଶନ ରେକର୍ଡ କରିଛି ଏବଂ ଅନୁରୂପ ପୂର୍ବବର୍ଷ ଅବଧି ତୁଳନାରେ ୧୬.୮ପ୍ରତିଶତ ବୃଦ୍ଧି ଲାଭ କରିଛି। ହଟ ଷ୍ଟ୍ରିପ୍ ମିଲ୍-୨ର ସୁଟ ସିୟରିଙ୍ଗ ଲାଇନ ୪୫୩୧୬ ଟନ୍ ଏଚ୍‌ଆର ସିଟ୍ ରୋଲିଂ କରି ଏହାର ସର୍ବୋତ୍ତମ ପ୍ରଦର୍ଶନ ପଞ୍ଜୀକରଣ କରିଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ଦୁର୍ଗାପୁର ଇସ୍ପାତ କାରଖାନା ଓ ଇସ୍କୋ ଇସ୍ପାତ କାରଖାନା ଡିଆଇସି ଭାବେ ଅତିରିକ୍ତ ଦାୟିତ୍ୱ ବହନ କରୁଥିବା ଆଲୋକ ବର୍ମା ସାମୁଦାୟିକଙ୍କୁ ଅଭିନନ୍ଦନ ଜଣାଇ ଅନୁରୂପ ସମର୍ପଣଭାବ ଏବଂ ପ୍ରତିବଦ୍ଧତା ସହିତ ସମ୍ମିଳିତ କାର୍ଯ୍ୟଧାରା ଜାରି ରଖି ଆକାଂକ୍ଷିତ ସର୍ବୋତ୍ତମ ସୁରକ୍ଷା, ଗୁଣବତ୍ତା ଓ ନିରନ୍ତରତାର ଫଳାଫଳ ସୁନିଶ୍ଚିତ କରିବାକୁ ଆହ୍ୱାନ ଦେଇଛନ୍ତି।

# ପ୍ଲାଷ୍ଟିକ ପ୍ରଦୂଷଣ ଏକ ପ୍ରମୁଖ ପରିବେଶଗତ ସମସ୍ୟା ଆଲୋଚନାଚକ୍ର

ରାଉରକେଲା,୭।୬(ବିପ୍ଲବ ରଞ୍ଜନ ଦାଶ)

ଇନ୍‌ଷ୍ଟିଚ୍ୟୁଶନ୍ ଅଫ୍ ଇଞ୍ଜିନିୟର୍ସ (ଭାରତ), ରାଉରକେଲା ଲୋକାଲ୍ ସେଣ୍ଟର ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ 'ପ୍ଲାଷ୍ଟିକ୍ ପ୍ରଦୂଷଣ, ଏକ ପ୍ରମୁଖ ପରିବେଶଗତ ସମସ୍ୟା' ଉପରେ ଅନଲାଇନ୍ ଏବଂ ଅଫ୍‌ଲାଇନ୍ ମୋଡ୍‌ରେ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ପରିବେଶ ବିଭାଗ ମହାପ୍ରବନ୍ଧକ ଏ. ପି.ସି. ଦାଶ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ପୂର୍ବତନ ଅବୈତନିକ ସଚିବ ପ୍ରଫେସର ସିଂହମ ଜୟନ୍ତୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟକ୍ଷ ଏ. ପି. ସନ୍ତୋଷ କୁମାର ପୋଲାକି ବୈଠକରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ବକ୍ତା ଦାଶ ତାଙ୍କ ବକ୍ତବ୍ୟରେ କହିଲେ, ବିଶ୍ୱ ସ୍ତରରେ ପ୍ଲାଷ୍ଟିକ୍ ଉତ୍ପାଦନ ବାର୍ଷିକ ୩୮୦ ନିୟୁତ ଟନ୍ ଅତିକ୍ରମ କରେ, ଯାହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅପଚୟ ଭାବରେ ଶେଷ ହୁଏ। ପ୍ରତିବର୍ଷ ପ୍ରାୟ ୧୧ ନିୟୁତ ଟନ୍ ପ୍ଲାଷ୍ଟିକ୍ ସମୁଦ୍ରରେ ପ୍ରବେଶ କରୁଥିବାରୁ ଏହା ପରିବେଶଗତ କ୍ଷତି ପହଞ୍ଚାଇଥାଏ। ଉତ୍ପାଦିତ ପ୍ଲାଷ୍ଟିକର ମାତ୍ର ୯% ପୁନଃଚକ୍ରିତ ହେଉଥିବା ବେଳେ ୫୦% ରୁ ଅଧିକ ପ୍ଲାଷ୍ଟିକ କେବଳ ଥରେ ବ୍ୟବହାର କରାଯାଏ ଏବଂ ପରେ ପରିତ୍ୟାଗ କରାଯାଏ। ୨୦୬୦ସୁଦ୍ଧା ବିଶ୍ୱ ପ୍ଲାଷ୍ଟିକ ଅପଚୟ ତିନି ଗୁଣ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି, ଯାହା ବାର୍ଷିକ ୪୬୦ ନିୟୁତ ଟନ୍‌ରେ ପହଞ୍ଚିବ ବୋଲି ସେ କହିଥିଲେ। ଏହି ଅବସରରେ ଶିଳ୍ପପତି ଏବଂ ଶିକ୍ଷାବିତ୍‌ଙ୍କ ମଧ୍ୟରେ ଏକ ସଂକ୍ଷିପ୍ତ ଆଦାନପ୍ରଦାନ ଆଲୋଚନା ହୋଇଥିଲା। ପରେ ଏ. ଆର୍. ପୋଲାକି ମୁଖ୍ୟବକ୍ତା ଦାଶଙ୍କୁ ପ୍ରମାଣପତ୍ର ଏବଂ ମୋମେଣ୍ଟୋ ପ୍ରଦାନ କରିଥିଲେ। ପୂର୍ବତନ ସଚିବ ପ୍ରଫେସର ସିଂହମ ଜୟନ୍ତୁ ଧନ୍ୟବାଦ ଅର୍ପଣ କରିଥିଲେ।


ମୁଖ୍ୟବକ୍ତାଙ୍କୁ ମୋମେଣ୍ଟୋ ପ୍ରଦାନ କରାଯାଉଛି।

# ଇଦ୍‌ଗା ପଡିଆରେ ସାମୂହିକ ନମାଜ ପାଠ


ବକ୍ରି ଇଦ୍‌ରେ ସାମୂହିକ ନମାଜ ପାଠ କରାଯାଉଛି।

ରାଉରକେଲା,୭।୬(ଦିନେଶ ମିଶ୍ର)

ରାଉରକେଲା ସହରରେ ବସବାସ କରୁଥିବା ମୁସଲମାନ ସମ୍ପ୍ରଦାୟର ଲୋକମାନେ ଶନିବାର ବକ୍ରି ଇଦ୍ ପାଳନ କରିଛନ୍ତି। ଏହି ଅବସରରେ ପ୍ଲାଣ୍ଟସାଇଟ୍ ରୋଡ ପାର୍କିଂ ଅଞ୍ଚଳ ଇଦ୍‌ଗା ପଡିଆରେ ଶତାଧିକ ମୁସଲମାନ ଏକତିତ୍ର ହୋଇ ବିଶ୍ୱଶାନ୍ତି ଓ ପରିବାରର କଲ୍ୟାଣ ପାଇଁ ସାମୂହିକ ନମାଜପାଠ କରିଥିଲେ। ପରେ ପରସ୍ପରକୁ ଆଲିଙ୍ଗନ କରି ବକ୍ରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ସେହିଭଳି ରାଉରକେଲା ମାଲଗୋଦାମ ୟଙ୍ଗ୍ ବଏଜ୍ କମିଟି ପକ୍ଷରୁ ମାଲଗୋଦାମସ୍ଥିତ ଇଦ୍‌ଗା ପଡିଆରେ ସାମୂହିକ ନମାଜ ପାଠ କରାଯାଇଥିଲା। ନମାଜ ପାଠ କରେ ଶ୍ରଦ୍ଧାଳୁମାନେ ଇଫ୍‌ତାର ପାର୍ଟି ଆୟୋଜନ କରିଥିଲେ। ଏଥିପାଇଁ ପାନପୋଷ, ସେକ୍ଟର-୧୫, ବିଶ୍ରା, ରେଲୱେ କଲୋନି, ନାଳାରୋଡ୍, ପ୍ଲାଣ୍ଟସାଇଟ୍ ଆଦି ଅଞ୍ଚଳରେ ଥିବା ମସ୍‌ଜିଦ୍‌ମାନଙ୍କରେ ଭିଡ ଦେଖିବାକୁ ମିଳିଥିଲା। ନମାଜ ପାଠ ପରେ ମୁସଲମାନ ସମ୍ପ୍ରଦାୟର ଲୋକମାନେ ବ୍ରତ ଭାଙ୍ଗିଥିଲେ। କାର୍ଯ୍ୟକ୍ରମରେ ଏମ୍‌ଡି ଆଫରୋଜ ଅହମ୍ମଦ, ଏମ୍‌ଡି ଇରଫାନ, ଏମ୍‌ଡି କାସିମ୍, ଶେଖ ହୁସେନ, ଆଦିଲ ଖାନ, ଆକବର ଖାନ, ଶେଖ ପରବେଜ, ଏମ୍‌ଡି ଖାଲିଦ, ସେହେବ ଅଖତର, ଏମ୍‌ଡି ରିଜ୍‌ୱାନ, ଆଦିଲ ଅଲ୍ଲୀ, ଇମତିହାଜ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ


ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଉଛି।

ରାଉରକେଲା,୭।୬(ବିପ୍ଲବ ରଞ୍ଜନ ଦାଶ)

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଓ ଭାରତୀୟ କୃଷି ଗବେଷଣା ପରିଷଦର ମିଳିତ ଆନୁକୂଲ୍ୟରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଗତ ମେ ୨୯ତାରିଖରୁ ଆରମ୍ଭ ହୋଇଥିଲା। ଏହି କ୍ରମରେ ଶୁକ୍ରବାର ଲାଠିକଟା ବ୍ଲକର ବଡଦଉଳି ଗ୍ରାମପଞ୍ଚାୟତରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରାଙ୍କା ଖାଲଖ, ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ଜୟନ୍ତ କୁମାର ପତି, ଉଦ୍ୟାନ କୃଷି ବୈଜ୍ଞାନିକ ସଞ୍ଜୟ ପ୍ରଧାନ, ଏଡିଓ ପାନପୋଷ ଜି. ଜୈନ ଅଂଶଗ୍ରହଣ କରିଥିଲେ। ଏହି ଅଭିଯାନରେ କୃଷି ରଥ ମାଧ୍ୟମରେ ଲାଠିକଟା ବ୍ଲକରେ ସଚେତନତା ସହ ଶତାଧିକ ଚାଷୀଙ୍କୁ ନୂତନ କୃଷି କୌଶଳ ପଦ୍ଧତି, ସରକାରୀ ଯୋଜନାରେ ସାମିଲ ହେବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା। ପରେ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଥିଲା। ଜି. ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣ୍ଡାୟତ କ୍ଷତ୍ରିୟ ମହାସଭାର ବୈଠକ

ରାଉରକେଲା,୭।୬(ବିପ୍ଲବ ରଞ୍ଜନ ଦାଶ)

ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ଇସ୍ପାତ ନଗର କମିଟିର ଏକ ବୈଠକ ମହାସଭା କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାସଭା ସାଧାରଣ ସମ୍ପାଦକ ଶଶଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭୁବନେଶ୍ୱରସ୍ଥିତ ନିଖିଳ ଓଡ଼ିଶା ଖଣ୍ଡାୟତ କ୍ଷତ୍ରିୟ ପାଇକ ଚଷା ମହାସଂଘର ସାଧାରଣ ସମ୍ପାଦକ ସୁଦର୍ଶନ ଛୋଟରାୟ ଅତିଥି ଭାବେ ଯୋଗଦେଇ ମହାସଂଘକୁ ଅଧିକ କ୍ରିୟାଶୀଳ ଓ ସଙ୍ଗଠିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଖଣ୍ଡାୟତ, କ୍ଷତ୍ରିୟ, ପାଇକ, ଚଷା ଭାଇମାନେ ଏକାଠି ହୋଇ ନିଜର ଦାବି ଉପସ୍ଥାପନ କରିପାରିଲେ ତଥା ସମସ୍ତଙ୍କ ମଧ୍ୟରେ ଏକତା ରହିପାରିଲେ ତାହା ସମ୍ଭବ ହେବ ବୋଲି ମତପ୍ରକାଶ କରିଥିଲେ। ଏଥିପାଇଁ ଏବେ ସମଗ୍ର ରାଜ୍ୟରେ ଉଦ୍ୟମ ଆରମ୍ଭ କରାଯାଉଛି। ଆଗାମୀ ଜୁଲାଇ ମାସ ଶେଷ ଭାଗରେ ଭୁବନେଶ୍ୱରଠାରେ ମହାସଂଘର ଏକ ଜାତୀୟ ସମ୍ମିଳନୀ ହେବ ବୋଲି ସେ କହିଥିଲେ। ବୈଠକରେ ମହାସଭାର ବରିଷ୍ଠ କର୍ମକର୍ତ୍ତା ରବି ନାରାୟଣ ପରିଡା, ଡ. ରବିନ୍ଦ୍ର କୁମାର ଜେନା, ଗଙ୍ଗାଧର ନାୟକ, ରଥିନ୍ଦ୍ର ନାଥ ପ୍ରଧାନ, ନାରାୟଣ ଚନ୍ଦ୍ର ସାମଲ, ସୁବ୍ରତ ମଲ୍ଲିକ, ଚାନ୍ଦମଣୀ ବେହୁରା, ଜଗନ୍ନାଥ ରାଉତ, ଗଣପତି ଜେନା, ଉଗ୍ରସେନ ବିଶ୍ୱାଳ, ରବିନ୍ଦ୍ର କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ମହାସଭାର କାର୍ଯ୍ୟକର୍ତ୍ତା।

# ଟ୍ରେନ୍‌ରେ କଟି ବୃଦ୍ଧା ମୃତ

ରାଉରକେଲା,୭।୬(ଦିନେଶ ମିଶ୍ର)

ବିଶ୍ରା ଓଭରବ୍ରିଜ୍ ନିକଟରେ ରେଳ ଧାରଣା ପାରହେଉଥିବାବେଳେ ଯାତ୍ରୀବାହୀ ଟ୍ରେନ୍ ଧକ୍କାରେ ଶନିବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ବନ୍ଧମୁଣ୍ଡା ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୫) ରୁଜୁ କରି ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖି ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା (ରାତି ସାଢେ ୭ଟା) ବୃଦ୍ଧାଙ୍କ କୌଣସି ପରିଚୟ ମିଳିପାରିନାହିଁ। ଚକ୍ରଧରପୁର ରେଳ ଷ୍ଟେଶନରୁ ରାଉରକେଲା ଅଭିମୁଖେ ସମଲେଶ୍ୱରୀ ଯାତ୍ରୀବାହୀ ଟ୍ରେନ ଆସୁଥିଲା। ଏହି ସମୟରେ ଉକ୍ତ ବୃଦ୍ଧା ବିଶ୍ରା ଓଭରବ୍ରିଜ ନିକଟ ରେଳ ଲାଇନ୍ ପାରି ହେଉଥିବେଳେ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଶ୍ୟାମ ମନ୍ଦିରର ୪୪ତମ ପ୍ରତିଷ୍ଠା ଦିବସ ପାଳିତ

ରାଉରକେଲା,୭।୬(ଦିନେଶ ମିଶ୍ର): ରାଉରକେଲା ବିଶ୍ରାଡାହାରସ୍ଥିତ ଶ୍ୟାମ ମନ୍ଦିର ପରିସରରେ ଶୁକ୍ରବାର ସନ୍ଧ୍ୟାରେ ୪୪ତମ ପ୍ରତିଷ୍ଠା ଉତ୍ସବ ଓ ନିର୍ଜଳା ଏକାଦଶୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଶ୍ରୀଶ୍ୟାମଙ୍କୁ ଅଲୌକିକ ସିଙ୍ଗାର ସହିତ ପୁଷ୍ପରେ ସୁସଜ୍ଜିତ କରିଥିଲେ। ପରେ ମନ୍ଦିରର ମୁଖ୍ୟ ପୂଜକଙ୍କ ଦ୍ୱାରା ଶ୍ରୀଶ୍ୟାମ ଲାଲାଙ୍କୁ ଯଥାବିଧି ପୂଜା ସହ ମନ୍ଦିରର ପାର୍ଶ୍ୱଦେବଦେବୀ ପୂଜା କରିଥିଲେ। ସନ୍ଧ୍ୟା ସମୟରେ ଭଜନ ଗାୟକ ବିଶାଲ ଶର୍ମା ଗଣେଶ ବନ୍ଦନା ଗାନ କରିଥିଲେ। ଛତିଶଗଡର ରାୟପୁରରୁ ଆସିଥିବା ପ୍ରିୟାଂଶୁ ମିତ୍ତଲ ଶ୍ୟାମବାବାଙ୍କ ଭଜନ ପରିବେଷଣ କରିଥିଲେ। ଶେଷରେ ଶ୍ୟାମବାବାଙ୍କ ଆଳତୀ ପ୍ରଦାନ କରାଯାଇ ଅନୁଷ୍ଠାନ ପକ୍ଷରୁ ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଶ୍ୟାମ ମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ଗୋବିନ୍ଦ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ରମେଶ ଅଗ୍ରୱାଲ, କୃଷ୍ଣ ଅଗ୍ରୱାଲ, ଦୀପକ ଶର୍ମା, ସଞ୍ଜୟ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରୀଷ୍ମକାଳୀନ ଆର୍ଟ ଆଣ୍ଡ୍ କ୍ରାଫ୍ଟ କର୍ମଶାଳା

ରାଉରକେଲା,୭।୬(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲାର ଯାଜ୍ଞସେନୀ ପକ୍ଷରୁ ତ୍ରିଦିବସୀୟ ଗ୍ରୀଷ୍ମକାଳୀନ ଆର୍ଟ ଆଣ୍ଡ କ୍ରାଫ୍ଟ କର୍ମଶାଳା ଶିକ୍ଷୟିତ୍ରୀ ଉଷାରାଣୀ ଶତପଥୀଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଦୀପିକା ମହିଳା ସଂହତିର ଉପସଭାପତି ବନ୍ଦନା ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପିଲାମାନଙ୍କ ସୁନ୍ଦର ଭବିଷ୍ୟତ ପାଇଁ ଏ କାର୍ଯ୍ୟକ୍ରମ ବହୁତ ଜରୁରୀ। ପିଲାମାନେ ଘରେ ରହି ଅଯଥା କାମରେ ସମୟ ନଷ୍ଟ ନ କରି ଏହି ଆର୍ଟ ଏବଂ କ୍ରାଫ୍ଟ କାର୍ଯ୍ୟରେ ନିଜକୁ ସାମିଲ କଲେ ଭବିଷ୍ୟତରେ ଜଣେ ଭଲ ମଣିଷ ହୋଇପାରିବେ ବୋଲି ସିଂ କହିଥିଲେ। ଅବସରପ୍ରାପ୍ତ ନର୍ସ ମାଳତୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦିକା ନୀନାରାଣୀ ଜେନା କାର୍ଯ୍ୟକ୍ରମ ଉପରେ ସମ୍ୟକ୍ ସୂଚନା ଦେଇଥିଲେ। ରୀନା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା ଏବଂ ଅଲକା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ପ୍ରାୟ ୪୦ ଜଣ ପିଲା ଓ ମହିଳା ଭାଗ ନେଇଥିଲେ। ଆରତୀ ମିତ୍ର, ସିନା ମହନ୍ତ, ଜୟଶ୍ରୀ ବିଶ୍ୱାଳ, ରନଥି ଡାଇକ ଦେବିସ୍ମିତା ବାରିକ, ସଙ୍ଗୀତା ନାଥ ଏବଂ ଅଶୋକ କୁମାର ଜେନା ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସୋଲାର ପମ୍ପ ଅଚଳ, ମିଳୁନି ପାଣି

ରାଉରକେଲା,୭।୬(ଦିନେଶ ମିଶ୍ର)

ରାଉରକେଲାର ବାଗୁଡି ବସ୍ତି, ଲୁହାକେରା ବସ୍ତି ସହ ବିଶ୍ରା, ନୂଆଗାଁ, ଭୋଜପୁର, ବାଲିମୁଣ୍ଡା ଆଦି ଅଞ୍ଚଳର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସୋଲାର ପାଣିପମ୍ପ ବ୍ୟବସ୍ଥା କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡିକ ଅଚଳ ହୋଇପଡିଛି। ଫଳରେ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି।

ଛେଣ୍ଡ ସ୍ଥିତ ଲୁହାକେରା ବସ୍ତିରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ୨୦୨୨ରେ ଏକ ସୋଲାର ପାଣିପମ୍ପ ବ୍ୟବସ୍ଥା କରାଯାଇଥିଲା। ଏହି ପାଣିପମ୍ପ ନିକଟରେ ସ୍ୱତନ୍ତ୍ର ବୋରିଂ ସାଙ୍ଗକୁ ପାଣିଟାଙ୍କି ଉପରେ ସୋଲାର ପ୍ୟାନେଲ ଲାଗିଥିଲା। ମାତ୍ର ଏହି ପାଣିଟାଙ୍କି ଲାଗିବାର ୬ ମାସ ଭିତରେ ଏହା ଖରାପ ହୋଇଯାଇଥିଲା। ଆଜି ପର୍ଯ୍ୟନ୍ତ ତାହା ଅଚଳ ଅବସ୍ଥାରେ ପଡିଥିବାବେଳେ ମରାମତି କରାଯାଉନାହିଁ। ସେହିଭଳି ବାଗୁଡି ବସ୍ତି, ପ୍ରଧାନପାଲି ଓ ସେକ୍ଟରରେ ଥିବା କିଛି ବସ୍ତିରେ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। କେବଳ ସହର ନୁହେଁ ସହର ନିକଟରେ ଥିବା ବିଶ୍ରା ଓ ନୂଆଗାଁ ବ୍ଲକ ଅଞ୍ଚଳରେ ମଧ୍ୟ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ବିଶ୍ରା ବ୍ଲକରେ ୧୬୭ଟି ସୋଲାର ପାଣି ପମ୍ପରୁ ୨୭ଟି ଅଚଳ ଅବସ୍ଥାରେ ପଡି ରହିଛି। ସେହିପରି ନୂଆଗାଁ ବ୍ଲକ ଅଞ୍ଚଳରେ ୧୯୫ରୁ ୩୨ଟି ପାଣିପମ୍ପ କାମ କରୁ ନ ଥିବା ଅଭିଯୋଗ ହୋଇଛି। ବୀରମିତ୍ରପୁର ଥାନା ଅନ୍ତର୍ଗତ ଭୋଜପୁର ଓ ବାଲିମୁଣ୍ଡା ଗ୍ରାମର ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସୋଲାର ପମ୍ପ ଲାଗିଥିବାବେଳେ ଏହା ବର୍ତ୍ତମାନ ରକ୍ଷଣାବେକ୍ଷଣ ଅଭାବରୁ କାର୍ଯ୍ୟ କରୁନାହିଁ। ଏହି ସୋଲାର ପମ୍ପ ଲାଗିବାର ୩ ବର୍ଷ ପରେ ଅଚଳ ହୋଇପଡିଛି। ଆଜିକୁ ଦୀର୍ଘ ବର୍ଷ ଧରି ଏହାକୁ ମରାମତି କରାଯାଉ ନ ଥିବାରୁ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇଁ ନଳକୂପ ନଚେତ ୱାଟକୋ ପକ୍ଷରୁ ଆସୁଥିବା ପାଣି ଉପରେ ନିର୍ଭର କରୁଛନ୍ତି। ଏଭଳି ଭାବେ ସହର ତଥା ବିଭିନ୍ନ ବ୍ଲକ ତଳି ଅଞ୍ଚଳରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସୋଲାର ପାଣିପମ୍ପ ବ୍ୟବସ୍ଥା ଅଚଳ ହୋଇ ପଡିଥିବା ଦେଖିବାକୁ ମିଳିଛି। ପ୍ରତି ସୋଲାର ପମ୍ପ ମାଧ୍ୟମରେ ଅଞ୍ଚଳର ପ୍ରାୟ ୨୦ରୁ ୫୦ଘର ବିଶୁଦ୍ଧ ପାନୀୟ ଜଳ ପାଇପାରୁଛନ୍ତି। ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍ଥାପିତ ସୋଲାର ପାଣିପମ୍ପ ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି। ଏ ନେଇ ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣିଙ୍କୁ ପଚାରିବାରୁ ସେ କହିଥିଲେ, ସହର ତଥା ବିଭିନ୍ନ ବ୍ଲକରେ ଲାଗିଥିବା ସୋଲାର ପାଣିପମ୍ପ ଅଚଳକୁ ନେଇ ବିଭିନ୍ନ ଜନଶୁଣାଣିରେ ଆମ ପାଖରେ ଅଭିଯୋଗ ହୋଇଛି। ଆମେ ଗ୍ରାମ୍ୟ ଜଳଯୋଗାଣ ବିଭାଗକୁ ଅବଗତ କରିଦେଇଛୁ। ବିଭାଗୀୟ ଅଧିକାରୀଙ୍କ ତଦନ୍ତ ପରେ ଖୁବ୍‌ଶୀଘ୍ର ସେଗୁଡିକ ମରାମତି ହୋଇଯିବ ବୋଲି କୁଲକର୍ଣ୍ଣି କହିଥିଲେ।


ପ୍ରଧାନପାଲି ବସ୍ତିରେ ଅଚଳ ସୋଲାର ପମ୍ପ।

## ସଂକ୍ଷେପରେ

### ଅସହାୟ ବ୍ୟକ୍ତିଙ୍କୁ ଉଦ୍ଧାର କରି ଥଇଥାନ କଲା ପରିଚୟ



ରାସ୍ତାରେ ବୁଲୁଥିବା ଅବସ୍ଥାରେ ଅସହାୟ ବ୍ୟକ୍ତିଙ୍କୁ ଉଦ୍ଧାର କରୁଛନ୍ତି ପରିଚୟ ଅନୁଷ୍ଠାନର କର୍ମକର୍ତ୍ତା

ସମ୍ବଲପୁର,୭।୬(ପ୍ରମୋଦ ବହିଦାର)

ବୁଢ଼ାରଜା ଅଞ୍ଚଳରେ ଅସହାୟ ଅସ୍ଥାରେ ବୁଲୁଥିବା ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରି ଥଇଥାନ କରିଛି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା 'ପରିଚୟ'। ପ୍ରାୟ ୩୫ ବର୍ଷ ବୟସ୍କ ଉକ୍ତ ବ୍ୟକ୍ତିଜଣକ ଦୁଇମାସ ହେଲା ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ଅର୍ଦ୍ଧନଗ୍ନ ଅବସ୍ଥାରେ ଏଣେତେଣେ ବୁଲାବୁଲି କରୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଖବର ପାଇ ବିପିନ ବିହାରୀ ପଣ୍ଡା, ନାରାୟଣ ପ୍ରଧାନ, ହେମାନନ୍ଦ ଦେହୁରୀ, କୈଳାସ ଲୁହା, ଆଶିକ ମେହେର ପ୍ରମୁଖ 'ପରିଚୟ' ଅନୁଷ୍ଠାନର କର୍ମକର୍ତ୍ତାମାନେ ତାଙ୍କୁ ଉଦ୍ଧାର କରି ଡାକ୍ତରୀ ଚିକିତ୍ସା ପରେ ବୈଜାମୁଣ୍ଡାସ୍ଥିତ ମାମା ସେଲ୍ଟର ହୋମ୍‌ରେ ଥଇଥାନ କରିଥିଲେ।

### ସହରରେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାକୁ ନେଇ ଉଦ୍‌ବେଗ

ସମ୍ବଲପୁର,୭।୬(ପ୍ରମୋଦ ବହିଦାର)

ସମ୍ବଲପୁର ସହରରେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାକୁ ନେଇ ହୀରାଖଣ୍ଡ ନାଗରିକ ପରିଷଦ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଗୁରୁପଡ଼ାସ୍ଥିତ ବରିଷ୍ଠ ନାଗରିକଙ୍କ କାର୍ଯ୍ୟାଳୟରେ ସଭାପତି ନନ୍ଦକିଶୋର ଦେବତାଙ୍କ ଅଧକ୍ଷତାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ସହରର ଟ୍ରାଫିକ ସମସ୍ୟା ସହିତ ସ୍ୱୟଂଚାଳିତ ଟ୍ରାଫିକ ସିଗ୍‌ନାଲ ବ୍ୟବସ୍ଥାକୁ ନେଇ ଆଲୋଚନା କରାଯାଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ସହରରେ ସ୍ୱୟଂଚାଳିତ ସିଗ୍‌ନାଲ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ପରିଷଦ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ତେବେ ଆଗାମୀ ଦିନରେ ପରିଷଦର ଏକ ପ୍ରତିନିଧି ଦଳ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ଓ ଉତ୍ତରାଞ୍ଚଳ ଆଇଜିଙ୍କୁ ସାକ୍ଷାତ କରି ଟ୍ରାଫିକ ସମସ୍ୟା ଦୂର ପାଇଁ ଦାବି କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସମସ୍ୟା ନିୟନ୍ତ୍ରଣ କରା ନ ଗଲେ ଆଗାମୀ ଦିନରେ ଏହା ଜଟିଳ ରୂପ ଧାରଣ କରିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୀତାଂଶୁ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଧନେଶ୍ୱର ମେହେର, ଉପସଭାପତି ରାମେଶ୍ୱର ପାଢ଼ୀ, ପ୍ରଫୁଲ୍ଲ ହୋତା, ଡ. ଲକ୍ଷ୍ମୀନାରାୟଣ ରଥ, ଡା. ଜୟଦେବ ମେହେର, ସୀତାଂଶୁ ପଟ୍ଟନାୟକ, ହରିନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅତିକ୍ରମ ବେଳେ ନିରାପତ୍ତା ନିୟମ ପାଳନ କର

## ରେଳ ଫାଟକ ସଚେତନତା ଅଭିଯାନ

ସମ୍ବଲପୁର,୭।୬(ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଆୟୋଜିତ ସପ୍ତାହବ୍ୟାପୀ ରେଳ ଫାଟକ ସଚେତନା ଅଭିଯାନ ଶନିବାର ଉଦ୍‌ଯାପିତ ହୋଇଛି। ରେଳଫାଟକ ଦେଇ ଯାତାୟତ କରୁଥିବା ସଡ଼କ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ଜାଗ୍ରତ ଲକ୍ଷ୍ୟରେ ରେଳ ମଣ୍ଡଳ ପକ୍ଷରୁ ଗତ ଜୁନ ୧ରୁ ୭ ତାରିଖ ପର୍ଯ୍ୟନ୍ତ ସଚେତନତା ସପ୍ତାହ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ରେଳ ଫାଟକ ଅତିକ୍ରମ ସମୟରେ ସମସ୍ତ ପ୍ରକାର ନିରାପତ୍ତା ନିୟମ ପାଳନ କରିବାକୁ ବ୍ୟବହାରକାରୀଙ୍କୁ ଆହ୍ୱାନ ଦେଇଛନ୍ତି।

ସଚେତନତା ଅଭିଯାନରେ ବିଭିନ୍ନ ରେଳ ଷ୍ଟେଶନରେ ଭାରତ ସ୍କାଉଟ୍ ଓ ଗାଇଡ୍‌ଙ୍କ ଦ୍ୱାରା ସଚେତନତା ଧର୍ମୀ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ସେହିପରି ରେଳ ମଣ୍ଡଳ ଅଧିନ ବିଭିନ୍ନ ରେଳ ଫାଟକ, ଏହାର ଆଖପାଖ ଅଞ୍ଚଳ ଓ ଗ୍ରାମ, ବିଭିନ୍ନ ପେଟ୍ରୋଲ ପମ୍ପ, ସାପ୍ତାହିକ ବଜାର ଆଦିରେ ଜନସାଧାରଣଙ୍କୁ ରେଳ ଫାଟକ ବ୍ୟବହାରରେ ସତର୍କତା ସମ୍ପର୍କିତ ପାମ୍ପଲେଟ୍, ପୋଷ୍ଟର, ଷ୍ଟିକର ଆଦି ବଣ୍ଟନ କରାଯାଇଥିଲା। ଏହି ଅବସରରେ ସମ୍ବଲପୁର ରେଳ ମଣ୍ଡଳ ନିରାପତ୍ତା ବିଭାଗ, ସଡ଼କ ପରିବହନ ବିଭାଗ କର୍ମଚାରୀଙ୍କ ସହିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସିଆଲ ଷ୍ଟାର କ୍ଲବ କର୍ମକର୍ତ୍ତା ତଥା ରେଳବାଇ ମଣ୍ଡଳ ବରିଷ୍ଠ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ଉପସ୍ଥିତ ଥିଲେ। ବିଭିନ୍ନ ରେଳ ଫାଟକରେ ଯତାୟତ କରୁଥିବା ପଥାଚାରୀଙ୍କୁ ଫାଟକ ନିରାପତ୍ତା ସମ୍ପର୍କିତ ଉପାୟ ଓ ନିର୍ଦ୍ଦେଶାବଳୀ ସମ୍ପର୍କରେ ଅବଗତ କରାଯାଇଥିଲା।



ରେଳ ଫାଟକ ଅତିକ୍ରମ କରୁଥିବା ଧାନ ବୋଝେଇ ଟ୍ରାକ୍ଟର ଚାଳକଙ୍କୁ ନିରାପତ୍ତା ନିୟମ ଅବଲମ୍ବନ କରିବାକୁ ରେଳବାଇ କର୍ମଚାରୀ ପରାମର୍ଶ ଦେଉଛନ୍ତି।

# ମନ୍ଦିର ବିକାଶ କାମ ତଦାରଖ କଲେ ଅଧିକାରୀ



ମାନଧାତା ବାବା ମହାଦେବ ମନ୍ଦିର ପରିସରରେ ଚାରାରୋପଣ କରାଯାଉଛି।

## ମାନଧାତା ବାବା ମନ୍ଦିରରେ ବୃକ୍ଷରୋପଣ

ସମ୍ବଲପୁର,୭।୬(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମାନେଶ୍ୱରସ୍ଥିତ ମାନଧାତା ବାବା ମନ୍ଦିର ପରିସରରେ ଶନିବାର ଦେବୋତ୍ତର ବିଭାଗର ଅତିରିକ୍ତ ସହକାରୀ ଆୟୁକ୍ତ ବିକାଶ ଗୋୟେଲ, ଦେବୋତ୍ତର ନିରୀକ୍ଷକ ସନ୍ତୋଷ କୁମାର ପୃଷ୍ଟି ବିକାଶ କାର୍ଯ୍ୟ ତଦାରଖ କରିଛନ୍ତି। ଏହାସହ ମନ୍ଦିର ପରିସରରେ ଭକ୍ତ ମାନଙ୍କ ପାଇଁ ରହିଥିବା ଆବଶ୍ୟକତା ବିଷୟରେ ମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରିଥିଲେ। ମନ୍ଦିର ପରିବେଶକୁ ସ୍ୱଚ୍ଛ ନିର୍ମଳ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମାନଧାତା ବାବା ମହାଦେବ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଚାରାରୋପଣ ହୋଇଯାଇଛି। ମନ୍ଦିରର ଶାନ୍ତ ଏବଂ ସବୁଜ ପରିବେଶ ଭକ୍ତ ମାନଙ୍କୁ ଆକର୍ଷିତ କରିବା ସହିତ ସେମାନଙ୍କ ମନକୁ ମଧ୍ୟ ଶୁଦ୍ଧ କରିପାରୁଛି ବୋଲି ଅତିରିକ୍ତ ସହକାରୀ ଆୟୁକ୍ତ କହିଥିଲେ। ମାନଧାତା ବାବା ମହାଦେବ ମନ୍ଦିର ଟ୍ରଷ୍ଟ ସଦସ୍ୟ ବିଧାନଚନ୍ଦ୍ର ପଣ୍ଡା, ଏସ,ଯୋଗେନ୍ଦ୍ର, ରାହୁଲ ଗୁପ୍ତା, ରାମକୃଷ୍ଣ ବେହେରା, ଧ୍ରୁବ ଚରଣ ରଣା, ଏବଂ ମନ୍ଦିର କମିଟି ସଦସ୍ୟ ଉପସ୍ଥିତ ରହିଥିଲେ।

# ସମ୍ବଲପୁରୀ ସାହିତ୍ୟକୁ ସତ୍ୟନାରାୟଣଙ୍କ ଅବଦାନ ଅତୁଳନୀୟ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ସତ୍ୟନାରାୟଣ ବହିଦାର ସାହିତ୍ୟ ସଂସଦର ୩୩ତମ ବାର୍ଷିକ ଉତ୍ସବ

ସମ୍ବଲପୁର,୭।୬(ଭବାନୀ ଶଙ୍କର ଭୋଇ)

ସତ୍ୟନାରାୟଣ ବହିଦାର ସାହିତ୍ୟ ସଂସଦର ୩୩ତମ ବାର୍ଷିକ ଉତ୍ସବ ସମ୍ବଲପୁର ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ରାତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଦ୍ଧେଶ୍ୱରୀ ଧର୍ମ ସଂସଦର ସଭାପତି ଗୋପୀନାଥ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସମ୍ବଲପୁରୀ ସାହିତ୍ୟ ପ୍ରତି ଅବଦାନ ଉପରେ ଆଲୋଚନା କରିଥିଲେ। ସମ୍ବଲପୁରୀ ସଂସ୍କୃତିର ପ୍ରଚାର ପ୍ରସାରରେ ସତ୍ୟନାରାୟଣ ସାରା ଜୀବନ ପରିଶ୍ରମ କରିଥିଲେ। ସମ୍ବଲପୁରୀ ଭାଷା ସାହିତ୍ୟର ପ୍ରଚାର ଦିଗରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ଷଡଙ୍ଗୀ କହିଥିଲେ। ସତ୍ୟନାରାୟଣ ବହିଦାର ସାହିତ୍ୟ ସଂସଦ ସଭାପତି ବିଭୂତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ହେଇଥିବା ଏହି ଆଲୋଚନାଚକ୍ରକୁ ଅନୁଷ୍ଠାନ ଯୁଗ୍ମ ସମ୍ପାଦିକା ଅନୁପମା ବିଶ୍ୱାଳ ସଞ୍ଚାଳନ କରିଥିଲେ। ସମ୍ପାଦକ ଆଭାସ ପଣ୍ଡା ମଞ୍ଚାସୀନ ଥିଲେ। କବୟିତ୍ରୀ ପଙ୍କଜିନୀ ନାୟକଙ୍କ ସଂଯୋଜନାରେ ସମ୍ବଲପୁରୀ କବିତା ଆସର ହୋଇଥିଲା। କବି ମୁକ୍ତକଣ୍ଠ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଆଦି ଜିଲାରୁ ୩୦ଜଣ କବି ଯୋଗଦେଇ ସ୍ୱରଚିତ ସମ୍ବଲପୁରୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସ୍ୱପ୍ନିକା ସାହୁ, କଳ୍ପନା ମହାପାତ୍ର, ପୁତୁଲ ସୁପ୍ରିୟା ଦାସ, ସିଦ୍ଧି ସ୍ୱରୂପା ପାଢ଼ୀ ସହଯୋଗ କରିଥିଲେ। ଶେଷରେ ସାହିତ୍ୟ ସଂସଦ ଯୁଗ୍ମସମ୍ପାଦକ ପ୍ରଭଞ୍ଜନ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ସମ୍ମିଳନୀରେ ଭାଗ ନେବେନାହିଁ

## ବେସରକାରୀ କଲେଜ ଶିକ୍ଷକ ସଂଘ ପଶ୍ଚିମ ଓଡ଼ିଶା ପ୍ରାନ୍ତ ସମନ୍ୱୟ କମିଟି ବୈଠକ

ସମ୍ବଲପୁର, ୭।୬(ବି.ଶଙ୍କର)

ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ ପଶ୍ଚିମ ଓଡ଼ିଶା ପ୍ରାନ୍ତ ସମନ୍ୱୟ କମିଟିର ସ୍ୱତନ୍ତ୍ର ବୈଠକ ବୀର ସୁରେନ୍ଦ୍ର ସାଏ ମାର୍ଗ ସ୍ଥିତ ତ୍ରିବେଣୀ ସଭାକକ୍ଷରେ ଶୁକ୍ରବାର ରାତି ୯ଟାରେ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ପ୍ରାନ୍ତ ସମନ୍ୱୟ କମିଟି ମହାସଂଘ ସଂଯୋଜକ ଅଶୋକ କୁମାର ବହିଦାର ଏଥିରେ ସଭାପତିତ୍ୱ କରିଥିଲେ। ବୈଠକକୁ ଆବାହକ ଡ. ବସନ୍ତ କୁମାର ଦାଶଙ୍କ ପରିଚାଳନା କରିଥିଲେ। ଚଳିତ ମାସ ଆସନ୍ତା ୭ ଓ ୮ ତାରିଖରେ ଭୁବନେଶ୍ୱର ଏକାମ୍ର ମହାବିଦ୍ୟାଳୟରେ ହେବାକୁ ଥିବା ଆଙ୍ଗୋଟାର ରାଜ୍ୟସ୍ତରୀୟ ସମ୍ମିଳନୀ ସଂଘର ଆଇନ୍ ଅନୁସାରେ କରାଯାଇ ନ ଥିବାରୁ ଅଣସାମ୍ବିଧାନିକ। ସମ୍ମିଳନୀ ସମ୍ପର୍କରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲା ସଂଘଗୁଡିକୁ ସୂଚନା ଦିଆଯାଇନାହିଁ। ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘର କେତେକ କର୍ମକର୍ତ୍ତାଙ୍କ ଦ୍ୱାରା ମନମୁଖୀ ନିଷ୍ପତ୍ତି ନିଆଯାଇ ସ୍ଥାନ ସ୍ଥିର କରାଯାଇଛି । ରାଜ୍ୟସ୍ତରୀୟ ଓ ଜିଲାସ୍ତରୀୟ ପରିଷଦ ମଧ୍ୟ ଗଠିତ ହୋଇନାହିଁ। ଏଣୁ ପଶ୍ଚିମ ଓଡ଼ିଶାର ଜିଲା ସଂଘଗୁଡିକୁ ଉପେକ୍ଷା କରାଯାଇଛି। ତେଣୁ ରାଜ୍ୟ ସମ୍ମିଳନୀରେ ପଶ୍ଚିମ ଓଡ଼ିଶାର ବେସରକାରୀ କଲେଜ ଶିକ୍ଷକମାନେ ଭାଗ ନ ନେଇ ବର୍ଜନ କରିବାର ନିଷ୍ପତ୍ତି ସମନ୍ୱୟ କମିଟିର ବୈଠକରେ ନିଆଯାଇଛି। ଏହି ବୈଠକରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣୟାନନ୍ଦ କୁମାର ତ୍ରିପାଠୀ, ଡ. ଅଶ୍ୱିନୀ ସୁପକାର, ଡ. ଦିଲୀପ ଗୌର, ସୂର୍ଯ୍ୟନାରାୟଣ ଅଗସ୍ତି ଓ ଡ.ଦୀପେନ୍ କୁମାର ପଟ୍ଟନାୟକ ଭାଗ ନେଇଥିଲେ। ପୂର୍ଣ୍ଣଚନ୍ଦ୍ର ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାରମାଳ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ଚର୍ଚ୍ଚା

ସମ୍ବଲପୁର, ୭।୬(ପ୍ରମୋଦ ବହିଦାର)

ଦୀର୍ଘଦିନର ନୀରବତା ପରେ ସମ୍ବଲପୁର ଜିଲାରେ ମାଓବାଦୀ ସକ୍ରିୟ ହୋଇଥିବା ଚର୍ଚ୍ଚା ହେଉଛି। ସୋନପୁର, ବୌଦ୍ଧ, ରେଢାଖୋଲ, ଠେଙ୍ଗୋ ଡ୍ୟାମ ସଂଲଗ୍ନ ବିଭିନ୍ନ ସଂରକ୍ଷିତ ଜଙ୍ଗଲ ବିଶେଷ କରି ଚାରମାଳ ଜଙ୍ଗଲରେ ମାଓବାଦୀ ସକ୍ରିୟ ଥିବା ସୂଚନା ମିଳିଛି। ଏହି ସୂଚନା ମିଳିବା ପରେ ଅର୍ଦ୍ଧସାମରିକ ବାହିନୀ, ଏସ୍‌ଓଜି ଯବାନଙ୍କ ପକ୍ଷରୁ ମିଳିତଭାବେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିବା କୁହାଯାଉଛି। ଛତିଶଗଡ଼ରେ ମାଓବାଦୀ ବିରୋଧୀ ଅପରେଶନ 'କାଗାର'ର ବଡ଼ ସଫଳତା ପରେ ନିଜର ଅସ୍ତିତ୍ୱ ପାଇଁ ସଂଘର୍ଷରତ ମାଓବାଦୀ ଏବେ ଓଡ଼ିଶାମୁହାଁ ହୋଇଥିବା ଅନୁମାନ କରାଯାଉଛି। ଛତିଶଗଡ଼ର ସରଣ୍ଡା ଜଙ୍ଗଲରେ ବିସ୍ଫୋରକ ସାମଗ୍ରୀ ଲୁଟ୍ ଘଟଣା ପରେ ଛତିଶଗଡ଼ ସୀମାନ୍ତ କେରେଗୁଟ୍ଟା ଜଙ୍ଗଲରେ ମାଓବାଦୀ ଦମନ ଅଭିଯାନକୁ ଜୋର୍‌ଦାର କରାଯାଇଥିଲା। ଏଥିରେ ଅନେକ ମାଓବାଦୀ ନିହତ ହୋଇଥିଲେ। ଫଳସ୍ୱରୂପ ଛତିଶଗଡ଼ରେ ଲାଲ ବାହିନୀଙ୍କ ଗଡ଼ ଧୀରେ ଧୀରେ ଭୁଶୁଡ଼ିବାକୁ ଲାଗିଛି। ଅନେକେ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତକୁ ଫେରୁଛନ୍ତି। ମାତ୍ର ଅନ୍ୟ କେତେଜଣ ଏଠାରୁ ଛତ୍ରଭଙ୍ଗ ଦେଇ ଓଡ଼ିଶା ମୁହାଁ ହୋଇଥିବା ଅନୁମାନ କରାଯାଉଛି। କିଛି ଦିନତଳେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଂଲଗ୍ନ ଜଙ୍ଗଲରେ ମାଓବାଦୀଙ୍କ ଚଳପ୍ରଚଳ ଥିବା ଖବର ମିଳିଥିଲା। ପରେ ସେମାନେ ସମ୍ବଲପୁର ଜିଲା ମଧ୍ୟକୁ ପ୍ରବେଶ କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏ ସମ୍ପର୍କରେ ଜିଲା ପୋଲିସ ପକ୍ଷରୁ କୌଣସି ସୂଚନା ମିଳିନାହିଁ।

# ଭିମ୍‌ସାରରେ ଶିଶୁ ଯତ୍ନକେନ୍ଦ୍ର ପ୍ରତିଷ୍ଠା କର

## ଦାବି କଲା ଜିଲା ଶିଶୁ କଲ୍ୟାଣ ସମିତି

ସମ୍ବଲପୁର,୭।୬(ପ୍ରମୋଦ ବହିଦାର)

ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଚିକିତ୍ସା ଓ ଗବେଷଣା କେନ୍ଦ୍ର(ଭିମ୍‌ସାର୍) ଓ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ ଯତ୍ନକେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି କରିଛି ଜିଲା ଶିଶୁ କଲ୍ୟାଣ ସମିତି। ସମିତି ଅଧକ୍ଷ ପ୍ରଶାନ୍ତ କୁମାର ପାଢ଼ୀ ଭିମ୍‌ସାର ନିର୍ଦ୍ଦେଶକ, ଅଧୀକ୍ଷକ ଓ ଅଧକ୍ଷଙ୍କ ସହିତ ସମ୍ବଲପୁର ଜିଲା ମୁଖ୍ୟ ସ୍ୱାସ୍ଥ୍ୟାଧିକାରୀଙ୍କ ଉଦ୍ଦେଶ୍ୟରେ ଏନେଇ ଏକ ପତ୍ର ଲେଖିଛନ୍ତି। ସେ ତାଙ୍କ ପତ୍ରରେ ଲେଖିଛନ୍ତି, ଜିଲାରେ ଶିଶୁଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ନିୟୋଜିତ ଶିଶୁ କଲ୍ୟାଣ ସମିତି ଉକ୍ତ ଚିକିତ୍ସାଳୟରେ ଚିକିତ୍ସାଧୀନ ମହିଳାଙ୍କ ଶିଶୁମାନଙ୍କ ପାଇଁ ଯତ୍ନକେନ୍ଦ୍ରର ଜରୁରୀ ଆବଶ୍ୟକତାକୁ ହୃଦୟଙ୍ଗମ କରିଛି। ଏହାଦ୍ୱାରା କେବଳ ଶିଶୁମାନେ ନୁହେଁ ବରଂ ମହିଳା ରୋଗୀଙ୍କ ସହିତ ଉଭୟ ଚିକିତ୍ସାଳୟରେ କାର୍ଯ୍ୟରତ କର୍ମଜୀବୀ ମହିଳାମାନେ ବିଶେଷ ଭାବେ ଉପକୃତ ହୋଇ ପାରିବେ ବୋଲି କହିଛନ୍ତି ଶିଶୁ କଲ୍ୟାଣ ସମିତି ଅଧକ୍ଷ ପାଢ଼ୀ। ସେ ଦର୍ଶାଇଛନ୍ତି ଯେ, ପ୍ରତ୍ୟହ ବହୁ ସଂଖ୍ୟାରେ ମହିଳା ରୋଗୀ ଚିକିତ୍ସା ପାଇଁ ଭର୍ତ୍ତି ହେଉଥିବା ଏହି ଚକିତ୍ସାଳୟ ଦ୍ୱୟରେ ଶିଶୁଯତ୍ନ କେନ୍ଦ୍ରର ଅଭାବ ହେତୁ ମହିଳା ରୋଗୀଙ୍କ ସହ ସେମାନଙ୍କ ଅଭିଭାବକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଶିଶୁମାନେ ମାଁ ନିକଟରେ ରହି ସମ୍ଭାବ୍ୟ ସଂକ୍ରମଣ ଓ ଅନୁପଯୁକ୍ତ ପରିବେଶର ସଂସ୍ପର୍ଷରେ ଆସିବାକୁ ବାଧ୍ୟ ହେଉଛନ୍ତି। ଯାହା ଶିଶୁମାନଙ୍କ ସ୍ୱାସ୍ଥ୍ୟପ୍ରତି ବିଶେଷ କ୍ଷତିକାରକ। ତେଣୁ ଏଠାରେ ଶିଶୁଯତ୍ନ କେନ୍ଦ୍ର ପ୍ରତିଷ୍ଠା ହେଲେ ଉଭୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର, ନର୍ସ, ପ୍ରଶାସନିକ କର୍ମଚାରୀ ଓ ସ୍ୱାସ୍ଥ୍ୟସେବୀ ଆଦି ଶତାଧିକ ମହିଳା କର୍ମଚାରୀଙ୍କ ଶିଶୁମାନଙ୍କ ସୁରକ୍ଷିତ ଓ ସୁବିଧାଜନକ ଯତ୍ନ ସୁନିଶ୍ଚିତ ହୋଇ ପାରିବ। ଯଦ୍ୱାରା ଉକ୍ତ ମହିଳା କର୍ମଚାରୀଙ୍କ କାର୍ଯ୍ୟଧାରାର ସନ୍ତୁଳନ ହେବା ସହ କାର୍ଯ୍ୟ ପ୍ରତି ଆନ୍ତରିକତା ଓ ଉତ୍ସାହ ବୃଦ୍ଧି ପାଇବ ବୋଲି ପାଢ଼ୀ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଅବରୋଧ



ସମ୍ବଲପୁର ଗଙ୍ଗାଧର ମେହେର କଲେଜ ଛକରୁ ମୁଖ୍ୟ ଡାକ୍ତରଖାନା ରାସ୍ତାରେ ଡ୍ରେନ ନିର୍ମାଣ ସକାଶେ ଖୋଳି ଦିଆଯାଇଛି। ଫଳରେ ଡାକ୍ତରଖାନାକୁ ଯାଉଥିବା ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଅବାଧରେ ଚାଲିଛି ମାଟିଚୋରି

- ଖବରଦାତା ସମ୍ମିଳନୀରେ ଅବସରପ୍ରାପ୍ତ ସୈନିକଙ୍କ ଅଭିଯୋଗ
- ଅଭିଯୋଗକାରୀ ରାଜସ୍ୱ ପ୍ରଶାସନରେ ଅଭିଯୋଗ କରନ୍ତୁ: ଥାନା ଅଧିକାରୀ

ସମ୍ବଲପୁର,୭।୬(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ବୁର୍ଲା ଥାନା ଅର୍ନ୍ତଗତ ପୋତାପାଲିରେ ଜଣେ ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଜମିରୁ ମାଫିଆମାନେ ମାଟି ଖୋଳିନେଇଥିବା ନେଇ ଶନିବାର ଅଭିଯୋଗ ହୋଇଛି। ସମ୍ବଲପୁର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ଅବସରପ୍ରାପ୍ତ ସୈନିକ ସରୋଜ ଦେଓ ଏବଂ ଭକ୍ତଚରଣ ଦେଓ କହିଛନ୍ତି, ଶୁକ୍ରବାର ରାତିରେ ପୋତାପାଲି ମୌଜାରେ ଥିବା ସରକାରୀ ଜମିରୁ ଜେସିବିରେ ଦୁର୍ବୃତ୍ତମାନେ ମାଟି ଖୋଳି ନେଇଛନ୍ତି। ସେ ଏହାକୁ ବାରଣ କରିବା ପରେ ତାଙ୍କୁ ଜୀବନରେ ମାରି ଦେବା ଭଳି ଧମକ ଦିଆଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ଗତ ମାସ ୨୫ ତାରିଖରେ ମଧ୍ୟ ମାଟି ଖୋଳି ନେବା ସମୟରେ ସେ ବିରୋଧ କରିବା ସହ ଫୋନ କରିବା ପରେ ପିସିଆର ଭ୍ୟାନ ଆସିଥିଲା । ସେତେବେଳେ ମାଟି ଚୋରମାନେ ଫେରାର ହୋଇଯାଇଥିଲେ। ବୁର୍ଲା ଥାନାରେ ଏ ନେଇ ଲିଖିତ ଅଭିଯୋଗ କରାଯାଇଥିଲା। ହେଲେ ତାଙ୍କ ଅଭିଯୋଗ ଗ୍ରହଣ କରାଯାଇ ନ ଥିବା ଖବରଦାତା ସମ୍ମଳନୀରେ ସେମାନେ ଅଭିଯୋଗ କରିଛନ୍ତି।

ପୋଲିସକୁ ଜଣାଇବା ପରେ ବି ମାଟି ଚୋରି ବନ୍ଦ ହୋଇନାହିଁ କି ଅଭିଯୁକ୍ତ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏପରିକି ସରକାରୀ ଜମିରୁ ବିନା ଭୟରେ ମାଟି ଖୋଳି ନିଆଯାଉଥିବା ବେଳେ ପ୍ରଶାସନ ଚୁପ ହୋଇ ବସିଥିବା ଉଭୟେ ଅଭିଯୋଗ କରିଛନ୍ତି। ସେହି ଜମିରେ ଅତୀତରେ ସରକାରୀ ସହଯୋଗରେ ଲଗାଯାଇଥିବା ବୃକ୍ଷଗୁଡିକ ବର୍ତ୍ତମାନ ବଡ ହୋଇସାରିଛି । ହେଲେ ଦୁର୍ବୃତ୍ତମାନେ ଗଛ ଗୁଡିକୁ ମେଶିନରେ ଉପାଡି ମାଟି ଖୋଳି ନେଉଛନ୍ତି। ମାଟି ଚାଲାଣକାରୀ ସ୍ଥାନୀୟ ଯୁବକମାନଙ୍କୁ ହାତ କରି ରାତିରେ ଜେସିବିରେ ଖୋଳ ହାଇୱାରେ ପରିବହନ କରୁଛନ୍ତି । ପ୍ରତି ହାଇୱାକୁ ୬ରୁ ୭ ହଜାର ପର୍ଯ୍ୟନ୍ତ ବିକ୍ରୀ କରାଯାଉଛି। କେବଳ ପୋତାପାଲି ନୁହେଁ ବରଂ ସମ୍ବଲପୁରରୁ ଗୋଶାଳା ରାସ୍ତରେ ଥିବା ଛୋଟ ପାହାଡଗୁଡିକୁ ମାଟି ଚୋରମାନେ ଖୋଳି ପଦା କରି ସାରିଲେଣି। ଏଭଳି ବେଆଇନ ମାଟି ଖୋଳା କାମ କେବଳ ସହର ଉପକଣ୍ଠ ଅଞ୍ଚଳରେ ହେଉନାହିଁ ବରଂ ସହର ମଝିରେ ଜେଲ ଛକ ନିକଟରେ ଥିବା ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ମଧ ଗତ ୩ ତାରିଖରେ ଜେସିବରେ ମାଟି ଖୋଳି ନିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ବୁର୍ଲା ଥାନା ଅଧିକାରୀ ଏନ. ବଳିଆର ସିଂହ କହିଛନ୍ତି, ଗ୍ରାମବାସୀଙ୍କ ସହମତିରେ ସ୍ଥାନୀୟ ରାସ୍ତା ନିର୍ମାଣ ପାଇଁ ମାଟି ଖୋଳାଯାଇଛି। ତେବେ ଅଭିଯୋଗକାରୀ ଚାହିଁଲେ ଏ ନେଇ ତହସିଲ କିମ୍ବା ରାଜସ୍ୱ ଅଧିକାରୀଙ୍କଠାରେ ଅଭିଯୋଗ କରନ୍ତୁ ବୋଲି ସେ କହିଛନ୍ତି।



ଖବରଦାତା ସମ୍ମିଳନୀରେ ସରୋଜ ଦେଓ ଏବଂ ଭକ୍ତଚରଣ ଦେଓ।




# ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

**ଲହୁଣୀପଡା,୭।୬(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ୍ କୃଷି ବିଭାଗ ତରଫରୁ କଲେଇପୋଷ ପଞ୍ଚାୟତ କେନ୍ଦୁଡ଼ିହିଠାରେ ଗୁରୁବାର ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଲହୁଣୀପଡ଼ା ଏଫ୍ଆଇଏସି ଅଧ୍ୟକ୍ଷା ନମିତା ମାହାନ୍ତ, ସମ୍ମାନିତ ଅତିଥିଭାବେ କଲେଇପୋଷ ସରପଞ୍ଚ ଶାନ୍ତି ଓରାମ, ନାଏବ ସରପଞ୍ଚ ଅହଲ୍ୟା ନାୟକ, ବଣେଇ କୃଷି ଜିଲା ଅଧିକାରୀ ମନୋଜ କୁମାର ପ୍ରଧାନ, ଜିଲା ପାନପୋଷ ବରିଷ୍ଠ କୃଷି ବୈଜ୍ଞାନିକ ଜୟନ୍ତ କୁମାର ପତି, ପାନପୋଷ ଉଦ୍ୟାନ ବିଭାଗ ବୈଜ୍ଞାନିକ ସଞ୍ଜୟ କୁମାର ପ୍ରଧାନ, କୃଷି ବୈଜ୍ଞାନିକ ଅନିଭା କୁଜୁର, କୃଷି ବୈଜ୍ଞାନିକ ସମରେନ୍ଦ୍ର ବରାଳ, କୋଇଡ଼ା ବ୍ଲକ୍ କୃଷି ଅଧିକାରୀ ନରେଶ ମହାନନ୍ଦ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ରୋଜାଲିନୀ ସୋରେନ, ପ୍ରାଣୀ ଚିକିତ୍ସକ ଅନିକେତ ମହାନ୍ତି, ଲହୁଣୀପଡା ସହକାରୀ ମତ୍ସ୍ୟ ଅଧିକାରୀ ମୃତ୍ୟୁଞ୍ଜୟ ଘଡ଼େଇ ଯୋଗଦେଇଥିଲେ । ଲହୁଣୀପଡ଼ା ବ୍ଲକ୍ କୃଷି ଅଧିକାରୀ କରୁଣା କାନ୍ତି ଟେଟେ ଅଧ୍ୟକ୍ଷତା କରିଥିବା ବେଳେ ସହକାରୀ କୃଷି ଅଧିକାରୀ ରିନ୍ଦୀ ହାଁସଦା ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବିକଶିତ କୃଷି ସଂକଳ୍ପ ଅଭିଯାନର କାର୍ଯ୍ୟକ୍ରମ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ଦେବା ସହ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ବିଭାଗୀୟ ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇବା ସହିତ ନୂତନ ପ୍ରଣାଳୀ ଉପରେ ଉନ୍ନତ ମାନର ବିଭିନ୍ନ ଚାଷକରି ଅଧିକ ଲାଭବାନ ହୋଇ ପାରିବେ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶେଷରେ କୃଷି ଓଭରସିୟର ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ରାଜକିଶୋର ମାହାନ୍ତଙ୍କ ସମେତ କୃଷକ ସାଥୀମାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ଥିଲେ । ସେହିପରି ଲହୁଣୀପଡ଼ା ବ୍ଲକ୍ କୁଳିପୋଷଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

# ବେକରେ ଫାଶ ଲଗାଇ ଆତ୍ମହତ୍ୟା

**ଦେବଗଡ଼,୭।୬(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ଲଇମୁରା ଥାନା ଅନ୍ତର୍ଗତ ତସର୍ଡା ଗ୍ରାମର ଜଣେ ବ୍ୟକ୍ତି ଶୁକ୍ରବାର ରାତିରେ ଘରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତ ବ୍ୟକ୍ତି ଜଣକ ତସର୍ଡା ଗ୍ରାମର ଇଗ୍ନେଶ କିଣ୍ଡୋ (୫୧) । ସେ ଘରେ ଗଣ୍ଡଗୋଳ ସୃଷ୍ଟି କରୁଥିବାରୁ ପରିବାର ଲୋକ ବାରଣ କରୁଥିଲେ । ଏହାକୁ ନେଇ ଶୁକ୍ରବାର ଇଗ୍ନେଶ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ସନ୍ଧ୍ୟାରେ ଇଗ୍ନେଶଙ୍କ ସ୍ତ୍ରୀ ଓ ଝିଅ ବଜାରକୁ ସଉଦା ଆଣିବାକୁ ଯାଇଥିଲେ । ଇଗ୍ନେଶ ଘରେ ଏକାକୀ ରହିଥିଲେ । ମା' ଝିଅ ଘରକୁ ଫେରିବାବେଳେ ଇଗ୍ନେଶ ଘରର ଶେଣୀରେ ଏକ ବିଦ୍ୟୁତ୍ କେବୁଲ ତାର ସହାୟତାରେ ଫାଶଦେଇ ଝୁଲୁଥିବା ଦେଖିବାକୁ ପାଇଥିଲେ । ସେମାନେ ଏକ ଟାଙ୍ଗିଆ ସାହାଯ୍ୟରେ ତୁରନ୍ତ ଉକ୍ତ କେବୁଲ ତାରକୁ କାଟି ଇଗ୍ନେଶଙ୍କୁ ତଳକୁ ଓହ୍ଲାଇବାସହ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଶନିବାର ପୂର୍ବାହ୍ନରେ ଏନେଇ ଇଗ୍ନେଶଙ୍କ ଝିଅ ଲଇମୁରା ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା ରୁଜୁ କରିବାସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ପିଏନ୍‌ବି ପକ୍ଷରୁ ଗ୍ରାହକ ସମ୍ମିଳନୀ




ଆୟୋଜିତ ଗ୍ରାହକ ସମ୍ମିଳନୀରେ ଅତିଥିମାନେ ଗ୍ରାହକମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

**ସମ୍ବଲପୁର,୭।୬(ବି.ଶଙ୍କର)**

ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ମୁଖ୍ୟ ଶାଖା ବରଗଡ଼ ଆନୁକୂଲ୍ୟରେ ବରଗଡ଼ ସ୍ଥିତ ଟୁଲି ପ୍ରିମିୟମ ସଭାକକ୍ଷରେ ଶନିବାର ଗ୍ରାହକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପିଏନ୍‌ବି ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ଉପମହାପ୍ରବନ୍ଧକ କ୍ଷେତ୍ରବାସୀ ମିଶ୍ର, ପିଏନ୍‌ବି ସମ୍ବଲପୁରର ମଣ୍ଡଳ ମୁଖ୍ୟ ଅଜିତ ମେହେର ଯୋଗଦେଇଥିଲେ । ବରଗଡ଼ ସହର ତଥା ନିକଟସ୍ଥ ଅଞ୍ଚଳରୁ ବ୍ୟାଙ୍କର ଗ୍ରାହକ ଏବଂ ପୃଷ୍ଠପୋଷକମାନଙ୍କୁ ଏହି ସଭାକୁ ଆମନ୍ତ୍ରିତ କରାଯାଇଥିଲା । ବରଗଡ଼ ଶାଖା ମୁଖ୍ୟ ତଥା ମୁଖ୍ୟ ପ୍ରବନ୍ଧକ ଆର୍ଯ୍ୟ ଚନ୍ଦନ ଦାଶ ସ୍ୱାଗତ ଭାଷଣ ଓ ଧନ୍ୟବାଦ ପ୍ରଦାନ କରି ଗ୍ରାହକ ମିଳନ କାର୍ଯ୍ୟକ୍ରମର ପ୍ରାରମ୍ଭ କରିଥିଲେ । ଉପସ୍ଥିତ ଗ୍ରାହକମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା । ଉପ କ୍ଷେତ୍ରୀୟ ପ୍ରବନ୍ଧକ ମିଶ୍ର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଗ୍ରାହକ ସେବାକୁ ସର୍ବୋତ୍ତମ ସ୍ତରରେ ପହଞ୍ଚାଇବା ଦିଗରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଗ୍ରାହକମାନଙ୍କୁ କୃତଜ୍ଞତା ଜଣାଇଥିଲେ । ସେହିପରି ମଣ୍ଡଳମୁଖ୍ୟ ମେହେର ମଧ୍ୟ ବ୍ୟାଙ୍କର ବ୍ୟବସାୟିକ ବିକାଶ ଉପରେ ଗୁରୁତ୍ୱରୋପ କରିବା ସହ ବ୍ୟାଙ୍କ ଗ୍ରାହକ ସମନ୍ୱୟକୁ ସୁଦୃଢ଼ କରିବା ଦିଗରେ ଆଲୋକପାତ କରିଥିଲେ । ଉପସ୍ଥିତ ଗ୍ରାହକମାନେ ବ୍ୟାଙ୍କ ସହ ସେମାନଙ୍କର ସମ୍ପର୍କ ଏବଂ ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସେମାନଙ୍କର ବ୍ୟାଙ୍କ ସମ୍ବନ୍ଧିୟ ସମସ୍ୟା ଅସୁବିଧାଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । କାର୍ଯ୍ୟକ୍ରମରେ ବରଗଡ଼, ବରପାଲି, ଅତାବିରା, ସୋହେଲା ପ୍ରଭୃତି ଶାଖାଗୁଡ଼ିକର କର୍ମଚାରୀ ବୃନ୍ଦ ମଧ୍ୟ ଉପସ୍ଥିତ ଥିଲେ ।

## ସଫେଇ ଆଳରେ ସୁନାଗହଣା ଲୁଟ୍

**ଧର୍ମଗଡ଼, ୭।୬ (ଘାସିରାମ ଜଗତ):** ସଫେଇ ଆଳରେ ଦୁର୍ବୃତ୍ତମାନେ ଶନିବାର ଧର୍ମଗଡ଼ର ଜଣେ ବ୍ୟବସାୟୀଙ୍କ ଘରୁ ସୁନା ଚୁଡ଼ି, ମୁଦି ଓ ସୁନା ଚେନ ନେଇ ଫେରାର ହୋଇଯାଇଛନ୍ତି । ସୂଚନା ଅନୁସାରେ ଧର୍ମଗଡର ବ୍ୟବସାୟୀ ମନୋଜ କୁମାର ଅଗ୍ରୱାଲ ଘରେ ନ ଥିବା ସୁଯୋଗ ନେଇ ତାଙ୍କ ଘରକୁ ଦୁଇଜଣ ବ୍ୟକ୍ତି ଉଜାଲା କମ୍ପାନୀରୁ ଆସିଥିବା ପରିଚୟ ଦେଇଥିଲେ । ଘରେ ମନୋଜଙ୍କ ମା' ଓ ଭାଇବୋହୂ ଥିଲେ । ସେମାନେ ସୁନାରୁପା ଗହଣା, ବାସନକୁସନ ସଫେଇ କରିବାକୁ ଘର ଲୋକଙ୍କୁ ପ୍ରବର୍ତ୍ତାଇଥିଲେ । ସେମାନଙ୍କ କଥାରେ ବିଶ୍ୱାସ କରି ମନୋଜଙ୍କ ମା' ଗହଣା ସଫା କରିବାକୁ ଦେଇଥିଲେ । ଘର ଲୋକଙ୍କୁ ଗରମ ପାଣି ଆଣିବାକୁ କହି ସେମାନେ ଦୁଇଟି ସୁନା ଚୁଡ଼ି, ମୁଦି ଓ ସୁନା ଚେନ ନେଇ ଫେରାର ହୋଇଯାଇଥିଲେ । ବ୍ୟବସାୟୀ ସଂଘ ପକ୍ଷରୁ ଏ ନେଇ ପୋଲିସରେ ଅଭିଯୋଗ କରାଯାଇଛି ।

# ଚୋରି ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ

**କୁଚିଣ୍ଡା,୭।୬ (ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଗୋବିନ୍ଦପୁର ସରପଞ୍ଚ ବିମଳା ଲାକ୍ରାଙ୍କ ଘରୁ ଚୋରି ଅଭିଯୋଗରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର ସନ୍ଧ୍ୟାରେ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଗିରଫ ଅଭିଯୁକ୍ତ ହେଲେ ଗୋବିନ୍ଦପୁର ମଝିପଡାର ସନ୍ତୋଷ ନାଏକ(୩୨) । ସରପଞ୍ଚ ଲାକ୍ରାଙ୍କ ଲିଖିତ ଏତଲା କ୍ରମେ ପୋଲିସ ଗୋବିନ୍ଦପୁର ଥାନାରେ ଦଫା ୩୩୧(୪)/୩୦୫ବିଏନ୍‌ଏସ୍‌ରେ ମାମଲା (ନଂ.୭୪/୨୫) ରୁଜୁ କରିଛି । ପୋଲିସ ଅଭିଯୁକ୍ତଙ୍କଠାରୁ କେତେକ ଚୋରି ସାମଗ୍ରୀ ଜବତ କରି ତଦନ୍ତ ଜାରି ରଖିଛି । ସୂଚନା ଅନୁଯାୟୀ, ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରାଙ୍କ ଗୋବିନ୍ଦପୁର ପଞ୍ଜାବୀ ଛକସ୍ଥିତ ଘରେ ଶୁକ୍ରବାର ରାତିରେ କେତେକ ଦୁର୍ବୃତ୍ତ ପଶି ସାମ୍‌ସଙ୍ଗ ଟିଭି,ଏକ ପୁରୁଣା ଡିଭିଡି ପ୍ଲେୟାର, ଗ୍ରାଇଣ୍ଡର ମେଶିନ, ଗୋଟିଏ ସିଲିଂ ଫ୍ୟାନ ଓ ଗୋଟିଏ ୱାଲ ଫ୍ୟାନ, ଗୋଟିଏ ମୋଟର ପମ୍ପ, ଦୁଇଟି ଲୁହା ପାଇପ, ଦୁଇଟି ଲୁହା କବାଟ ସହ ଆଲୁମିନିୟମ ରୋଷେଇ ସାମଗ୍ରୀ ଚୋରି କରିଥିଲେ । ଅଭିଯୋଗ ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଚୋରିରେ ସାମିଲ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବାକୁ ଚଢାଉ ଜାରି ରହିଥିବା ଗୋବିନ୍ଦପୁର ଆଇଆଇସି ରାଜେନ୍ଦ୍ର ବେହେରା କହିଛନ୍ତି ।



ଗିରଫ ଅଭିଯୁକ୍ତଙ୍କ ସହ ଜବତ ଚୋରି ସାମଗ୍ରୀ ।

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Great Place To Work Certified

**ସର୍ବସାଧାରଣଙ୍କ ନିମନ୍ତେ ସୂଚନା**

ବିଷୟ: ଏନ.ଏଚ.-୧୪୩ ନିକଟସ୍ଥ ଦେଓଗାଁ ଅଞ୍ଚଳରେ ଆରଏସପି ଜମିର ବେଆଇନ ବିକ୍ରୟ ସମ୍ବନ୍ଧରେ ସତର୍କତା

ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପ୍ରଶାସନର ଦୃଷ୍ଟିକୁ ଆସିଛି ଯେ କିଛି ଅସାଧୁ ବ୍ୟକ୍ତି ଏନ.ଏଚ.-୧୪୩ ନିକଟସ୍ଥ ଦେଓଗାଁ ଅଞ୍ଚଳରେ ସ୍ଥିତ ଆରଏସପି ମାଲିକାନା ଜମିକୁ ବେଆଇନ ଭାବରେ କ୍ରେତାମାନଙ୍କୁ ବିକ୍ରି କରୁଛନ୍ତି । ଏହି ଠକେଇ କାରବାର ଭୂମି ମାଫିଆ ଏବଂ ଅନଧିକୃତ ବ୍ୟକ୍ତିମାନଙ୍କ ଦ୍ୱାରା କରାଯାଉଛି ଯାହାଙ୍କର ଏହି ଜମିର କୌଣସି ଅଂଶ ବିକ୍ରୟ କିମ୍ବା ହସ୍ତାନ୍ତର କରିବାର କୌଣସି ଆଇନଗତ ଅଧିକାର କିମ୍ବା କ୍ଷମତା ନାହିଁ ।

ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ସତର୍କ କରାଯାଉଛି ଏବଂ ଦୃଢ ପରାମର୍ଶ ଦିଆଯାଉଛି ଯେ ସେମାନେ ଆରଏସପି କର୍ତ୍ତୃପକ୍ଷଙ୍କ ଠାରୁ ଉପଯୁକ୍ତ ଯାଞ୍ଚ ଏବଂ ନିଶ୍ଚିତକରଣ ବିନା ଏହି ଅଞ୍ଚଳରେ ଜମି କ୍ରୟ କିମ୍ବା ଦଖଲ ପାଇଁ କୌଣସି କାରବାର, ରାଜିନାମା କିମ୍ବା ଚୁକ୍ତିରେ ପ୍ରବେଶ କରିବାରୁ ନିବୃତ୍ତ ରୁହନ୍ତୁ ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଆରଏସପି ଜମି ଏକ ସାର୍ବଜନୀକ ସମ୍ପତ୍ତି, ଏବଂ ଉପଯୁକ୍ତ ଅନୁମତି ବିନା ଯେକୌଣସି ଜବରଦଖଲ, କ୍ରୟ କିମ୍ବା ଦଖଲକୁ ବେଆଇନ ଏବଂ ଅବୈଧ ବୋଲି ବିବେଚନା କରାଯିବ । ଏପରି ବେଆଇନ କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନେ - ବିକ୍ରେତା କିମ୍ବା କ୍ରେତା ଭାବରେ - କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ରହିବେ, ଯେଉଁଥିରେ ଉଚ୍ଛେଦ, ଅନଧିକୃତ ନିର୍ମାଣ ଭାଙ୍ଗିବା ଏବଂ ପ୍ରାସଙ୍ଗିକ ଆଇନ ଅନୁଯାୟୀ ମାମଲା ରୁଜୁ କରାଯିବ । କ୍ରେତାମାନେ ଏହା ବେଆଇନ ହୋଇଥିବା ଯୋଗୁଁ ଗୁରୁତର ଆର୍ଥିକ କ୍ଷତି ମଧ୍ୟ ଭୋଗିପାରନ୍ତି ।

ଦେଓଗାଁ ଅଞ୍ଚଳରେ ସଜାଗ ରହି ଏବଂ ଯେକୌଣସି ସନ୍ଦେହଜନକ କିମ୍ବା ଅନଧିକୃତ ଜମି କାରବାର ବିଷୟରେ ସ୍ଥାନୀୟ ଆରଏସପି କର୍ତ୍ତୃପକ୍ଷ କିମ୍ବା ନିକଟତମ ପୋଲିସ ଷ୍ଟେସନକୁ ରିପୋର୍ଟ କରି ଏପରି ବେଆଇନ କାର୍ଯ୍ୟକଳାପକୁ ରୋକିବାରେ ସହାୟତା କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ।

ଯେକୌଣସି ସ୍ପଷ୍ଟୀକରଣ ପାଇଁ କିମ୍ବା ବେଆଇନ କାର୍ଯ୍ୟକଳାପ ରିପୋର୍ଟ କରିବାକୁ, ଦୟାକରି ଯୋଗାଯୋଗ କରନ୍ତୁ:
ମୁଖ୍ୟ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ (ସହର ସେବା ଏବଂ ସିଏସଆର)
ରାଉରକେଲା ଇସ୍ପାତ କାରଖାନା
ଆପଣ **rsp.townservices@sail.in** କୁ ଇମେଲ୍ ପଠାଇ ମଧ୍ୟ ଏଥି ସମ୍ବନ୍ଧୀୟ ସୂଚନା ଦେଇପାରିବେ ।
ଆସନ୍ତୁ ଆମ ସହରକୁ ସୁରକ୍ଷିତ ଏବଂ ଜମି ସମ୍ବନ୍ଧୀୟ ଠକେଇରୁ ମୁକ୍ତ ରଖିବା ପାଇଁ ଆମେ ଏକାଠି କାମ କରିବା ।

ଜାରୀ ନିର୍ଦ୍ଦେଶ ଦ୍ୱାରା
ମୁଖ୍ୟ ମହାପ୍ରବନ୍ଧକ (ସହର ସେବା ଓ ସିଏସଆର)
ରାଉରକେଲା ଇସ୍ପାତ କାରଖାନା
ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୫/୨୨, ତାରିଖ: ୦୩ ଜୁନ୍, ୨୦୨୫

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୫୨୦୪୯ | କ୍ୟାସ୍‌ନବ୍ ୨୨ ଏଚ୍‌ଏସ୍ (ଏମ୍‌ଓଡି-।) ବଗି ପାଇଁ ସେଣ୍ଟର୍ ପିଭଟ୍ ଟପ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୬୧୨୦ ଗୋଟି |
| ୨ | ୦୮୨୫୧୫୧୨ | ଟ୍ରାନ୍ସଫର୍ମର୍ ଅଏଲ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୩୬୯୯୩ ଲିଟର |
| ୩ | ୦୨୨୫୪୦୭୮ | ଟ୍ରାକ୍ସନ୍ ମୋଟର ପାଇଁ ଡବ୍ଲ୍ୟୁଏପି୭/ଡବ୍ଲ୍ୟୁଏଜି୯ ଲୋକୋର ଏଣ୍ଡ ଫ୍ରେମ୍ ନନ୍ ଡ୍ରାଇଭିଂ ଏଣ୍ଡ ଆସେମ୍ବ୍ଲି (ମେଶିନ୍‌ଡ) | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୨୮୦ ଗୋଟି |
| ୪ | ୦୩୨୫୩୨୫୭ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ ସାଇଡ୍ ବଡି ଷ୍ଟାଞ୍ଚିୟନ୍ କମ୍ପ୍ଲିଟ୍ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୧୫୦୦ ଗୋଟି |
| ୫ | ୦୫୨୫୧୨୦୩ | ସେଲ୍ ୨ଭି ୨୦୦ଏଏଚ୍ କାପାସିଟି ଲିଡ୍ ଏସିଡ୍ ଲୋ' ମେଣ୍ଟେନାନ୍ସ ଷ୍ଟେଶନାରୀ ସେକେଣ୍ଡାରୀ ୧୦ ଘଣ୍ଟାରେ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୩୯୦୦ ଗୋଟି |
| ୬ | ୦୩୨୫୧୪୯୩ | କ୍ୟାସ୍‌ନବ୍ ବଗି ପାଇଁ ନାରୋ ଏବଂ ୱାଇଡ୍ ଜ' ନିମନ୍ତେ ସାଇଡ୍ ଫ୍ରେମ୍ କୀ (କାର୍ଟ୍ରିଜ୍ ରୋଲର୍ ବେରିଂ ପାଇଁ) | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୨୦୪୯୬୨ ଗୋଟି |
| ୭ | ୦୩୨୫୧୪୯୫ | କ୍ୟାସ୍‌ନବ୍ ବଗି ପାଇଁ ମଡିଫାଏଡ୍ ଇଲାଷ୍ଟୋମେରିକ୍ ପ୍ୟାଡ୍ | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୧୩୨୪୮୨ ଗୋଟି |
| ୮ | ୦୬୨୫୦୦୮୩ | ଓଭରରାଇଡିଂ କର୍ଭଡ୍ ସୁଇଚେସ୍ – ୬୦ କିଗ୍ରା ୧ ଇନ୍ ୮.୫ ଅନୁରୂପର ଫାବ୍ରିକେଶନ୍ ଓ ଯୋଗାଣ ପାଇଁ ଦର ଚୁକ୍ତି | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୩୦ ସେଟ୍ |
| ୯ | ୦୬୨୫୦୦୮୫ | ୧ ଇନ୍ ୮.୫ ବିଜି ୬୦ କିଗ୍ରା ୱେଲ୍‌ଡେବଲ୍ ସିଏମ୍‌ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ ପାଇଁ ଦର ଚୁକ୍ତି । | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୭୦ ସେଟ୍ |
| ୧୦ | ୦୩୨୫୧୩୭୩ ଏ | ଆର୍‌ଡିଏସ୍‌ଓ ଡ୍ରଇଂ ନଂ. ଡବ୍ଲ୍ୟୁଡି–୮୧୦୧୦–ଏସ୍–୦୩ ଅନୁଯାୟୀ ସେଣ୍ଟର ବଫର୍ କପ୍‌ଲର୍ ପାଇଁ ନକଲ୍ | ୨୫।୦୬।୨୦୨୫ ୧୦.୩୦ ଘଟିକାରେ | ୨୩୬୮୩ ଗୋଟି |
| ୧୧ | ୦୫୨୫୧୩୧୬ | ଭାରତୀୟ ରେଳବାଇ ଟେଲିକମ୍ ଉପକରଣ ପାଇଁ ୪୮ ଭି/୨୫ ଆମ୍ପ୍ ଏସ୍‌ଏମ୍‌ଆର୍ ମଡ୍ୟୁଲ୍ ବେସ୍‌ଡ ଏସ୍‌ଏମ୍‌ପିଏସ୍ ପାୱାର ପ୍ଲାଣ୍ଟ ଯୋଗାଣ | ୨୬।୦୬।୨୦୨୫ ୧୦.୩୦ ଘଟିକାରେ | ୭୪ ଗୋଟି |
| ୧୨ | ୦୩୨୫୨୦୫୦ | କ୍ୟାସ୍‌ନବ୍ ୨୨ଏଚ୍‌ଏସ୍, ୨୨ଏଚ୍‌ଏସ୍ (ଏମ୍‌ଓଡି–୧) ଏବଂ ଆଇଆର୍‌ଏଫ୍–୧୦୮ଏଚ୍‌ଏସ୍ ବଗି ନିମନ୍ତେ ବଗି ସେଣ୍ଟର ପିଭଟ୍ ବଟମ୍ | ୨୭।୦୬।୨୦୨୫ ୧୦.୩୦ ଘଟିକାରେ | ୫୧୪୧ ଗୋଟି |
| ୧୩ | ୦୩୨୫୨୬୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍‌ର କନ୍‌ଷ୍ଟାଣ୍ଟ କଣ୍ଟାକ୍ଟ ପଲି ୟୁରିଥ୍ରିନ୍ (ପିୟୁ) ସାଇଡ୍ ବିୟରର୍ ପ୍ୟାଡ୍ ନିମନ୍ତେ ଟପ୍ ହାଉସିଂ | ୦୨।୦୭।୨୦୨୫ ୧୦.୩୦ ଘଟିକାରେ | ୨୫୧୪ ଗୋଟି |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି । ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ **www.ireps.gov.in**ରେ ଦେଖାଯାଇପାରିବ ।

CPR/10/PR/92 — *ପି ସି ଏମ୍ ଏମ୍, ଏସ୍‌ଇସିଆର୍, ବିଳାସପୁରଙ୍କ ପାଇଁ*

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar - 751007, Tel: 2545586/2545852
email: serifedodisha@gmail.com, website: www.serifedodisha.in

**INVITATION FOR BIDS (e-Procurement)**

**Bid Identification No. VI-08(07)/ SERIFED/2025-26/685/Dt.30.05.2025**

No. CAD-650: The Managing Director (SERIFED), Odisha, Bhubaneswar invites Item Rate Tenders in Single Cover System in ONLINE MODE only, for the 2 (Two) Nos. of works at different places of Odisha. The bid documents such as DTCN/BOQ etc. can be seen/downloaded from the Government website: **www.tendersodisha.gov.in** during the period Dt.06.06.2025 to 17.00 hours upto Dt.12.06.2025. Online bids shall be received till 17.00 hours Dt.12.06.2025 & shall be opened at 11.30 A.M. on Dt.13.06.2025. Any addendum/corrigendum/cancellation of tender can also be seen in the said website.

OIPR- **Sd./- Managing Director**

**OFFICE OF THE DHENKANAL MUNICIPAL COUNCIL, DHENKANAL** No. C-466

**E-Procurement Notice**

**Tender Call Notice No. 2098/DKLMPLTY / Date: 05.06.2025**

1. Name of the Work : Individual Civil Construction work published the **www.tenderodisha.gov.in** website.
2. No. of works put to tender : 35 Nos. individual works
3. Estimated Cost : Rs.16.95 lakhs
4. Period of Completion : 45 Days
5. Date and time of availability : From 11.00 hours of Dt.07.06.2025 to 17.00 hours of Dt.16.06.2025 of bid document in the portal
6. Last date/time for receipt of bids : 17.00 hours of Dt.16.06.2025
7. Date and time of opening of Bid : 9.00 hours of Dt.17.06.2025
8. Name and address of the Officer Inviting Bid : Executive Officer, Dhenkanal Municipality

Further details can be seen from the e-procurement portal **https://tenderorissa.gov.in**.

**Sd./- Executive Officer**
**Dhenkanal Municipality**
OIPR-

# ଟ୍ରକ୍ ଧକ୍କାରେ ଚାଷୀଙ୍କ ସହ ୨ବଳଦ ମୃତ

**ଦେବଗଡ଼,୭।୬(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଥାନା ଅନ୍ତର୍ଗତ କଳାମାଟି ବସଷ୍ଟପ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଏକ ଟ୍ରକ ଧକ୍କାରେ ଜଣେ ଚାଷୀଙ୍କ ସହିତ ୨ଟି ବଳଦର ମୃତ୍ୟୁ ଘଟିଛି । ମୃତ ଚାଷୀ ଜଣକ ବଣିଆକିଲିଣ୍ଡା ଗ୍ରାମପଞ୍ଚାୟତ କୁଡାପଡା ଗ୍ରାମର ସମ୍ବାରୁ ମୁଣ୍ଡା (୫୫) । ଶନିବାର ସକାଳ ପ୍ରାୟ ୬ଟାରେ ନିଜର ଦୁଇଟି ବଳଦକୁ ଜୁଆଳିରେ ଫାନ୍ଦି ହଳ କରିବାକୁ ଚାଷ ଜମିକୁ ଯାଉଥିଲେ । ତେବେ କଳାମାଟି ବସଷ୍ଟପ ନିକଟରେ ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଅତିକ୍ରମ କରୁଥିବାବେଳେ ବାରକୋଟ ପଟୁ ଦେବଗଡ଼ ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ ମାଲ ବୋଝେଇ ଟ୍ରକ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା । ଫଳରେ ଘଟଣାସ୍ଥଳରେ ଦୁଇଟି ଯାକ ବଳଦର ମୃତ୍ୟୁ ଘଟିଥିବାବେଳେ ସମ୍ବାରୁ ଗୁରୁତର ଆହତ ହୋଇଥିଲେ । ତାଙ୍କୁ କଳାମାଟି ଗ୍ରାମର ବିରଞ୍ଚି ଠାକୁର ଓ ଅନ୍ୟମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନାପାଇ ଦେବଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସମ୍ବାରୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ର ସିଡ଼ି ରେଲିଂ କ୍ଷେତ୍ର ନବୀକରଣ (ଖାଣ୍ଡୋଲାଇଟ୍ ପଥରକାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜୁନ୍ 23, 2025 ଅପରାହ୍ନ 02:00 ଟା** ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

**TENDER DOCUMENT**
**FOR SUPPLY OF GOOD QUALITY FERTILIZER (NPK / GRANULAR INSECTICIDE & UREA (NCU)), TO BONAI FOREST DIVISION, SUNDARGARH DIST-SUNDARGARH, ODISHA FOR THE YEAR 2025-26**

**No.MM-78** : The Divisional Forest Officer, Bonai invites technical and financial bids from the manufacturers for supply of NPK / Granular Insecticide & Urea (NCU) which are required for various plantation programmes in Bonai Forest Division during 2025-26 under various schemes.

An Earnest Money Deposit (EMD) of Rs. 20,000/- (Rupees Twenty Thousand) only per each product must be accompanied in shape of demand draft of any Nationalized Bank payable at Bonai in favour of Divisional Forest Officer, Bonai. The Tender paper can be downloaded from the district website at www.sundargarh.nic.in or can be received from division office latest by 5.00 P.M. on or before 16.06.2025.

Such tender paper as downloaded shall be accompanied with all required documents, GSTIN No. & GST clearance certificate, manufacturing license and it must be submitted /put into the tender box kept in the office of the undersigned latest by 10:30 A.M. on 16.06.2025. A Demand Draft drawn in favour of Divisional Forest Officer, Bonai for Rs.1,180/- (Rupees One Thousand One Hundred Eighty) only as non-refundable amount is to be attached with tender towards cost of tender paper or else the tenders shall be rejected.

Eligibility :-
1. The invitation to participate in the Tender Document is open to Reputed Registered Dealer / Manufacturer/ Individuals.
2. The Tenderer must not have been banned or black listed by any Government organization.
3. There must not be any adverse action pending against the Tenderer.

A. Download of Tender Document : 06.06.2025 to 16.06.2025, by 5.00 P.M.
B. Last Date for Submission of Sealed Tender Document : 16.06.2025 by 5.00 P.M.
C. opening of Technical Bid : 17.06.2025 at 11.00 A.M.
D. Opening of Financial Bid : 19.06.2025 at 11.00 A.M.

**Sd./- Divisional Forest Officer,**
**Bonai Forest Division**
**OIPR-08040/11/0015/2526**

Government of India
CBC 46101/13/0012/2526
Viksit Bharat ka Amrit Kaal
Seva, Sushasan, Garib Kalyan ke
11 SAAL

ଅନେକ ଦଶନ୍ଧିର ଅପେକ୍ଷା ହେଲା ଶେଷ
ସ୍ୱପ୍ନକୁ ମିଳିଲା ନୂଆ ଉଡ଼ାଣ
ଝିଅଙ୍କ ପାଇଁ ଖୋଲିଛି **ସୈନିକ ସ୍କୁଲ** ଏବଂ
**ଜାତୀୟ ପ୍ରତିରକ୍ଷା ଏକାଡେମୀର ଦ୍ୱାର**
ପ୍ରଥମ ଥର ସେନାବାହିନୀରେ ମହିଳାଙ୍କୁ ମିଳିଲା **ସ୍ଥାୟୀ କମିଶନ**



# କେଭି କଲେଜ ଛାତ୍ରୀଛାତ୍ରଙ୍କ ଲେଖକ ଦେଖା କାର୍ଯ୍ୟକ୍ରମ


ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କୁ କେଭି କଲେଜ ଛାତ୍ରୀଛାତ୍ରମାନେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

**ବଲାଙ୍ଗୀର,୭।୬(ବୀରେନ୍ଦ୍ର କୁମାର ଝାଙ୍କର)** ବଲାଙ୍ଗୀରଠାରେ କଣ୍ଟାବାଞ୍ଜିସ୍ଥିତ କେଭି କଲେଜର ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ 'ଲେଖକ ଦେଖା କାର୍ଯ୍ୟକ୍ରମ' ଆୟୋଜିତ ହୋଇଛି। ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. ସଞ୍ଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ୨୦ ଜଣ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରମାନେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖିକା ଗାୟତ୍ରୀ ସରାଫ, ଡା. ମଞ୍ଜୁବାଳା ପଣ୍ଡା, କବି ତଥା ଅଭିନେତା ବିଜୟ କୁମାର ତ୍ରିପାଠୀ, ଗାଳ୍ପିକ ପ୍ରଦୀପ କୁମାର ମିଶ୍ର ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କ ବାସଭବନକୁ ଯାଇ ସେମାନଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ଲେଖକ ଲେଖିକାଙ୍କ ପ୍ରତିଭା ପୂଜନ ଓ ଗୁରୁବନ୍ଦନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ମାନେ ପ୍ରତିଷ୍ଠିତ ଲେଖକଙ୍କ ବ୍ୟକ୍ତିଗତ ଏବଂ ପାରିବାରିକ ଜୀବନ, ସାହିତ୍ୟ ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ଦିବଙ୍ଗତ ଗାଳ୍ପିକ ମନୋଜ କୁମାର ପଣ୍ଡାଙ୍କ ଘରକୁ ଯାଇ ସେଠାରେ ତାଙ୍କ ଫଟୋରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ତାଙ୍କ ପରିବାର ସଦସ୍ୟଙ୍କ ସହ ଛାତ୍ରୀଛାତ୍ରମାନେ ଆଲୋଚନା କରିଥିଲେ। ପରେ ସେମାନଙ୍କ ଅନୁଭୂତିକୁ ନେଇ ଏକ ନିବନ୍ଧ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ଛାତ୍ରୀ ଶୁଭଶ୍ରୀ ବିଶ୍ୱାଳଙ୍କ ଦ୍ୱାରା ପ୍ରସ୍ତୁତ ନିବନ୍ଧ 'ଗାଳ୍ପିକା ମଞ୍ଜୁବାଳା ପଣ୍ଡାଙ୍କ ଗଳ୍ପରେ ସାମାଜିକ ବାସ୍ତବତାର ଚିତ୍ର ଓ ଛାତ୍ର ଆକାଶ ରଣାଙ୍କ ଦ୍ୱାରା ପ୍ରସ୍ତୁତ ନିବନ୍ଧ 'ଗାଳ୍ପିକ ପ୍ରଦୀପ କୁମାର ମିଶ୍ରଙ୍କ ଗଳ୍ପ ସମୂହ ଏକ ଆକଳନ' ଦୁଇ ଲେଖକଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଭିଜ୍ଞା ଥପା, ଧନମତି ମାହାର, ଅଙ୍କିତା ନାଏକ, ଅନୁପମା ଦରୱାନ, ବେବି ମହାକୁର ସ୍ୱୀକୃତି ମହାକୁର, କ୍ଷୀରୋଦ ମହାନନ୍ଦ, ଦୁଷ୍ମନ୍ତ ମହନନ୍ଦ, ପ୍ରଶାନ୍ତ ନାଏକ, ଶୁଭଶ୍ରୀ ବିଶ୍ୱାଳ, ଆକାଶ ରଣା, ଆନନ୍ଦିନୀ ମାଝି, ଶ୍ରୀୟଙ୍କା ପୁଟେଲ, ଆଲୋକ କରଣ, ଟ୍ୱିଙ୍କଲ ସାହୁ ଉପସ୍ଥିତ ଥିଲେ। କବି ଡ. ପ୍ରହଲ୍ଲାଦ ଶତପଥୀ, ଅରୁଣ ଖୁଆସ, ପଞ୍ଚା ମିଶ୍ର, ଶୁଭ୍ରାଂଶୁ ବେହେରା ସହଯୋଗ କରିଥିଲେ।

# ବେକରେ ଫାଶ ଲଗାଇ ଆତ୍ମହତ୍ୟା

**ଦେବଗଡ଼,୭।୬(ଶଶାଙ୍କ ଶେଖର ଝାଙ୍କର)** ଦେବଗଡ଼ ଜିଲା ଲଇମୁରା ଥାନା ଅନ୍ତର୍ଗତ ତସର୍ଡା ଗ୍ରାମର ଜଣେ ବ୍ୟକ୍ତି ଶୁକ୍ରବାର ରାତିରେ ଘରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ବ୍ୟକ୍ତି ଜଣକ ତସର୍ଡା ଗ୍ରାମର ଇଗ୍ନେଶ କିଣ୍ଡୋ (୫୧)। ସେ ଘରେ ଗଣ୍ଡଗୋଳ ସୃଷ୍ଟି କରୁଥିବାରୁ ପରିବାର ଲୋକ ବାରଣ କରୁଥିଲେ। ଏହାକୁ ନେଇ ଶୁକ୍ରବାର ଇଗ୍ନେଶ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସନ୍ଧ୍ୟାରେ ଇଗ୍ନେଶଙ୍କ ସ୍ତ୍ରୀ ଓ ଝିଅ ବଜାରକୁ ସଉଦା ଆଣିବାକୁ ଯାଇଥିଲେ। ଇଗ୍ନେଶ ଘରେ ଏକାକୀ ରହିଥିଲେ। ମା' ଝିଅ ଘରକୁ ଫେରିବାବେଳେ ଇଗ୍ନେଶ ଘରର ଶେଣୀରେ ଏକ ବିଦ୍ୟୁତ୍ କେବୁଲ ତାର ସହାୟତାରେ ଫାଶଦେଇ ଝୁଲୁଥିବା ଦେଖିବାକୁ ପାଇଥିଲେ। ସେମାନେ ଏକ ଟାଙ୍ଗିଆ ସାହାଯ୍ୟରେ ତୁରନ୍ତ ଉକ୍ତ କେବୁଲ ତାରକୁ କାଟି ଇଗ୍ନେଶଙ୍କୁ ତଳକୁ ଓହ୍ଲାଇବାସହ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ପୂର୍ବାହ୍ନରେ ଏନେଇ ଇଗ୍ନେଶଙ୍କ ଝିଅ ଲଇମୁରା ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ଏକ ମାମଲା ରୁଜୁ କରିବାସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ପିଏନ୍‌ବି ପକ୍ଷରୁ ଗ୍ରାହକ ସମ୍ମିଳନୀ



ଆୟୋଜିତ ଗ୍ରାହକ ସମ୍ମିଳନୀରେ ଅତିଥିମାନେ ଗ୍ରାହକମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ସମ୍ବଲପୁର,୭।୬(ବି.ଶଙ୍କର)** ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ମୁଖ୍ୟ ଶାଖା ବରଗଡ଼ ଆନୁକୂଲ୍ୟରେ ବରଗଡ଼ ସ୍ଥିତ ଟୁଲି ପ୍ରିମିୟମ ସଭାକକ୍ଷରେ ଶନିବାର ଗ୍ରାହକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପିଏନ୍‌ବି ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ଉପମହାପ୍ରବନ୍ଧକ କ୍ଷେତ୍ରବାସୀ ମିଶ୍ର, ପିଏନ୍‌ବି ସମ୍ବଲପୁରର ମଣ୍ଡଳ ମୁଖ୍ୟ ଅଜିତ ମେହେର ଯୋଗଦେଇଥିଲେ। ବରଗଡ଼ ସହର ତଥା ନିକଟସ୍ଥ ଅଞ୍ଚଳରୁ ବ୍ୟାଙ୍କର ଗ୍ରାହକ ଏବଂ ପୃଷ୍ଠପୋଷକମାନଙ୍କୁ ଏହି ସଭାକୁ ଆମନ୍ତ୍ରିତ କରାଯାଇଥିଲା। ବରଗଡ଼ ଶାଖା ମୁଖ୍ୟ ତଥା ମୁଖ୍ୟ ପ୍ରବନ୍ଧକ ଆର୍ଯ୍ୟ ଚନ୍ଦନ ଦାଶ ସ୍ୱାଗତ ଭାଷଣ ଓ ଧନ୍ୟବାଦ ପ୍ରଦାନ କରି ଗ୍ରାହକ ମିଳନ କାର୍ଯ୍ୟକ୍ରମର ପ୍ରାରମ୍ଭ କରିଥିଲେ। ଉପସ୍ଥିତ ଗ୍ରାହକମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା। ଉପ କ୍ଷେତ୍ରୀୟ ପ୍ରବନ୍ଧକ ମିଶ୍ର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଗ୍ରାହକ ସେବାକୁ ସର୍ବୋତ୍ତମ ସ୍ତରରେ ପହଞ୍ଚାଇବା ଦିଗରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଗ୍ରାହକମାନଙ୍କୁ କୃତଜ୍ଞତା ଜଣାଇଥିଲେ। ସେହିପରି ମଣ୍ଡଳମୁଖ୍ୟ ମେହେର ମଧ ବ୍ୟାଙ୍କର ବ୍ୟବସାୟିକ ବିକାଶ ଉପରେ ଗୁରୁତ୍ୱରୋପ କରିବା ସହ ବ୍ୟାଙ୍କ ଗ୍ରାହକ ସମନ୍ୱୟକୁ ସୁଦୃଢ଼ କରିବା ଦିଗରେ ଆଲୋକପାତ କରିଥିଲେ। ଉପସ୍ଥିତ ଗ୍ରାହକମାନେ ବ୍ୟାଙ୍କ ସହ ସେମାନଙ୍କର ସମ୍ପର୍କ ଏବଂ ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସେମାନଙ୍କର ବ୍ୟାଙ୍କ ସମ୍ବନ୍ଧିୟ ସମସ୍ୟା ଅସୁବିଧାଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ବରଗଡ଼, ବରପାଲି, ଅତାବିରା, ସୋହେଲା ପ୍ରଭୃତି ଶାଖାଗୁଡ଼ିକର କର୍ମଚାରୀ ବୃନ୍ଦ ମଧ୍ୟ ଉପସ୍ଥିତ ଥିଲେ।

# ସଫେଇ ଆଳରେ ସୁନାଗହଣା ଲୁଟ୍

**ଧର୍ମଗଡ଼, ୭।୬ (ଘାସିରାମ ଜଗତ):** ସଫେଇ ଆଳରେ ଦୁର୍ବୃତ୍ତମାନେ ଶନିବାର ଧର୍ମଗଡ଼ର ଜଣେ ବ୍ୟବସାୟୀଙ୍କ ଘରୁ ସୁନା ଚୁଡ଼ି, ମୁଦି ଓ ସୁନା ଚେନ ନେଇ ଫେରାର ହୋଇଯାଇଛନ୍ତି। ସୂଚନା ଅନୁସାରେ ଧର୍ମଗଡର ବ୍ୟବସାୟୀ ମନୋଜ କୁମାର ଅଗ୍ରୱାଲ ଘରେ ନ ଥିବା ସୁଯୋଗ ନେଇ ତାଙ୍କ ଘରକୁ ଦୁଇଜଣ ବ୍ୟକ୍ତି ଉଜାଲା କମ୍ପାନୀରୁ ଆସିଥିବା ପରିଚୟ ଦେଇଥିଲେ। ଘରେ ମନୋଜଙ୍କ ମା' ଓ ଭାଇବୋହୂ ଥିଲେ। ସେମାନେ ସୁନାରୁପା ଗହଣା, ବାସନକୁସନ ସଫେଇ କରିବାକୁ ଘର ଲୋକଙ୍କୁ ପ୍ରବର୍ତ୍ତାଇଥିଲେ। ସେମାନଙ୍କ କଥାରେ ବିଶ୍ୱାସ କରି ମନୋଜଙ୍କ ମା' ଗହଣା ସଫା କରିବାକୁ ଦେଇଥିଲେ। ଘର ଲୋକଙ୍କୁ ଗରମ ପାଣି ଆଣିବାକୁ କହି ସେମାନେ ଦୁଇଟି ସୁନା ଚୁଡ଼ି, ମୁଦି ଓ ସୁନା ଚେନ ନେଇ ଫେରାର ହୋଇଯାଇଥିଲେ। ବ୍ୟବସାୟୀ ସଂଘ ପକ୍ଷରୁ ଏ ନେଇ ପୋଲିସରେ ଅଭିଯୋଗ କରାଯାଇଛି।

# ଚୋରି ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ

**କୁଚିଣ୍ଡା,୭।୬ (ବିରଞ୍ଚି ଦର୍ଶୀ)** ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଗୋବିନ୍ଦପୁର ସରପଞ୍ଚ ବିମଳା ଲାକ୍ରାଙ୍କ ଘରୁ ଚୋରି ଅଭିଯୋଗରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର ସନ୍ଧ୍ୟାରେ କୁଚିଣ୍ଡା ଏସ୍‌ଡିଜେଏମ୍


ଗିରଫ ଅଭିଯୁକ୍ତଙ୍କ ସହ ଜବତ ଚୋରି ସାମଗ୍ରୀ।

କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ଗୋବିନ୍ଦପୁର ମଝିପଡାର ସନ୍ତୋଷ ନାଏକ(୩୨)। ସରପଞ୍ଚ ଲାକ୍ରାଙ୍କ ଲିଖିତ ଏତଲା କ୍ରମେ ପୋଲିସ ଗୋବିନ୍ଦପୁର ଥାନାରେ ଦଫା ୩୩୧(୪)/୩୦୫ବିଏନ୍‌ଏସ୍‌ରେ ମାମଲା (ନଂ.୭୪/୨୫) ରୁଜୁ କରିଛି। ପୋଲିସ ଅଭିଯୁକ୍ତଙ୍କଠାରୁ କେତେକ ଚୋରି ସାମଗ୍ରୀ ଜବତ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରାଙ୍କ ଗୋବିନ୍ଦପୁର ପଞ୍ଜାବୀ ଛକସ୍ଥିତ ଘରେ ଶୁକ୍ରବାର ରାତିରେ କେତେକ ଦୁର୍ବୃତ୍ତ ପଶି ସାମ୍‌ସଙ୍ଗ ଟିଭି,ଏକ ପୁରୁଣା ଡିଭିଡି ପ୍ଲେୟାର, ଗ୍ରାଇଣ୍ଡର ମେଶିନ, ଗୋଟିଏ ସିଲିଂ ଫ୍ୟାନ ଓ ଗୋଟିଏ ୱାଲ ଫ୍ୟାନ, ଗୋଟିଏ ମୋଟର ପମ୍ପ, ଦୁଇଟି ଲୁହା ପାଇପ, ଦୁଇଟି ଲୁହା କବାଟ ସହ ଆଲୁମିନିୟମ ରୋଷେଇ ସାମଗ୍ରୀ ଚୋରି କରିଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଚୋରିରେ ସାମିଲ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବାକୁ ଚଢାଉ ଜାରି ରହିଥିବା ଗୋବିନ୍ଦପୁର ଆଇଆଇସି ରାଜେନ୍ଦ୍ର ବେହେରା କହିଛନ୍ତି।


**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India
Great Place To Work. Certified

**ସର୍ବସାଧାରଣଙ୍କ ନିମନ୍ତେ ସୂଚନା**

ବିଷୟ: ଏନ.ଏଚ.-୧୪୩ ନିକଟସ୍ଥ ଦେଓଗାଁ ଅଞ୍ଚଳରେ ଆରଏସପି ଜମିର ବେଆଇନ ବିକ୍ରୟ ସମ୍ବନ୍ଧରେ ସତର୍କତା

ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପ୍ରଶାସନର ଦୃଷ୍ଟିକୁ ଆସିଛି ଯେ କିଛି ଅସାଧୁ ବ୍ୟକ୍ତି ଏନ.ଏଚ.-୧୪୩ ନିକଟସ୍ଥ ଦେଓଗାଁ ଅଞ୍ଚଳରେ ସ୍ଥିତ ଆରଏସପି ମାଲିକାନା ଜମିକୁ ବେଆଇନ ଭାବରେ କ୍ରେତାମାନଙ୍କୁ ବିକ୍ରି କରୁଛନ୍ତି। ଏହି ଠକେଇ କାରବାର ଭୂମି ମାଫିଆ ଏବଂ ଅନଧିକୃତ ବ୍ୟକ୍ତିମାନଙ୍କ ଦ୍ୱାରା କରାଯାଉଛି ଯାହାଙ୍କର ଏହି ଜମିର କୌଣସି ଅଂଶ ବିକ୍ରୟ କିମ୍ବା ହସ୍ତାନ୍ତର କରିବାର କୌଣସି ଆଇନଗତ ଅଧିକାର କିମ୍ବା କ୍ଷମତା ନାହିଁ।

ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ସତର୍କ କରାଯାଉଛି ଏବଂ ଦୃଢ଼ ପରାମର୍ଶ ଦିଆଯାଉଛି ଯେ ସେମାନେ ଆରଏସପି କର୍ତ୍ତୃପକ୍ଷଙ୍କ ଠାରୁ ଉପଯୁକ୍ତ ଯାଞ୍ଚ ଏବଂ ନିଶ୍ଚିତକରଣ ବିନା ଏହି ଅଞ୍ଚଳରେ ଜମି କ୍ରୟ କିମ୍ବା ଦଖଲ ପାଇଁ କୌଣସି କାରବାର, ରାଜିନାମା କିମ୍ବା ଚୁକ୍ତିରେ ପ୍ରବେଶ କରିବାରୁ ନିବୃତ୍ତ ରୁହନ୍ତୁ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଆରଏସପି ଜମି ଏକ ସାର୍ବଜନୀକ ସମ୍ପତ୍ତି, ଏବଂ ଉପଯୁକ୍ତ ଅନୁମତି ବିନା ଯେକୌଣସି ଜବରଦଖଲ, କ୍ରୟ କିମ୍ବା ଦଖଲକୁ ବେଆଇନ ଏବଂ ଅବୈଧ ବୋଲି ବିବେଚନା କରାଯିବ। ଏପରି ବେଆଇନ କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନେ - ବିକ୍ରେତା କିମ୍ବା କ୍ରେତା ଭାବରେ - କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ରହିବେ, ଯେଉଁଥିରେ ଉଚ୍ଛେଦ, ଅନଧିକୃତ ନିର୍ମାଣ ଭାଙ୍ଗିବା ଏବଂ ପ୍ରାସଙ୍ଗିକ ଆଇନ ଅନୁଯାୟୀ ମାମଲା ରୁଜୁ କରାଯିବ। କ୍ରେତାମାନେ ଏହା ବେଆଇନ ହୋଇଥିବା ଯୋଗୁଁ ଗୁରୁତର ଆର୍ଥିକ କ୍ଷତି ମଧ୍ୟ ଭୋଗିପାରନ୍ତି।

ଦେଓଗାଁ ଅଞ୍ଚଳରେ ସଜାଗ ରହି ଏବଂ ଯେକୌଣସି ସନ୍ଦେହଜନକ କିମ୍ବା ଅନଧିକୃତ ଜମି କାରବାର ବିଷୟରେ ସ୍ଥାନୀୟ ଆରଏସପି କର୍ତ୍ତୃପକ୍ଷ କିମ୍ବା ନିକଟତମ ପୋଲିସ ଷ୍ଟେସନକୁ ରିପୋର୍ଟ କରି ଏପରି ବେଆଇନ କାର୍ଯ୍ୟକଳାପକୁ ରୋକିବାରେ ସହାୟତା କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି।

ଯେକୌଣସି ସ୍ପଷ୍ଟୀକରଣ ପାଇଁ କିମ୍ବା ବେଆଇନ କାର୍ଯ୍ୟକଳାପ ରିପୋର୍ଟ କରିବାକୁ, ଦୟାକରି ଯୋଗାଯୋଗ କରନ୍ତୁ:
ମୁଖ୍ୟ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ (ସହର ସେବା ଏବଂ ସିଏସଆର)
ରାଉରକେଲା ଇସ୍ପାତ କାରଖାନା

ଆପଣ **rsp.townservices@sail.in** କୁ ଇମେଲ୍ ପଠାଇ ମଧ୍ୟ ଏଥି ସମ୍ବନ୍ଧୀୟ ସୂଚନା ଦେଇପାରିବେ।
ଆସନ୍ତୁ ଆମ ସହରକୁ ସୁରକ୍ଷିତ ଏବଂ ଜମି ସମ୍ବନ୍ଧୀୟ ଠକେଇରୁ ମୁକ୍ତ ରଖିବା ପାଇଁ ଆମେ ଏକାଠି କାମ କରିବା।

ଜାରୀ ନିର୍ଦ୍ଦେଶ ଦ୍ୱାରା
ମୁଖ୍ୟ ମହାପ୍ରବନ୍ଧକ (ସହର ସେବା ଓ ସିଏସଆର)
ରାଉରକେଲା ଇସ୍ପାତ କାରଖାନା
ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇ-ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୫/୨୨, ତାରିଖ: ୦୩ ଜୁନ୍, ୨୦୨୫

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୫୨୦୪୯ | କ୍ୟାସ୍‌ନବ୍ ୨୨ ଏଚ୍‌ଏସ୍ (ଏମ୍‌ଓଡି-I) ବଗି ପାଇଁ ସେଣ୍ଟର୍ ପିଭଟ୍ ଟପ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୬୧୨୦ ଗୋଟି |
| ୨ | ୦୮୨୫୧୫୧୨ | ଟ୍ରାନ୍ସଫର୍ମର୍ ଅଏଲ୍ | ୧୯।୦୬।୨୦୨୫ ୧୦.୩୦ ଘଟିକାରେ | ୩୬୯୯୩ ଲିଟର |
| ୩ | ୦୨୨୫୪୦୭୮ | ଟ୍ରାକ୍ସନ୍ ମୋଟର ପାଇଁ ଡବ୍ଲ୍ୟୁଏପି୭/ଡବ୍ଲ୍ୟୁଏଜି୯ ଲୋକୋର ଏଣ୍ଡ ଫ୍ରେମ୍ ନନ୍ ଡ୍ରାଇଭିଂ ଏଣ୍ଡ ଆସେମ୍ବ୍ଲି (ମେଶିନ୍‌ଡ) | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୨୮୦ ଗୋଟି |
| ୪ | ୦୩୨୫୩୨୫୭ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ ସାଇଡ୍ ବଡି ଷ୍ଟାଞ୍ଚିୟନ୍ କମ୍ପ୍ଲିଟ୍ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୧୫୦୦ ଗୋଟି |
| ୫ | ୦୫୨୫୧୨୦୩ | ସେଲ୍ ୨ଭି ୨୦୦ଏଏଚ୍ କାପାସିଟି ଲିଡ୍ ଏସିଡ୍ ଲୋ' ମେଣ୍ଟେନାନ୍ସ ଷ୍ଟେଶନାରୀ ସେକେଣ୍ଡାରୀ ୧୦ ଘଣ୍ଟାରେ | ୨୩।୦୬।୨୦୨୫ ୧୦.୩୦ ଘଟିକାରେ | ୩୯୦୦ ଗୋଟି |
| ୬ | ୦୩୨୫୧୪୯୩ | କ୍ୟାସ୍‌ନବ୍ ବଗି ପାଇଁ ନାରୋ ଏବଂ ୱାଇଡ୍ ଜ' ନିମନ୍ତେ ସାଇଡ୍ ଫ୍ରେମ୍ କୀ (କାର୍ଟ୍ରିଜ୍ ରୋଲର୍ ବେରିଂ ପାଇଁ) | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୨୦୪୯୭୨ ଗୋଟି |
| ୭ | ୦୩୨୫୧୪୯୫ | କ୍ୟାସ୍‌ନବ୍ ବଗି ପାଇଁ ମଡିଫାଏଡ୍ ଇଲାଷ୍ଟୋମେରିକ୍ ପ୍ୟାଡ୍ | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୧୩୨୪୮୨ ଗୋଟି |
| ୮ | ୦୬୨୫୦୦୮୩ | ଓଭରରାଇଡିଂ କର୍ଭଡ୍ ସୁଇଚେସ୍ - ୬୦ କିଗ୍ରା ୧ ଇନ୍ ୮.୫ ଅନୁରୂପର ଫାବ୍ରିକେଶନ୍ ଓ ଯୋଗାଣ ପାଇଁ ଦର ଚୁକ୍ତି | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୩୦ ସେଟ୍ |
| ୯ | ୦୬୨୫୦୦୮୫ | ୧ ଇନ୍ ୮.୫ ବିଜି ୬୦ କିଗ୍ରା ୱେଲ୍ଡେବଲ୍ ସିଏମ୍‌ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ ପାଇଁ ଦର ଚୁକ୍ତି। | ୨୪।୦୬।୨୦୨୫ ୧୦.୩୦ ଘଟିକାରେ | ୪୭୦ ସେଟ୍ |
| ୧୦ | ୦୩୨୫୧୩୭୩ ଏ | ଆରଡିଏସଓ ଡ୍ରଇଂ ନଂ. ଡବ୍ଲ୍ୟୁଡି-୮୧୦୧୦-ଏସ୍-୦୩ ଅନୁଯାୟୀ ସେଣ୍ଟର ବଫର୍ କପ୍ଲର୍ ପାଇଁ ନକଲ୍ | ୨୫।୦୬।୨୦୨୫ ୧୦.୩୦ ଘଟିକାରେ | ୨୩୬୮୩ ଗୋଟି |
| ୧୧ | ୦୫୨୫୧୩୧୬ | ଭାରତୀୟ ରେଳବାଇ ଟେଲିକମ୍ ଉପକରଣ ପାଇଁ ୪୮ ଭି/୨୫ ଆମ୍ପ ଏସ୍‌ଏମ୍‌ଆର୍ ମଡ୍ୟୁଲ୍ ବେସ୍‌ଡ ଏସ୍‌ଏମ୍‌ପିଏସ୍ ପାୱାର ପ୍ଲାଣ୍ଟ ଯୋଗାଣ | ୨୬।୦୬।୨୦୨୫ ୧୦.୩୦ ଘଟିକାରେ | ୭୪ ଗୋଟି |
| ୧୨ | ୦୩୨୫୨୦୫୦ | କ୍ୟାସ୍‌ନବ୍ ୨୨ଏଚ୍‌ଏସ୍, ୨୨ଏଚ୍‌ଏସ୍ (ଏମ୍‌ଓଡି-୧) ଏବଂ ଆଇଆର୍‌ଏଫ୍-୧୦୮ଏଚ୍‌ଏସ୍ ବଗି ନିମନ୍ତେ ବଗି ସେଣ୍ଟର ପିଭଟ୍ ବଟମ୍ | ୨୭।୦୬।୨୦୨୫ ୧୦.୩୦ ଘଟିକାରେ | ୫୧୪୧ ଗୋଟି |
| ୧୩ | ୦୩୨୫୨୬୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍‌ର କନ୍‌ଷ୍ଟାଣ୍ଟ କଣ୍ଟାକ୍ଟ ପଲି ୟୁରିଥିନ୍ (ପିୟୁ) ସାଇଡ୍ ବିୟରର୍ ପ୍ୟାଡ୍ ନିମନ୍ତେ ଟପ୍ ହାଉସିଂ | ୦୨।୦୭।୨୦୨୫ ୧୦.୩୦ ଘଟିକାରେ | ୨୫୧୪ ଗୋଟି |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।
CPR/10/PR/92 — *ପି ସି ଏମ୍ ଏମ୍, ଏସ୍‌ଇସିଆର, ବିଳାସପୁରଙ୍କ ପାଇଁ*
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail



**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar - 751007, Tel: 2545586/2545852
email: serifedodisha@gmail.com, website: www.serifedodisha.in

**INVITATION FOR BIDS (e-Procurement)**
**Bid Identification No. VI-08(07)/ SERIFED/2025-26/685/Dt.30.05.2025**

No. CAD-650: The Managing Director (SERIFED), Odisha, Bhubaneswar invites Item Rate Tenders in Single Cover System in ONLINE MODE only, for the 2 (Two) Nos. of works at different places of Odisha. The bid documents such as DTCN/BOQ etc. can be seen/downloaded from the Government website: **www.tendersodisha.gov.in** during the period Dt.06.06.2025 to 17.00 hours upto Dt.12.06.2025. Online bids shall be received till 17.00 hours Dt.12.06.2025 & shall be opened at 11.30 A.M. on Dt.13.06.2025. Any addendum/corrigendum/cancellation of tender can also be seen in the said website.

OIPR- **Sd./- Managing Director**



**OFFICE OF THE** No. C-466
**DHENKANAL MUNICIPAL COUNCIL, DHENKANAL**
**E-Procurement Notice**
**Tender Call Notice No. 2098/DKLMPLTY / Date: 05.06.2025**

1. Name of the Work : Individual Civil Construction work published the **www.tenderodisha.gov.in** website.
2. No. of works put to tender : 35 Nos. individual works
3. Estimated Cost : Rs.16.95 lakhs
4. Period of Completion : 45 Days
5. Date and time of availability : From 11.00 hours of Dt.07.06.2025 to 17.00 hours of Dt.16.06.2025 of bid document in the portal
6. Last date/time for receipt of bids : 17.00 hours of Dt.16.06.2025
7. Date and time of opening of Bid : 9.00 hours of Dt.17.06.2025
8. Name and address of the Officer Inviting Bid : Executive Officer, Dhenkanal Municipality

Further details can be seen from the e-procurement portal **https://tenderorissa.gov.in**.

OIPR- **Sd./- Executive Officer Dhenkanal Municipality**


# ଟ୍ରକ୍ ଧକ୍କାରେ ଚାଷୀଙ୍କ ସହ ୨ବଳଦ ମୃତ

**ଦେବଗଡ଼,୭।୬(ଶଶାଙ୍କ ଶେଖର ଝାଙ୍କର)** ଦେବଗଡ଼ ଥାନା ଅନ୍ତର୍ଗତ କଳାମାଟି ବସଷ୍ଟପ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଏକ ଟ୍ରକ ଧକ୍କାରେ ଜଣେ ଚାଷୀଙ୍କ ସହିତ ୨ଟି ବଳଦର ମୃତ୍ୟୁ ଘଟିଛି। ମୃତ ଚାଷୀ ଜଣକ ବଣିଆକିଲିଣ୍ଡା ଗ୍ରାମପଞ୍ଚାୟତ କୁଡାପଡା ଗ୍ରାମର ସମ୍ବାରୁ ମୁଣ୍ଡା (୫୫)। ଶନିବାର ସକାଳ ପ୍ରାୟ ୬ଟାରେ ନିଜର ଦୁଇଟି ବଳଦକୁ ଜୁଆଳିରେ ଫାନ୍ଦି ହଳ କରିବାକୁ ଚାଷ ଜମିକୁ ଯାଉଥିଲେ। ତେବେ କଳାମାଟି ବସଷ୍ଟପ ନିକଟରେ ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଅତିକ୍ରମ କରୁଥିବାବେଳେ ବାରକୋଟ ପଟୁ ଦେବଗଡ଼ ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ ମାଲ ବୋଝେଇ ଟ୍ରକ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇଟି ଯାକ ବଳଦର ମୃତ୍ୟୁ ଘଟିଥିବାବେଳେ ସମ୍ବାରୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ କଳାମାଟି ଗ୍ରାମର ବିରଞ୍ଚି ଠାକୁର ଓ ଅନ୍ୟମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାପାଇ ଦେବଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସମ୍ବାରୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।


**ଭାରତୀୟ ରିଜର୍ଭ ବ୍ୟାଙ୍କ୍**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ର ସିଡ଼ି ରେଲିଂ କ୍ଷେତ୍ର ନବୀକରଣ (ଖାଣ୍ଡୋଲାଇଟ୍ ପଥରକାର୍ଯ୍ୟ)** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜୁନ୍ 23, 2025 ଅପରାହ୍ନ 02:00** ଟା ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**



**TENDER DOCUMENT**
**FOR SUPPLY OF GOOD QUALITY FERTILIZER (NPK / GRANULAR INSECTICIDE & UREA (NCU)), TO BONAI FOREST DIVISION, SUNDARGARH DIST-SUNDARGARH, ODISHA FOR THE YEAR 2025-26**

**No.MM-78** : The Divisional Forest Officer, Bonai invites technical and financial bids from the manufacturers for supply of NPK / Granular Insecticide & Urea (NCU) which are required for various plantation programmes in Bonai Forest Division during 2025-26 under various schemes.

An Earnest Money Deposit (EMD) of Rs. 20,000/- (Rupees Twenty Thousand) only per each product must be accompanied in shape of demand draft of any Nationalized Bank payable at Bonai in favour of Divisional Forest Officer, Bonai. The Tender paper can be downloaded from the district website at www.sundargarh.nic.in or can be received from division office latest by 5.00 P.M. on or before 16.06.2025.

Such tender paper as downloaded shall be accompanied with all required documents, GSTIN No. & GST clearance certificate, manufacturing license and it must be submitted /put into the tender box kept in the office of the undersigned latest by 10:30 A.M. on 16.06.2025. A Demand Draft drawn in favour of Divisional Forest Officer, Bonai for Rs.1,180/- (Rupees One Thousand One Hundred Eighty) only as non-refundable amount is to be attached with tender towards cost of tender paper or else the tenders shall be rejected.

Eligibility :-
1. The invitation to participate in the Tender Document is open to Reputed Registered Dealer / Manufacturer/ Individuals.
2. The Tenderer must not have been banned or black listed by any Government organization.
3. There must not be any adverse action pending against the Tenderer.

A. Download of Tender Document : 06.06.2025 to 16.06.2025, by 5.00 P.M.
B. Last Date for Submission of Sealed Tender Document : 16.06.2025 by 5.00 P.M.
C. opening of Technical Bid : 17.06.2025 at 11.00 A.M.
D. Opening of Financial Bid : 19.06.2025 at 11.00 A.M.

**Sd./- Divisional Forest Officer, Bonai Forest Division**
**OIPR-08040/11/0015/2526**

# ପଲିଥିନ୍, ପ୍ଲାଷ୍ଟିକ୍ ପରିବେଶ ଧ୍ୱଂସର କାରଣ ହୋଇଛି

**ନୂଆପଡ଼ା,୭।୬ (ମକାରୁ ବେମାଲ):** ନୂଆପଡ଼ା ଜିଲା ହେବ ସ୍ୱଚ୍ଛ ଓ ସୁନ୍ଦର। ବିଶ୍ୱ ପରିବେଶ ଦିବସ ଅବସରରେ ଏହାକୁ ନେଇ ଏକ କର୍ମଶାଳା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନଖଣ୍ଡ ଅଧିକାରୀ ଖଡ଼ିଆଳ ଅଜିଜ ଖାନ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶଙ୍କ ସମେତ ସମସ୍ତ ବିଡିଓ, ଜିଲାସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଅତିଥିମାନେ ପଲିଥିନ ଓ ପ୍ଲାଷ୍ଟିକ କିଭଳି ଭାବରେ ଆମର ସୁନ୍ଦର ପରିବେଶର ଧ୍ୱଂସର କାରଣ ସାଜିଛି ତାହା ଅବଗତ କରାଇଥିଲେ। ଜିଲାପାଳଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା କିଭଳି ଭାବରେ ସଫଳ ହୋଇପାରିବ ସେଥିପାଇଁ ସମନ୍ୱିତ ଯୋଜନାର ରୂପରେଖ ପାୱାରପଏଣ୍ଟ ମାଧ୍ୟମରେ ଉପସ୍ଥାପିତ କରାଯାଇଥିଲା। ଏହି ଅବସରରେ ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକମୁକ୍ତ ଜିଲା ଭାବେ ଜିଲାପାଳ ଘୋଷଣା କରିଥିଲେ। ବିଶ୍ୱ ପରିବେଶ ଦିବସ ପାଇଁ ଆର୍ଥ ଆୱାର ପାଳନ କରି ଜିଲାରେ ରାତି ସାଢେ ୭ଟାରୁ ୮ଟା ପର୍ଯ୍ୟନ୍ତ ବିଦ୍ୟୁତ ଚାଳିତ ଉପକରଣ ସହ ବିଜୁଳି ବ୍ୟବହାର ବନ୍ଦ କରିବା ପାଇଁ ଜିଲାପାଳ ଜିଲାବାସୀଙ୍କୁ ଆହ୍ୱାନ କରିଥିଲେ।


କର୍ମଶାଳାରେ ଯୋଗଦେଇଥିବା ଅଧିକାରୀମାନେ।


ଗେଣ୍ଡୁଫୁଲ ବଗିଚାରେ ମୁନିରାମ ଓ ସ୍ତ୍ରୀ ଗୀତାଞ୍ଜଳି।

# ଗେଣ୍ଡୁଫୁଲ ଚାଷ ଦେଇଛି ପରିଚୟ

**ଭବାନୀପାଟଣା,୭।୬(ଉତ୍ତମ କୁମାର ଦାଶ)**

ସରକାରୀ ସହାୟତାରେ ଚାଷୀମାନେ ବିଭିନ୍ନ ପ୍ରକାର ଚାଷକରି ସ୍ୱାବଲମ୍ବୀ ହେଉଛନ୍ତି। ସେ ମଧ୍ୟରେ କିଏ ଧାନ ତ ଆଉ କିଏ ପନିପରିବା ତ ପୁଣି କିଏ ଡାଲିଜାତୀୟ ଫସଲ ଚାଷ କରୁଛନ୍ତି। ହେଲେ କଳାହାଣ୍ଡି ଜିଲାର ଏମିତି ଜଣେ ଚାଷୀ ଅଛନ୍ତି ଯିଏ ଏସବୁ ଚାଷ ଛାଡ଼ି ଗେଣ୍ଡୁଫୁଲ ଚାଷକରି ସ୍ୱାବଲମ୍ବୀ ହୋଇଛନ୍ତି। ସେ ହେଲେ ଗୋଲାମୁଣ୍ଡା ବ୍ଲକ ଧାମନପୁର ପଞ୍ଚାୟତ ମୁକୁନ୍ଦପୁର ଗ୍ରାମର ଚାଷୀ ମୁନିରାମ ପୁଟେଲ। ଗେଣ୍ଡୁଫୁଲ ଚାଷ ମୁନିରାମଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ।

## ପନିପରିବାଠାରୁ ଅଧିକ ଟଙ୍କାରେ ବିକ୍ରି ହେଉଛି ଫୁଲ

ପୂର୍ବରୁ ମୁନିରାମ ପନିପରିବା ଚାଷ କରୁଥିଲେ। ଉଦ୍ୟାନ କୃଷି ବିଭାଗ ସହାୟତାରେ ୨୦୧୮ ମସିହାରେ ସେ ଗେଣ୍ଡୁଫୁଲ ଚାଷ ଆରମ୍ଭ କରିଥିଲେ। ମୁନିରାମ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ନିଜ ଘର ପଛପଟେ ଥିବା ୫୦ ଡେସିମିଲ ଜାଗାରେ ଗେଣ୍ଡୁଫୁଲ ଚାଷ କରିଛନ୍ତି। ଏହି ଚାଷରେ ସେ କମ୍ ଖର୍ଚ୍ଚ କରି ଅଧିକ ଲାଭ ପାଇପାରୁଛନ୍ତି। ଗେଣ୍ଡୁଫୁଲ ଚାଷରେ ବର୍ଷକୁ ଲକ୍ଷେ ଟଙ୍କା ଆୟ କରନ୍ତି ବୋଲି ସେ କହନ୍ତି। ଗେଣ୍ଡୁଫୁଲ ପ୍ରଥମତଃ ଆୟ କରିବାର ଏକ ମାଧ୍ୟମ ହୋଇଥିବା ବେଳେ ବଗିଚାର ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆକୃଷ୍ଟ କରୁଛି। ଗତ ୬ବର୍ଷ ହେବ ମୁନିରାମ ନିଜ ବାଡ଼ିରେ ଫୁଲ ଚାଷ କରିଆସୁଛନ୍ତି। ତାଙ୍କ ଫୁଲ ବଗିଚା ଏକ ପାର୍କର ଭ୍ରମ ସୃଷ୍ଟି କରୁଛି। ବିଶେଷକରି ବର୍ଷାଋତୁରେ ଫୁଲ ଫୁଟିଥାଏ ଓ ଲୋକେ ନିଜ ବାଡ଼ି ବଗିଚାରେ ଫୁଲ ଗଛ ଲଗାଇଥାନ୍ତି। ବର୍ଷାଋତୁ ଗଲା ପରେ ଆଉ ଫୁଲ ଦିଶେ ନାହିଁ। କିନ୍ତୁ ମୁନିରାମଙ୍କ ବାଡ଼ିରେ ବର୍ଷସାରା ଫୁଲ ଫୁଟିଥାଏ। ଏହାକୁ ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ଼ ବ୍ଲକ୍‌ର ଫୁଲ ଦୋକାନୀମାନେ ନେଇ ବିକ୍ରି କରିଥାନ୍ତି। ବର୍ତ୍ତମାନ ଗେଣ୍ଡୁଫୁଲ ପନିପରିବାଠାରୁ ମଧ୍ୟ ଅଧିକ ଦାମ୍‌ରେ ବିକ୍ରି ହେଉଛି। କେଜି ପ୍ରତି ୬୦ ଟଙ୍କାରେ ବିକ୍ରି କରୁଥିବା ମୁନିରାମଙ୍କ ସ୍ତ୍ରୀ ଗୀତାଞ୍ଜଳି ପ୍ରକାଶ କରିଛନ୍ତି। ସେହିପରି ଫୁଲଚାଷ ପାଇଁ ସକାଳେ ୩ ଘଣ୍ଟା ଓ ଅପରାହ୍ନରେ ୩ ଘଣ୍ଟା ସମୟ ଦେଇଥାନ୍ତି। ଗୋଟିଏ ଗେଣ୍ଡୁଫୁଲ ଗଛର ପରମାୟୁ ୬ ମାସ ଥିବାବେଳେ ୫ରୁ ୬ କେଜି ଫୁଲ ଯୋଗାଇଥାଏ ବୋଲି ମୁନିରାମ କହନ୍ତି। ଆଜିର ଦିନରେ ଯେକୌଣସି ଚାଷ ହେଉନା କାହିଁକି ନିଜର ତନ, ମନ ଓ ଧନ ଲଗାଇ ଚାଷକଲେ ଆଗକୁ ବଢ଼ିପାରିବେ। ଏହାକୁ କାମରେ କରି ଦେଖାଇଛନ୍ତି ମୁନିରାମ।

# ସଙ୍ଗଠନ ସଜାଡୁଛନ୍ତି ବିଭିନ୍ନ ଦଳୀୟ ନେତା

**ନୂଆପଡ଼ା,୭।୬ (ମକାରୁ ବେମାଲ)**

ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି ନୂଆପଡ଼ା ଜିଲାରେ ବିଭିନ୍ନ ଦଳର ନେତୃତ୍ୱ ସେମାନଙ୍କ ସଙ୍ଗଠନ ସଜାଡିବାରେ ଲାଗିଛନ୍ତି। ନୂଆପଡ଼ା ବିଧାନସଭା କ୍ଷେତ୍ରର ବିଜେଡି ଓ ଭାଜପା ସହ କଂଗ୍ରେସର ନେତାମାନେ ଏଥିପାଇଁ ଜୋରସୋରରେ ଲାଗିପଡିଛନ୍ତି। ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତ, ବଜାର ପ୍ରାଙ୍ଗଣ, ବିଦ୍ୟାଳୟରେ ଜନ ସମ୍ପର୍କ ଯାତ୍ରା ମାଧ୍ୟମରେ ସ୍ଥାନୀୟ ସମସ୍ୟାର ସମାଧାନ କରୁଛନ୍ତି ଖୋଦ ବିଧାୟକ ରାଜେନ୍ଦ୍ର ଢୋଲକିଆ। ବିଭାଗୀୟ ଅଧିକାରୀମାନଙ୍କୁ ଫୋନ କରି ଲୋକଙ୍କ ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ପଡା, ଗାଁମାନଙ୍କରେ ପାନୀୟ ଜଳ ସମସ୍ୟା, ବିଜୁଳି ସଂଯୋଗ ଓ ଅନ୍ୟାନ୍ୟ ସମସ୍ୟ ଉପରେ ବିଧାୟକ ପ୍ରାଧାନ୍ୟ ଦେଉଛନ୍ତି। ପ୍ରତିଦିନ ଖରିଆର ରୋଡସ୍ଥିତ ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟରେ ଲୋକଙ୍କ ଅଭିଯୋଗ ଶୁଣାଣି ସହ ସମାଧାନ କରାଯାଉଛି। ବିଧାୟକଙ୍କ ଶାରୀରିକ ଅସୁସ୍ଥତା କାରଣରୁ ସମସ୍ତ କାର୍ଯ୍ୟକ୍ରମକୁ ତାଙ୍କ ସୁପୁତ୍ର ଜୟ ଢୋଲକିଆ ପ୍ରତିନିଧି ଭାବରେ ଦାୟିତ୍ୱ ନେଉଛନ୍ତି। ଦଳର ଜିଲା ସଭାପତି ଅବନୀ ରଞ୍ଜନ ଯୋଷୀଙ୍କ ସହ ଅନେକ କର୍ମକର୍ତ୍ତା ତାଙ୍କୁ ଏଥିରେ ସହଯୋଗ କରୁଛନ୍ତି। ସେହିପରି ଭାଜପା ମଧ୍ୟ ତ୍ରିରଙ୍ଗା ଯାତ୍ରା ମାଧ୍ୟମରେ ନିଜର ସଂଗଠନକୁ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସକ୍ରିୟ କରୁଥିବା ଦେଖିବାକୁ ମିଳୁଛି। ନୂଆପଡ଼ା ରାଜନୀତିକୁ ଠିକ ଭାବେ ଅନୁଧ୍ୟାନ କରି ଗୋଟି ଚାଳନା କରୁଥିବା ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ନିଜର ସମର୍ଥକଙ୍କୁ ଏକଜୁଟ କରିପାରିଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀରେ ଭାଜପା ସମସ୍ତ ମଣ୍ଡଳ କର୍ମକର୍ତ୍ତାଙ୍କୁ ନେଇ ଏକ ସମାରୋହ କରିଛି। ବସନ୍ତ ପଣ୍ଡାଙ୍କ ଶାରୀରିକ ଅସୁସ୍ଥତା କାରଣରୁ ଏବେ ତାଙ୍କ ସୁପୁତ୍ର ତଥା ଗତ ବିଧାନସଭା ନିର୍ବାଚନର ବିଧାୟକ ପ୍ରାର୍ଥୀ ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ଦାୟିତ୍ୱ ନେଇଛନ୍ତି। ଦଳର ନୂଆ ପୁରୁଣା କର୍ମୀଙ୍କ ସହ ସମସ୍ତ ଦଳୀୟ ଓ ସାମାଜିକ କାର୍ଯ୍ୟକ୍ରମରେ ଅଭିନନ୍ଦନ ଯୋଗ ଦେଉଛନ୍ତି। ଏଥିରେ କଂଗ୍ରେସ ଦଳ ପଛରେ ପଡିନାହିଁ। ଯୁବ କଂଗ୍ରେସ ସଭାପତି ଅମିତ କୁମାର ଅହୀରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀରେ ବିଜେଡିର ସ୍ଥିତି ସୁଦୃଢ ଥିଲେ ମଧ୍ୟ ବର୍ତ୍ତମାନର ସ୍ଥିତି ଅଲଗା ରହିଛି। ରାଜ୍ୟରେ ଏବେ ଭାଜପା ସରକାର ଥିବାବେଳେ ଦଳୀୟ କର୍ମୀଙ୍କ ଉତ୍ସାହ ବଢ଼ିଛି।

# ଚହକାରେ ବିକଶିତ କୃଷି ସଙ୍କଳ୍ପ ଅଭିଯାନ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଗୋଲାମୁଣ୍ଡା/କେଗାଁ, ୭।୬ (ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଚହକାଠାରେ ଶନିବାର ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଗୋଲାମୁଣ୍ଡା କୃଷି ବିଭାଗ ଅଧିକାରୀ ନୌକେଶ୍ୱର ନାଗଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଓ ଶିକ୍ଷାବିତ୍ ଦୁରୁଦକ୍ଷ୍ୟ ପଟେଲ, ଚହକା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଦନାର ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପ୍ରଥମେ ଗଜାନନ ମହାପ୍ରଭୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ବିକଶିତ କୃଷି ସଂକଳ୍ପ ଅଭିଯାନ ସମ୍ପର୍କରେ ଅଭିଭାଷଣ ରଖିଥିଲେ। କୃଷି ବିଭାଗ ଜରିଆରେ ଚାଷୀମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇବା ଉପରେ ଆଲୋଚନା ହୋଇଥିଲା। ସବ୍‌ସିଡି ଆକାରରେ ବିଭିନ୍ନ କୃଷି ଯନ୍ତ୍ରପାତି ମିଳୁଥିବାରୁ ଏହାକୁ ନେଇ ଚାଷୀମାନେ କିଭଳି ସେମାନଙ୍କ ଉତ୍ପାଦନ ବଢାଇପାରିବେ ସେ ଉପରେ କୃଷି ବୈଜ୍ଞାନିକମାନେ ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ। ଚାଷ କରିବା ପୂର୍ବରୁ ମାଟି ପରୀକ୍ଷା କରିନେବା କଥା ମଧ୍ୟ କହିଥିଲେ।

# ମହିଳାଙ୍କୁ ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

**କୋକସରା,୭।୬ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

ହୋମ ନିଆଁରେ ଦୁହେଁ ଅଗ୍ନିକୁ ସାକ୍ଷୀ ରଖି ସାତଜନମର ସାଥି ହେବାକୁ ଶପଥ ନେଇଥିଲେ। ହେଲେ ବିବାହର ୩ ମାସ ନ ପୁରୁଣୁ ସବୁ ସ୍ୱପ୍ନ ବାସ୍ତବତାର ରୂପ ନେବା ପୂର୍ବରୁ ଅଧାରେ ରହିଗଲା। କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଆଇଁଲି ଗ୍ରାମର ଲିଙ୍ଗରାଜ ବାଗଙ୍କୁ କାଉଡୋଲା ଗ୍ରାମର ମାଳତୀ ଛତ୍ରିଆ ଗତ ମାର୍ଚ୍ଚ ୮ ତାରିଖରେ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ବିବାହର କିଛିଦିନ ପରେ କୌଣସି କାରଣକୁ ନେଇ ଲିଙ୍ଗରାଜ ପତ୍ନୀଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରିସ୍ଥଳେ ଶୁକ୍ରବାର ସ୍ୱାମୀଙ୍କ ସହ ବାଇକ୍‌ରେ ଯାଉଥିବା ମାଳତୀ ବାଟରେ ପଡି ଗୁରୁତର ହୋଇଥିଲେ। କୋକସରା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଓ ପରେ ବୁର୍ଲା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ପରିବାର ଲୋକେ ମୃତଦେହ ଧରି ଗାଁକୁ ଫେରି ଝିଅ ବାପଘରକୁ ଖବର ଦେଇଥିଲେ। ତେବେ ମୃତା ମାଳତୀଙ୍କ ବାପା ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିବା ନେଇ କୋକସରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଘଟଣାସ୍ଥଳରେ ପୋଲିସ, ମାଜିଷ୍ଟ୍ରେଟ ଭାବେ କୋକସରା ତହସିଲଦାର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୋକସରା ମେଡିକାଲକୁ ପଠାଇଥିଲା। ଏ ନେଇ କୋକସରା ଥାନାରେ ଏକ ମାମଲା (ନଂ.୧୬୯/୨୫) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ପୋଲିସ ସୂଚନା ଦେଇଛି।


ଘଟଣାସ୍ଥଳରେ ପୋଲିସ, ସାଇଣ୍ଟିଫିକ ଟିମ୍ ତଦନ୍ତ କରୁଛି।

# ଗୋଡ଼ାଳ ଛକରେ ଗୋଲେଇ କିମ୍ବା ଫ୍ଲାଏଓଭର ନିର୍ମାଣ ହେଉ


ଗୋଡ଼ାଳ ଛକରେ ବସିଥିବା ଦୈନିକ ହାଟ।

**ନୂଆପଡ଼ା,୭।୬ (ମକାରୁ ବେମାଲ)**

ନୂଆପଡ଼ା ଜିଲା ସିନାପାଲି ସହର ଗୋଡାଳ ନିକଟ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେର ବ୍ୟସ୍ତବହୁଳ ଗୋଡାଳ ଛକରେ ସଦାସର୍ବଦା ବିପଦ ଲାଗିରହୁଛି। ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ କର୍ତ୍ତୃପକ୍ଷ ଏଠାରେ ଗୋଲେଇ କିମ୍ବା ଫ୍ଲାଏଓଭର ନିର୍ମାଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ସୂଚନାକ୍ରମେ ଗୋଡାଳ ଛକ ଏକ ଜନଗହଳି ସ୍ଥାନ ହୋଇଥିବା ବେଳେ ଏଠାରେ ପ୍ରତ୍ୟହ ଶତାଧିକ ଯାନବାହନ ଚଳାଚଳ କରୁଛି। ଦୈନିକ ପନିପରିବା ହାଟ ସାଙ୍ଗକୁ ଅନେକ ଉଠାଦୋକାନୀ ସେମାନଙ୍କ ପସରା ମେଲାଉଛନ୍ତି। ଦକ୍ଷିଣ ଦିଗରେ ଛତିଶଗଡ଼ ରାଜ୍ୟର ଦେଭୋଗ ବ୍ଲକ ଓ ପୂର୍ବ ଦିଗରେ କଳାହାଣ୍ଡି ଜିଲାକୁ ସଂଯୋଗ କରୁଛି। ନିକଟରେ ସିନାପାଲି କଲେଜ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ରହିଛି। ଏଭଳି ଏକ ବ୍ୟସ୍ତବହୁଳ ଛକରେ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଲୋକେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏହି ସ୍ଥାନରୁ ପଡ଼ୋଶୀ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶକୁ ପ୍ରତ୍ୟହ ବସ୍ ଚଳାଚଳ ସାଙ୍ଗକୁ ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବୁର୍ଲା ଆଦି ସ୍ଥାନକୁ ଯାନବାହନ ଯାତାୟାତ କରୁଛି। ଏତଦ୍‌ବ୍ୟତୀତ ଏହି ଛକରେ ଦେଶୀ ମଦ ଭାଟି ଓ ୫୦ ମିଟର ଦୂରରେ ବିଦେଶୀ ମଦ ଦୋକାନ ରହିଛି। ଅନେକ ସମୟରେ ମଦ୍ୟପମାନେ ଭିଡ ଜମାଉଥିବା ବେଳେ ବେପାରୁଆ ଗାଡ଼ି ଚାଳନା ଯୋଗୁ ଲୋକଙ୍କ ମୃତ୍ୟୁ ଘଟୁଛି। ଏସବୁ କାରଣରୁ ଏଠାରେ ଏକ ଗୋଲେଇ କିମ୍ବା ଫ୍ଲାଏଓଭର ନିର୍ମାଣ କରାଯାଇ ଲୋକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ନୂଆପଡ଼ା ଶଶାଙ୍କ ଶେଖର ଶୁକ୍ଳାଙ୍କୁ ପଚାରିବାରୁ ରାସ୍ତା ଦେଖିବା ପରେ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

# ମୁଖିଗୁଡ଼ା ଇନ୍ଦ୍ରାବତୀ ଘାଟି ରାସ୍ତା ଶୋଚନୀୟ

**ଜୟପାଟଣା,୭।୬ (ଓମ୍ ପ୍ରକାଶ ବୈଠାରୁ):** କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଉପର ଇନ୍ଦ୍ରାବତୀ ପ୍ରକଳ୍ପ ଘାଟି ରାସ୍ତା ଦୀର୍ଘବର୍ଷ ହେଲା ଶୋଚନୀୟ ହୋଇପଡିଛି। ଉକ୍ତ ରାସ୍ତାରେ ଦୈନିକ ଶତାଧିକ ଛୋଟବଡ଼ ଗାଡି ସହ ଭାରିଯାନ ଯାତାୟାତ କରୁଛି। ରାସ୍ତା ସଂକୀର୍ଣ୍ଣ ସହ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବାରୁ ଯିବାଆସିବା କରୁଥିବା ଲୋକେ ହନ୍ତସନ୍ତ ହେଉଛନ୍ତି। ଏ ନେଇ ବାରମ୍ବାର ଜଣାଇବା ସତ୍ତ୍ୱେ ପ୍ରକଳ୍ପ ଅଧିକାରୀ ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରକଳ୍ପର ପାରିପାର୍ଶ୍ୱିକ ଅଞ୍ଚଳରେ ବିକାଶ କରିବା ପାଇଁ ସ୍ୱତନ୍ତ୍ର ନିୟମ ରହିଛି। ହେଲେ ଏଠାରେ ତା'ର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି।


ଶୋଚନୀୟ ଅବସ୍ଥାରେ ଇନ୍ଦ୍ରାବତୀ ଘାଟି ରାସ୍ତା।

# ପାଇପ୍ ଫାଟି ରାସ୍ତାରେ ବୋହୁଛି ପାଣି

**ଲାଞ୍ଜିଗଡ଼,୭।୬(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ ସହରରେ ବିଭିନ୍ନ ଜାଗାରେ ପାନୀୟ ଜଳ ଯୋଗାଣ ପାଇପ୍ ଫାଟି ବ୍ୟାପକ ଜଳ ନଷ୍ଟ ହେଉଛି। ଏହାଦ୍ୱାରା ପାନୀୟ ଜଳରେ ଦୂଷିତ ଜଳ ମିଶ୍ରଣ ହେବା ସହ ରାସ୍ତାରେ ପାଣି ଚାଲୁଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଲାଞ୍ଜିଗଡସ୍ଥିତ ସରକାରୀ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗେଟ ନିକଟ ଓ ଗୌଡପଡା ଛକ ନିକଟରେ ପାଇପ୍ ଫାଟି ପାଣି ରାସ୍ତାରେ ଭାସୁଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ ଯେ, ଲାଞ୍ଜିଗଡ଼ଠାରେ ଜଳ ସଙ୍କଟ ଦୂର ପାଇଁ ୨୦୧୦ରେ ୧ କୋଟି ୩୦ ଲକ୍ଷ ଅଟକଳରେ ନିକଟସ୍ଥ ବଂଶଧାରା ନଦୀରେ ଦୁଇ ଗୋଟି ଷ୍ଟକ ଟାଙ୍କି ନିର୍ମାଣ ହୋଇଥିଲା। ଏହାପରେ ସହରର ବିଭିନ୍ନ ପଡାକୁ ଜଳ ଯୋଗାଣ ପାଇଁ ପାଇପ୍ ବିଛା ଯାଇଥିଲା। କିନ୍ତୁ କାର୍ଯ୍ୟରେ ବ୍ୟବହାର ହେଉଥିବା ପାଇପ୍

## ମରାମତି ପାଇଁ ଅଞ୍ଚଳବାସୀଙ୍କ ଦାବି

ନିମ୍ନମାନର ହୋଇଥିବାରୁ ନିର୍ମାଣର ୮ ମାସ ମଧ୍ୟରେ ତାହା ଫାଟି ଜଳ ଯୋଗାଣରେ ବ୍ୟାହତ ହୋଇଥିଲା। ଏ ନେଇ ପ୍ରଥମରୁ ଲୋକେ ଅଭିଯୋଗ କରୁଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏହି ସମସ୍ୟା ଯୋଗୁ ଅଧିକାଂଶ ସମୟ ଲାଞ୍ଜିଗଡବାସୀଙ୍କୁ ପିଇବା ପାଣି ମଧ୍ୟ ବନ୍ଦ ହେଉଥିବା ଦେଖିବାକୁ ମିଳୁଛି। ଏହାକୁ ତୁରନ୍ତ ମରାମତି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ନେଇ ବ୍ଲକ ଜଳଯୋଗାଣ ଦାୟିତ୍ୱରେ ଥିବା ଯନ୍ତ୍ରୀ ଦଶମନ୍ତ ମାଝୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ବନ୍ଦ ଥିବା ହେତୁ ସମ୍ଭବ ହୋଇପାରି ନ ଥିଲା।


ପାଇପ୍ ଫାଟିଥିବାରୁ ରାସ୍ତାରେ ପାଣି ଜମିଛି।

# ଅଧା ସରିଲା, ଅଧା ବାକି ଅଛି

## କଳାହାଣ୍ଡି ଜିଲାରେ ରବି ଧାନ କିଣା

### ୧୭,୨୦୯ ଚାଷୀଙ୍କ ଉଠିଛି ୧୧ ଲକ୍ଷ ୮୭ ହଜାର କୁଇଣ୍ଟାଲ ଧାନ

**ଭବାନୀପାଟଣା,୭।୬(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ଗତ ମେ ୨୦ ତାରିଖଠାରୁ ରବି ଧାନ ପାଇଁ ମଣ୍ଡି ଖୋଲିଥିଲା। ଏହା ମଧ୍ୟରେ ୧୮ ଦିନ ବିତିଯାଇଥିବାବେଳେ ଶୁକ୍ରବାର ସୁଦ୍ଧା ୧୭,୨୦୯ ଚାଷୀଙ୍କ ୧୧ ଲକ୍ଷ ୮୭ ହଜାର ୩୨୦ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି। ସେଥିମଧ୍ୟରୁ ଶୁକ୍ରବାର ଗୋଟିଏ ଦିନରେ ୧୭୯୦ ଜଣ ଚାଷୀଙ୍କ ୧ ଲକ୍ଷ ୨୧ହଜାର ୧୧୭ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ଜିଲାରେ ରବି ଧାନ କିଣା ଟାର୍ଗେଟ ବର୍ତ୍ତମାନ ସୁଦ୍ଧା ୨୧ ଲକ୍ଷ ୪୬ ହଜାର ରହିଥିବାବେଳେ ୧୮ ଦିନର ଏହି ଧାନ କ୍ରୟକୁ ଦେଖିଲେ ଜିଲାରେ ଅଧା ଧାନ କିଣା ସରିଛି। ଅବଶିଷ୍ଟ ଧାନ ଏବେ ବି ବିକ୍ରି ନ ହୋଇ ମଣ୍ଡିରେ ପଡିଛି। ଧାନ ବିକ୍ରି ଆଶାରେ ଚାଷୀ ରହିଥିବାବେଳେ କୋହଲା ପାଗ ସେମାନଙ୍କୁ ଚିନ୍ତାରେ ପକାଇ ଦେଇଛି। କାରଣ ଏବେ ମଧ୍ୟ ଅନେକ ଚାଷୀଙ୍କ ଧାନ ଅମଳ ହୋଇପାରି ନାହିଁ। ଜିଲାରେ ମନ୍ଥର ଗତିରେ ଧାନ କ୍ରୟ ଯୋଗୁ ଅଧିକାଂଶ ମଣ୍ଡିରେ ଏବେ ହଜାର ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ସରକାର ଧାନ କଟନୀ ବନ୍ଦ କରିଥିବାବେଳେ ମଣ୍ଡିରେ କିନ୍ତୁ ଏବେ କୁଇଣ୍ଟାଲ ପିଛା ୫ କେଜି ନ କାଟିଲେ ଧାନ ଉଠୁନାହିଁ। ଚାଷୀ ମଧ୍ୟ ଅନ୍ୟ କିଛି ଉପାୟ ନ ପାଇ ଧାନ ଶୀଘ୍ର ଉଠୁ ବୋଲି ୫ କେଜି କଟ୍‌ନୀରେ ମିଲରକୁ ଧାନ ଦେଉଛି। ବର୍ଷା ହେଲେ ଏହି କଟ୍‌ନୀ ଆହୁରି ଅଧିକ ହେବ ବୋଲି ଚାଷୀଙ୍କଠାରୁ ଜଣାପଡିଛି। ଚଳିତ ରବି ଧାନ ସଂଗ୍ରହ ପାଇଁ ଜିଲାରେ ୧୪୫ ଧାନ ମଣ୍ଡି ରହିଥିବାବେଳେ ସେଥିମଧ୍ୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୪୨ ମଣ୍ଡି ଖୋଲିଛି। ଅବଶିଷ୍ଟ ୩ ମଣ୍ଡି ଖୋଲି ନାହିଁ। ସେହିପରି ଧାନ ଉଠାଣ ପାଇଁ ୭୫ ମିଲରଙ୍କୁ ନିୟୋଜିତ କରାଯାଇଛି। ଚଳିତ ରବିରେ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ୪୮,୮୧୮ ଜଣ ଚାଷୀ ଅନ୍‌ଲାଇନ ମାଧ୍ୟମରେ ନାମ ପଞ୍ଜୀକରଣ କରିଛନ୍ତି।


ଜିଲାର ଆଟିଗାଁ ମଣ୍ଡିରେ ପଡିରହିଥିବା ଧାନ।

# ଉଠୁନି ଧାନ, ମଣ୍ଡିରେ ତାଲା



ଆନ୍ଦୋଳନରତ ଚାଷୀମାନଙ୍କ ସହ ଆଲୋଚନା କରାଯାଉଛି।

**ଅତାବିରା, ୭।୬(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲାରେ ଧାନ ସଂଗ୍ରହକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଚାଷୀମାନେ ବିକ୍ରି ପାଇଁ ମଣ୍ଡିକୁ ଧାନ ଆଣୁଛନ୍ତି। ମାତ୍ର ସେଠାରେ ଧାନକୁ କ୍ରୟ ସଂସ୍ଥା କିଣୁନାହିଁ। ଫଳରେ ମଣ୍ଡିରେ ଧାନ ପକାଇ ଚାଷୀଙ୍କୁ ବହୁ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି। ଏପରି ପରିସ୍ଥିତି ଦେଖିବାକୁ ମିଳିଛି ଅତାବିରା ମଣ୍ଡିରେ। ଧାନବିକ୍ରିରେ ଦେଖାଦେଇଥିବା ଅଚଳାବସ୍ଥା ଚାଷୀଙ୍କୁ ଚିନ୍ତିତ କରିଛି। ଦିନକୁ ଦିନ ମଣ୍ଡିଗୁଡିକରେ ଧାନ ପରିମାଣ ବଢ଼ିବାରେ ଲାଗିଛି। ମିଳିଥିବା ସୂଚନା ଅନୁସାରେ, ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ଅତାବିରା ନିୟନ୍ତ୍ରିତ

**ତ୍ରିପାକ୍ଷିକ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ**

ବଜାର କମିଟି ଅଧୀନରେ ଥିବା ସମସ୍ତ ମଣ୍ଡିକୁ ମୋଟ୍ ୩୮ଲକ୍ଷ ୧୫ ହଜାର ୩୩୮ ପ୍ୟାକେଟ୍ ଧାନ ଆସିଛି। ସେଥିରୁ ୩୪ଲକ୍ଷ ୬୨ ହଜାର ୨୭୮ ପ୍ୟାକେଟ୍ ଧାନ ଉଠିଛି। ଅବଶିଷ୍ଟ ୩ଲକ୍ଷ ୫୩ ହଜାର ୬୦ ପ୍ୟାକେଟ୍ ଧାନ ବିଭିନ୍ନ ମଣ୍ଡିରେ ପଡିରହିଥିବା ଜଣାପଡିଛି। କ୍ରୟ ସଂସ୍ଥା ମଣ୍ଡିରୁ ଧାନ ଉଠାଉ ନ ଥିବାରୁ ଏହି ସମସ୍ୟା ଦେଖାଦେଇଛି। ଏହାର ସମାଧାନ ଦାବିରେ ଶନିବାର ଚାଷୀମାନେ ଅତାବିରା ମଣ୍ଡି କାର୍ଯ୍ୟାଳୟ ସମ୍ମୁଖରେ ଧାନ ରଖିବା ସହ ତାଲା ପକାଇ ଦେଇଥିଲେ। ଖବର ପାଇ ବରଗଡ଼ ଉପ ଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ପ୍ରସନ୍ନ କୁମାର ପାଣ୍ଡେ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଘଟଣାସ୍ଥଳକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ। ପରେ ପ୍ରଶାସନିକ ଅଧିକାରୀ, ଚାଷୀ ଏବଂ ବିଧାୟକଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା କରି ଧାନ ଉଠାଣ ତ୍ୱରାନ୍ୱିତ କରିବା ପାଇଁ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଥିଲା। ୭ଟି ଟ୍ରକ୍‌ରେ କ୍ରୟ ସଂସ୍ଥା ଧାନ ଉଠାଇବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ଧାନ ଉଠାଣରେ ମନ୍ଥରତା ଦେଖାଦେଲେ ପୁଣି ତାଲା ବନ୍ଦ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ରୋକ୍‌ଠୋକ୍ ଶୁଣାଇଛନ୍ତି।

**ଏମାନେ କୁହନ୍ତି...**



"ମିଲର୍ସ ଧାନ ଉଠାଇବା ପାଇଁ ଟ୍ରକ୍ ପଠାଉନାହାନ୍ତି। ମାର୍କେଟରେ ବହୁତ ଧାନ ପଡ଼ି ରହିଛି। ଗୋଟିଏ ଦୁଇଟି ଟ୍ରକ୍ ଆସିଲେ କେତେ ଧାନ ଉଠିବ। ଧାନ ନ ଉଠିଲେ ଶ୍ରମିକମାନଙ୍କ ପାଉଣା ଦେବାରେ ଅସୁବିଧା ହେଉଛି। ଧାନ ଉଠିବ ବୋଲି ଅତାବିରା ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

**–ଲଳିତ କୁମାର ନାୟକ, ଚାଷୀ, ବାବେବିରା**



"ଏବେ ମଣ୍ଡିରେ ୧୩୫ ପ୍ୟାକେଟ ଧାନ ପକାଇଛି। ମୋର ଧାନ ଉଠୁନାହିଁ। ମାର୍କେଟରେ ଧାନ ପଡ଼ିରହିଛି ହେଲେ କର୍ମଚାରୀମାନେ ବାହାରର ଧାନ ସ୍ଲିପ୍ କାଟି ଦେଉଛନ୍ତି। ଶୁକ୍ରବାର ଏମ୍. ଏମ୍. ଫ୍ରୁଟ୍ସ ମିଲର୍ସଙ୍କ ୯୦୦ କୁଇଣ୍ଟାଲ ଧାନ ଟ୍ୟାଗ୍ ଦେଖାଉଥିଲା। ଶନିବାର ତାହା ଦେଖାଉ ନାହିଁ। ଆଗକୁ ଯଦି ଏପରି କରିବେ ଅଡୁଆ ପରିସ୍ଥିତି ହେବ। ଧାନ ଉଠିଲେ ଭଲ। ପ୍ରତିଶ୍ରୁତି ପାଳନ ନ ହେଲେ ପୁଣି ଆନ୍ଦୋଳନ କରିବାକୁ ବାଧ ହେବୁ।

**–ନୀଳାଞ୍ଚଳ ପ୍ରଧାନ, ଚାଷୀ, ଲାଦେରପାଲି**



"ଚାଷୀଙ୍କ ଧାନ ମାର୍କେଟ ୟାର୍ଡରେ ପଡ଼ି ରହିଛି। ସେଥିପାଇଁ ସେମାନେ ୟାର୍ଡରେ ତାଲା ମାରି ଦେଇଥିଲେ। ସେମାନଙ୍କ ସହ ଆଲୋଚନା କରି ଟୋକନ ଲାମ୍ବ ଯେପରି ନ ହେବ ଦୈନିକ ଟୋକନ ସିଷ୍ଟମକୁ ପ୍ରାଧାନ୍ୟ ଦେଇ ଧାନ ଉଠାଯିବ। ବାହାରେ ଯେତିକି ଚାଷୀଙ୍କ ଧାନ ଅଛି ସବୁତକ କିଭଳି ମଣ୍ଡି ଭିତରକୁ ଆସିବ ସେ ବ୍ୟବସ୍ଥା କରୁଛୁ। ଆଗରୁ ମଣ୍ଡିରେ ଗଚ୍ଛିତ ଥିବା ସବୁ ଧାନକୁ ୮/୧୦ ଦିନ ମଧ୍ୟରେ କିଭଳି ଖାଲି ହେବ ସେ ନେଇ କ୍ରୟ ସଂସ୍ଥା ସହ ଆଲୋଚନା କରାଯାଉଛି। ମଣ୍ଡିକୁ ଯେଉଁ ଚାଷୀଙ୍କ ଧାନ ଆସିଛି ତାହା ନିଶ୍ଚିତ ସୁରକ୍ଷିତ।

**–ପ୍ରସନ୍ନ କୁମାର ପାଣ୍ଡେ, ବରଗଡ଼ ଉପ ଜିଲାପାଳ**



"ଅଦିନିଆ ବର୍ଷାରେ ଚାଷୀଙ୍କ ସମସ୍ୟା ରହିଛି। ସେଥିପାଇଁ ଆମେ ବିଭିନ୍ନ ମଣ୍ଡି ଗସ୍ତ କରୁଛୁ କିଭଳି ସୁରୁଖୁରୁରେ ଚାଷୀଙ୍କ ଧାନ ଉଠାଯାଇ ପାରିବ। ବରଗଡ଼ ଉପ ଜିଲାପାଳ ଓ ଯୋଗାଣ ଅଧିକାରୀଙ୍କ ସହ ଚାଷୀଙ୍କ ଆଲୋଚନା ହୋଇଛି। ବରଗଡ଼ ଜିଲାର ଅନ୍ୟାନ୍ୟ ମିଲର୍ଙ୍କୁ ଅତାବିରା ମଣ୍ଡିରୁ ଧାନ ଉଠାଇବାକୁ ଟ୍ୟାଗ୍ ଦେବାକୁ ଚାଷୀଙ୍କ ଦାବି ରହିଛି। ଏ ନେଇ ଜିଲାପାଳଙ୍କ ସହ ଆଲୋଚନା କରି କିଭଳି ସୁରୁଖୁରୁରେ ଧାନ ଉଠାଯାଇପାରିବ ସେ ନେଇ ନିଷ୍ପତ୍ତି ନିଆଯିବ। ଏଥିପାଇଁ ସରକାର ତତ୍ପର ଅଛନ୍ତି। ସରକାର ଅଦିନିଆ ବର୍ଷାର କ୍ଷତିପୂରଣ ଦେଇଛନ୍ତି। ମଣ୍ଡିଗୁଡିକରେ ରହିଯାଇଥିବା ଧାନ ଉଠାଇବାକୁ ତୁରନ୍ତ ବ୍ୟବସ୍ଥା କରାଯାଉଛି।

**–ନିହାର ରଞ୍ଜନ ମହାନନ୍ଦ, ବିଧାୟକ, ଅତାବିରା**

# ଚହକାରେ ବିକଶିତ କୃଷି ସଙ୍କଳ୍ପ ଅଭିଯାନ

**ଗୋଲାମୁଣ୍ଡା/କେଗାଁ, ୭।୬ (ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଚହକାଠାରେ ଶନିବାର ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଗୋଲାମୁଣ୍ଡା କୃଷି ବିଭାଗ ଅଧିକାରୀ ନୌକେଶ୍ୱର ନାଗଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଓ ଶିକ୍ଷାବିତ୍ ଦୁରୁଦକ୍ଷ୍ୟ ପଟେଲ, ଚହକା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଦନାର ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପ୍ରଥମେ ଗଜାନନ ମହାପ୍ରଭୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ବିକଶିତ କୃଷି ସଂକଳ୍ପ ଅଭିଯାନ ସମ୍ପର୍କରେ ଅଭିଭାଷଣ ରଖିଥିଲେ। କୃଷି ବିଭାଗ ଜରିଆରେ ଚାଷୀମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇବା ଉପରେ ଆଲୋଚନା ହୋଇଥିଲା।



ସୋନପୁର ଗସ୍ତ ଅବସରରେ ଖଲିଆପାଲି ଭୀମ ଭୋଇ ଟ୍ରଷ୍ଟ କର୍ମକର୍ତ୍ତା ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରୁଛନ୍ତି।

# ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଆମ୍ବୁଲାନ୍ସ ପ୍ରଦାନ



ନିଷ୍ଠା ପରିବାରକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଆମ୍ବୁଲାନ୍ସ ପ୍ରଦାନ କରୁଛି।

**ବରଗଡ଼,୭।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଭଟଲି ଶାଖା ସିଏସ୍‌ଆର ବିଭାଗର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି, କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା, ପିଏନ୍‌ବି ଭୁବନେଶ୍ୱର ଜୋନାଲ ମୁଖ୍ୟ କ୍ଷେତ୍ରବାସୀ ମିଶ୍ର, ସମ୍ବଲପୁର ସର୍କଲ ମୁଖ୍ୟ ଅଜିତ ମେହେର, ବରଗଡ଼ ଶାଖା ମୁଖ୍ୟ ଆର୍ଯ୍ୟ ଚରଣ ଦାଶ, ବରଗଡ଼ ବଜାର ଶାଖା ମୁଖ୍ୟ କ୍ଷୀରେଶ୍ୱର ସୁର, ଭଟଲି ଛକ ଶାଖା ମୁଖ୍ୟ ସୁଶୀଲ ଅଗ୍ରୱାଲ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଆମ୍ବୁଲାନ୍ସ ଓ ରକ୍ତଦାନ ଶିବିରର ଶୁଭାରମ୍ଭ କରିଥିଲେ। ଏହି ଶିବିରରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଅଧିକାରୀମାନେ ରକ୍ତଦାନ କରିଥିଲେ। ସର୍କଲ ମୁଖ୍ୟ ଅଜିତ ମେହେର, ଚିଫ୍ ମ୍ୟାନେଜର ରୂପେଶ ସାହୁ, ମ୍ୟାନେଜର ରବି ନାରାୟଣ ଦାଶଙ୍କ ପ୍ରଚେଷ୍ଟାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାରକୁ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିଲା। ସେହିପରି ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ଶିବିରରେ ୩୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫରୁ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଏକ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନିଷ୍ଠା ପରିବାରକୁ ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସ ବିନା ଲାଭକ୍ଷତିରେ ଚଳାଇବା ପାଇଁ ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ନିଷ୍ଠା ପରିବାର ସଦସ୍ୟା, ସଦସ୍ୟମାନେ ଉପସ୍ଥିତ ଥିଲେ।

# ୭୩ ପିଲାଙ୍କୁ ମାଗଣା କମ୍ପ୍ୟୁଟର ଶିକ୍ଷାଦାନ

**ବରଗଡ଼,୭।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଶ୍ରୀ ଓଁକାର ଟ୍ରଷ୍ଟ ପକ୍ଷରୁ ଚାଲିଥିବା ମାଗଣା କମ୍ପ୍ୟୁଟର ଶିକ୍ଷାଦାନ କାର୍ଯ୍ୟକ୍ରମର ସମାପନ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଗତ ମେ ୧୨ରୁ ଆରମ୍ଭ ହୋଇ ଚଳିତ ମାସ ୬ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଡାଙ୍ଗ ଓ ଆଖପାଖ ଗାଁରୁ ପ୍ରାୟ ୭୩ଜଣ ପିଲା ସ୍କୁଲର ଆଧୁନିକ ସୁବିଧାସମ୍ପନ୍ନ କମ୍ପ୍ୟୁଟର ଲ୍ୟାବ୍‌ରେ ଅଭିଜ୍ଞ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଏହି ଯୋଜନାରୁ ଲାଭ ପାଇଥିଲେ। ଏହାବ୍ୟତୀତ ଛାତ୍ରୀଛାତ୍ରଙ୍କୁ ଡ୍ରିଆଙ୍ଗ ଓ ସମ୍ବଲପୁରୀ ନୃତ୍ୟଶିକ୍ଷା ଦିଆଯାଇଥିଲା। ସମାପନ ସମାରୋହରେ ବିଦ୍ୟାଳୟର ଚେୟାରମ୍ୟାନ୍ ସୁମନ ସାଓ୍ୱଡ଼ିଆ, ପ୍ରିନ୍ସିପାଲ କରନ ସାହୁ, ସରପଞ୍ଚ ଦୟାଶଙ୍କର କୁମାର, ବିଦ୍ୟାଳୟ ପ୍ରବନ୍ଧନ ସମିତି, ଲାଭାର୍ଥୀ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଅନ୍ୱେଷା ବିଶ୍ୱାଳ ଓ ସ୍ନେହା ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାଓ୍ୱଡ଼ିଆ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍, ନୋଟପ୍ୟାଡ଼, ସ୍କିପ୍ ରୋପ୍ ଓ ଟେନିସ୍ ବଲ୍ ପ୍ରଦାନ କରିଥିଲେ। ସେଉଁମାନେ ଅର୍ଥାଭାବରୁ କମ୍ପ୍ୟୁଟର ଶିକ୍ଷାପ୍ରାପ୍ତିରୁ ବଞ୍ଚିତ ହେଉଛନ୍ତି ସେମାନଙ୍କୁ ଶିକ୍ଷିତ କରିବା ଏହି ଶିବିରର ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ସରପଞ୍ଚ କୁମାର କହିଥିଲେ, ବର୍ତ୍ତମାନ ସମୟ ଟେକ୍‌ନୋଲୋଜିର ସମୟ। ଏହି ଯୋଜନା ଦ୍ୱାରା ବିଗତ ବର୍ଷରୁ ବହୁତ ଶିଶୁ କମ୍ପ୍ୟୁଟର ଶିକ୍ଷା ପାଉଛନ୍ତି। ଡାଙ୍ଗ ଗ୍ରାମରେ ସଂସ୍କାର ଭଳି ବିଦ୍ୟାଳୟ ଥିବା ଗୌରବର ବିଷୟ ବୋଲି କୁମାର କହିଥିଲେ।



ସମାପନ ସମାରୋହରେ ଶିବିରାର୍ଥୀଙ୍କୁ ପୁରସ୍କୃତ କରାଯାଉଛି।



ସମାରୋହରେ ମୁସଲିମ୍ ସମ୍ପ୍ରଦାୟର ଭାଇମାନେ ସମ୍ମିଳିତ ହୋଇଛନ୍ତି।

# ବରଗଡ଼ରେ ଇଦ୍ ଉଜ୍ ଜୁହା ସମାରୋହ

**ବରଗଡ଼,୭।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ଶନିବାର ତ୍ୟାଗ ଓ ବଳିଦାନର ପର୍ବ ଇଦ୍ ଉଲ୍ ଜୁହା ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ମୁସଲିମ ସମ୍ପ୍ରଦାୟର ଭାଇମାନେ ଡ୍ୟାମ୍ କଲୋନି ସ୍ଥିତ ଇଦ୍‌ଗାହ ପଡିଆରେ ଏକତ୍ରିତ ହୋଇ ବରଗଡ଼ ସୁନ୍ନି ବରେଲଵୀ ଜାମା ମସଜିଦର ମୌଲାନା ମହମ୍ମଦ କିସମତ ଅଲି ରିଜଵୀଙ୍କ ଅଧ୍ୟକ୍ଷତାରେ ଇଦ ଉଲ ଜୁହାର ବିଶେଷ ନମାଜକୁ ସାମୂହିକ ଭାବେ ପାଠ କରିଥିଲେ। ଆଜି ଦିନର ମହତ୍ତ୍ୱ ସମ୍ପର୍କରେ ଉପସ୍ଥିତ ମୁସଲମାନ ସମ୍ପ୍ରଦାୟକୁ ଅବଗତ କରାଯିବା ସହିତ ମିଳିତ ଭାବେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ଏହାପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଅଭିନନ୍ଦନ ଏବଂ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ନି ଜାମା ମସଜିଦ କମିଟି ସଭାପତି ଶେଖ୍ ଅସଗର, ସମ୍ପାଦକ ଏମ୍‌ଡି. ନିଜାମ, ଏମ୍‌ଡି ନଇମ, ଜାନିସାର ଅଂସାରୀ, ମହମ୍ମଦ ଭିକି, ଶେଖ୍ ନଜିମୁଦ୍ଦିନ, ମହମ୍ମଦ ନଇମ, ଶେଖ୍ ନସିମୁଦ୍ଦିନ, ଗୁଲାମ ଗୌସ, ଗୁଲାମ ରସୁଲ, ମହମ୍ମଦ ଅଷ୍ଟାଲିନ, ଶେଖ୍ ଜାଫର, ଶେଖ୍ ସବ୍ବର, ଶେଖ୍ ମୁର୍ତ୍ତୁଜା, ମହମ୍ମଦ ଆଲାଦିନ, ମହମ୍ମଦ ବବଲୁ, ମହମ୍ମଦ ଜମୀର, ମହମ୍ମଦ ଜିଆଉଲ, ମହମ୍ମଦ ଅସଲମ ଏବଂ ନାସିର ଖାନ, ଏମ୍‌ଡି. ଲତିଫ୍, ମହମ୍ମଦ ଇକରାମ, ମହମ୍ମଦ ମାସୁମ, ମହମ୍ମଦ ରାଜୁ, ମହମ୍ମଦ ଜାଫର ପ୍ରମୁଖ ସହଯୋଗ କରିଥିଲେ।

# କଳସ ଶୋଭାଯାତ୍ରାକୁ ବରପାଲିରେ ସ୍ୱାଗତ

**ବରପାଲି,୭।୬(ଚିତ୍ତରଞ୍ଜନ ସାହୁ)**

ମିଶନ ଅହିର ରେଜିମେଣ୍ଟ କଳସ ଶୋଭାଯାତ୍ରାକୁ ଶନିବାର ପୂର୍ବାହ୍ନ ୧୧ଟା ସମୟରେ ବରପାଲି ବ୍ଲକ ଓ ସହର ଯାଦବ ସମାଜ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପ୍ରଥମେ କଳସ ଶୋଭାଯାତ୍ରାକୁ ବଲାଙ୍ଗୀର ବରଗଡ଼ ରୋଡ଼୍ ନେହେରୁ ନଗରଠାରେ ପୂଜାର୍ଚ୍ଚନା କରି ବରପାଲି ସହର ପରିକ୍ରମା କରାଯାଇଥିଲା। ପରେ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ସାଧାରଣ ସଭା ହୋଇଥିଲା। ଏଥିରେ ଜିଲା ଯାଦବ ସମାଜ ସଭାପତି ତଥା ରାଷ୍ଟ୍ରୀୟ ସମ୍ପାଦକ ରାଜୁ ବିଘେଲାଙ୍କ ଅଧ୍ୟକ୍ଷତା କରିଥିଲେ। ଏନ୍‌ଏସି ଅଧ୍ୟକ୍ଷ ଦିନେଶ ଗଡ଼ିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର ଦଫାଦାର, ମନମୁଲ ଭୋଇ, ଉତ୍କଳ ମହାସଭା ଉପ ସଭାପତି ଲମ୍ବୋଧର ବିଶ୍ୱାଳ, ସୋନପୁର ଜିଲା ଯାଦବ ସମାଜ ସଭାପତି ତଟନ ଯୁଆଡ଼ି, ତ୍ରିଲୋଚନ ନାଗ, ରାମ ନାରାୟଣ ଭୋଇ, ସୁଷମା ପୋଡ଼, ଧନ ସିଂ ପୋଡ଼, ପ୍ରଦୀପ ଥାପା ପ୍ରମୁଖ ଉପସ୍ଥିତ ଥିଲେ। ଗୋବିନ୍ଦ ଯୁଆଡ଼ି କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ସଭାରେ କୁଞ୍ଜ ବିହାରୀ ରାଉତ, ଅକ୍ଷୟ ଭୋଇ, ରସାନନ୍ଦ ଥାପା, ଗୋପାଳ ବେହେରା, କୁନୁ ଜାଲ, ବିଦ୍ୟାଧର କାଣ୍ଡ, ଅମର ବେହେରା, ପୀତବାସ ବେହେରା, ପ୍ରତାପ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଖଡ଼ିଆ ବର୍ଗି ଧନ୍ୟବାଦ ଅର୍ପଣ କରିଥିଲେ।




ସଭାରେ ମଞ୍ଚାସୀନ ଅତିଥି।

# ପଲିଥିନ୍, ପ୍ଲାଷ୍ଟିକ୍ ପରିବେଶ ଧ୍ୱଂସର କାରଣ ହୋଇଛି

**ନୂଆପଡ଼ା,୭।୬ (ମକାରୁ କେମାଲ):**

ନୂଆପଡ଼ା ଜିଲା ହେବ ସ୍ୱଚ୍ଛ ଓ ସୁନ୍ଦର। ବିଶ୍ୱ ପରିବେଶ ଦିବସ ଅବସରରେ ଏହାକୁ ନେଇ ଏକ କର୍ମଶାଳା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନଖଣ୍ଡ ଅଧିକାରୀ ଖଡ଼ିଆଲ ଅଜିଜ ଖାନ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ଭଉତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶଙ୍କ ସମେତ ସମସ୍ତ ବିଡିଓ, ଜିଲାସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଅତିଥିମାନେ ପଲିଥିନ୍ ଓ ପ୍ଲାଷ୍ଟିକ୍ କିଭଳି ଭାବରେ ଆମର ସୁନ୍ଦର ପରିବେଶର ଧ୍ୱଂସର କାରଣ ସାଜିଛି ତାହା ଅବଗତ କରାଇଥିଲେ। ଜିଲାପାଳଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା କିଭଳି ଭାବରେ ସଫଳ ହୋଇପାରିବ ସେଥିପାଇଁ ସମ୍ପୃକ୍ତ ଯୋଜନାର ରୂପରେଖ ପାୱାରପଏଣ୍ଟ ମାଧ୍ୟମରେ ଉପସ୍ଥାପିତ କରାଯାଇଥିଲା। ଏହି ଅବସରରେ ଥରେ ମାତ୍ର ବ୍ୟବହାର ହେଉଥିବା ପ୍ଲାଷ୍ଟିକମୁକ୍ତ ଜିଲା ଭାବେ ଜିଲାପାଳ ଘୋଷଣା କରିଥିଲେ।

# ଅଧା ସରିଲା, ଅଧା ବାକି ଅଛି

**କଳାହାଣ୍ଡି ଜିଲାରେ ରବି ଧାନ କିଣା**

**୧୭,୨୦୯ ଚାଷୀଙ୍କ ଉଠିଛି ୧୧ ଲକ୍ଷ ୮୭ ହଜାର କୁଇଣ୍ଟାଲ ଧାନ**

**ଭବାନୀପାଟଣା,୭।୬(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ଗତ ମେ ୨୦ ତାରିଖଠାରୁ ରବି ଧାନ ପାଇଁ ମଣ୍ଡି ଖୋଲିଥିଲା। ଏହା ମଧ୍ୟରେ ୧୮ ଦିନ ବିତିଯାଇଥିବାବେଳେ ଶୁକ୍ରବାର ସୁଦ୍ଧା ୧୭,୨୦୯ ଚାଷୀଙ୍କ ୧୧ ଲକ୍ଷ ୮୭ ହଜାର ୩୨୦ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ଜଣାପଡ଼ିଛି। ସେଥିମଧ୍ୟରୁ ଶୁକ୍ରବାର ଗୋଟିଏ ଦିନରେ ୧୭୭୦ ଜଣ ଚାଷୀଙ୍କ ୧ ଲକ୍ଷ ୨୧ହଜାର ୧୧୨ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ଜିଲାରେ ରବି ଧାନ କିଣା ଟାର୍ଗେଟ ବର୍ତ୍ତମାନ ସୁଦ୍ଧା ୨୧ ଲକ୍ଷ ୪୬ ହଜାର ରହିଥିବାବେଳେ ୧୮ ଦିନରେ ଏହି ଧାନ କ୍ରୟକୁ ଦେଖିଲେ ଜିଲାରେ ଅଧା ଧାନ କିଣା ସରିଛି। ଅବଶିଷ୍ଟ ଧାନ ଏବେ ବି ବିକ୍ରି ନ ହୋଇ ମଣ୍ଡରେ ପଡ଼ିଛି। ଧାନ ବିକ୍ରି ଆଶାରେ ଚାଷୀ ରହିଥିବାବେଳେ କୋହଲା ପାଗ ସେମାନଙ୍କୁ ଚିନ୍ତାରେ ପକାଇ ଦେଇଛି। କାରଣ ଏବେ ମଧ୍ୟ ଅନେକ ଚାଷୀଙ୍କ ଧାନ ଅମଳ ହୋଇପାରି ନାହିଁ। ଜିଲାରେ ମନ୍ଥର ଗତିରେ ଧାନ କ୍ରୟ ଯୋଗୁ ଅଧିକାଂଶ ମଣ୍ଡିରେ ଏବେ ହଜାର ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ସରକାର ଧାନ କଟନୀ ବନ୍ଦ କରିଥିବାବେଳେ ମଣ୍ଡିରେ କିନ୍ତୁ ଏବେ କୁଇଣ୍ଟାଲ ପିଛା ୫ କେଜି ନ କାଟିଲେ ଧାନ ଉଠୁନାହିଁ। ଚାଷୀ ମଧ୍ୟ ଅନ୍ୟ କିଛି ଉପାୟ ନ ପାଇ ଧାନ ଶୀଘ୍ର ଉଠୁ ବୋଲି ୫ କେଜି କଟନୀରେ ମିଲରଙ୍କୁ ଧାନ ଦେଉଛି। ବର୍ଷା ହେଲେ ଏହି କଟନୀ ଆହୁରି ଅଧିକ ହେବ ବୋଲି ଚାଷୀଙ୍କଠାରୁ ଜଣାପଡ଼ିଛି। ଚଳିତ ରବି ଧାନ ସଂଗ୍ରହ ପାଇଁ ଜିଲାରେ ୧୪୫ ଧାନ ମଣ୍ଡି ରହିଥିବାବେଳେ ସେଥିମଧ୍ୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୪୨ ମଣ୍ଡି ଖୋଲିଛି। ଅବଶିଷ୍ଟ ୩ ମଣ୍ଡି ଖୋଲି ନାହିଁ। ସେହିପରି ଧାନ ଉଠାଣ ପାଇଁ ୭୫ ମିଲରଙ୍କୁ ନିୟୋଜିତ କରାଯାଇଛି। ଚଳିତ ରବିରେ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ୪୮,୮୧୧ ଜଣ ଚାଷୀ ଅନ୍‌ଲାଇନ ମାଧ୍ୟମରେ ନାମ ପଞ୍ଜୀକରଣ କରିଛନ୍ତି।



ଜିଲାର ଆଟିଗାଁ ମଣ୍ଡିରେ ପଡିରହିଥିବା ଧାନ।

## ସଂକ୍ଷେପରେ

### ରେଳ ଧାରଣାରୁ ବୃଦ୍ଧାଙ୍କ ମୃତଦେହ ଜବତ

**ବନ୍ଧମୁଣ୍ଡା,୭।୬(ସୁବ୍ରତ ଦେ):** ବିଶ୍ରା ଏବଂ ଏ-କ୍ୟାବିନ ମଧ୍ୟରେ ତୃତୀୟ ରେଳ ଲାଇନରୁ ଶନିବାର ଜଣେ ବୃଦ୍ଧାଙ୍କ ମୃତଦେହ ଜବତ ହୋଇଛି। ମୃତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ବୟସ ଆନୁମାନିକ ୬୦ ବର୍ଷ ହେବ ବୋଲି କୁହାଯାଉଛି। ଟ୍ରେନ୍ ଧକ୍କାଦେବା ଯୋଗୁ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଘଟଣା ସମ୍ପର୍କରେ ସୂଚନା ପାଇ ବନ୍ଧମୁଣ୍ଡା ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ରାଉରକେଲା ସରକାରୀ ଡାକ୍ତରଖାନାର ମର୍ଗ ହାଉସରେ ରଖିଛି। ମୃତକଙ୍କ ପରିଚୟ ପାଇବା ପାଇଁ ଜିଆର୍‌ପି ପକ୍ଷରୁ ପ୍ରୟାସ ଜାରି ରହିଛି।

### ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ

**ସବ୍‌ଡେଗା,୭।୬(ଅନନ୍ତ ପଟେଲ):** ରାଜ୍ୟରେ ଗତ ୩୧ରୁ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଉକ୍ତ ଅଭିଯାନ ରଥ ଶନିବାର ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକ୍‌ରେ ପହଞ୍ଚିଥିଲା। ସବ୍‌ଡେଗା ଅବକାରୀ ବିଭାଗ ତରଫରୁ ବ୍ଲକ୍‌ର ୧୪ଟି ପଞ୍ଚାୟତ ଅନ୍ତର୍ଗତ ଗାଁକୁ ଉକ୍ତ ରଥ ପରିକ୍ରମାକରି ଲୋକଙ୍କୁ ସଚେତନ କରିଥିଲା। ଏଥିରେ ଅବକାରୀ ବିଭାଗର ଏସ୍‌ଆଇ ସତ୍ୟଜିତ ସାମଲ, ଆଇଏସ୍‌ଆଇ ସୁଶୀଲ କୁମାର ମିର୍ଦ୍ଧା, ହାବିଲଦାର ରଜନୀକାନ୍ତ ବେହେରା, ଗାୟତ୍ରୀ ସା ପ୍ରମୁଖ ସମସ୍ତ କର୍ମଚାରୀ ଯୋଗଦେଇ ରଥ ସହ ପରିକ୍ରମା କରିଥିଲେ।

### ଡିଜେଲ ଚୋରିରେ ବ୍ୟବହୃତ କାର୍ ଜବତ

**ବଡ଼ଗାଁ, ୭।୬(ଅଶୋକ ଷଡ଼ଙ୍ଗୀ)–** ଶୁକ୍ରବାର ବିଳମ୍ବିତ ରାତିରେ ଡିଜେଲ ଚୋରିରେ ବ୍ୟବହୃତ ଏକ କାର୍‌କୁ ସୁନ୍ଦରଗଡ଼ ଜିଲା ବଡ଼ଗାଁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ ବିଳମ୍ବିତ ରାତିରେ ଟିକିଲିପଡା ନିକଟସ୍ଥ ଢାବା ସମ୍ମୁଖରେ ଛିଡ଼ା ହୋଇଥିବା ଟ୍ରକଗୁଡ଼ିକରୁ ଡିଜେଲ ଚୋରି କରିବା ପାଇଁ ଏକ କାର୍‌ରେ କେତେଜଣ ବ୍ୟକ୍ତି ବୁଲୁଥିଲେ। ବଡ଼ଗାଁ ପୋଲିସ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସକୁ ଦେଖି କାର୍ (ଓଡ଼ି ୦୧ୱାଇ ୪୨୦୨)ରେ ଥିବା ଲୋକେ ଇତମା ନିକଟରେ ଗାଡି ଛାଡ଼ି ଫେରାର ହୋଇଯାଇଥିଲେ। କାରରୁ ଡିଜେଲ ଚୋରିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗତମାସ ୨୩ ତାରିଖ ବଡ଼ଗାଁ ପୋଲିସ ଜରଙ୍ଗଲୋଇ ନିକଟରେ ଡିଜେଲ ଚୋରିରେ ବ୍ୟବହୃତ ଅନ୍ୟ ଏକ କାର୍ ଜବତ କରିବା ସହ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଉକ୍ତ କାରର ମାଲିକ ସମ୍ବଲପୁରର ହୋଇଥିବାବେଳେ ଶନିବାର ଜବତ ହୋଇଥିବା କାର ମାଲିକ ରାଉରକେଲାର ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। କାର ମାଲିକଙ୍କ ଉପଯୁକ୍ତ ଚିହ୍ନଟ ପରେ ଚୋର ଦଳ ଅତିଶୀଘ୍ର ଧରାପଡିବେ ବୋଲି ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ ପ୍ରକାଶ କରିଛନ୍ତି।

### ପଲିଥିନ୍, ପ୍ଲାଷ୍ଟିକ୍ ପରିବେଶ ଧ୍ୱଂସର କାରଣ ହୋଇଛି

**ନୂଆପଡ଼ା,୭।୬ (ମକାରୁ ବେମାଲ):**

ନୂଆପଡ଼ା ଜିଲା ହେବ ସ୍ୱଚ୍ଛ ଓ ସୁନ୍ଦର। ବିଶ୍ୱ ପରିବେଶ ଦିବସ ଅବସରରେ ଏହାକୁ ନେଇ ଏକ କର୍ମଶାଳା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନଖଣ୍ଡ ଅଧିକାରୀ ଖଡ଼ିଆଲ ଅଜିଜ ଖାନ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଉତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶଙ୍କ ସମେତ ସମସ୍ତ ବିଡିଓ, ଜିଲାସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଅତିଥିମାନେ ପଲିଥିନ ଓ ପ୍ଲାଷ୍ଟିକ କିଭଳି ଭାବରେ ଆମର ସୁନ୍ଦର ପରିବେଶର ଧ୍ୱଂସର କାରଣ ସାଜିଛି ତାହା ଅବଗତ କରାଇଥିଲେ। ଜିଲାପାଳଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା କିଭଳି ଭାବରେ ସଫଳ ହୋଇପାରିବ ସେଥିପାଇଁ ସମନ୍ୱିତ ଯୋଜନାର ରୂପରେଖ ପାୱାରପଏଣ୍ଟ ମାଧ୍ୟମରେ ଉପସ୍ଥାପିତ କରାଯାଇଥିଲା।

# ଝିଅଙ୍କୁ ସମାଜରେ ସଶକ୍ତ କରିବା ଗୁରୁତ୍ୱପୂର୍ଣ୍ଣ

### ଏନ୍‌ଟିପିସି ଦର୍ଲିପାଲିରେ ବାଳିକା ସଶକ୍ତୀକରଣ ମିଶନ ଉଦ୍‌ଯାପିତ

**ସୁନ୍ଦରଗଡ,୭।୬(ଜୟ ନାରାୟଣ ମେଣ୍ଟୁଲି)**



ଏନ୍‌ଟିପିସି ଅଧିକାରୀ ଓ ତାଲିମ ନେଇଥିବା ଝିଅମାନେ।

ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ କୋଣାର୍କ ଅଡିଟୋରିୟମରେ ଚାଲିଥିବା ବାଳିକା ସଶକ୍ତୀକରଣ ମିଶନ ଗ୍ରୀଷ୍ମ କର୍ମଶାଳା – ୨୦୨୫ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ଆଖପାଖ ଅଞ୍ଚଳର ସ୍କୁଲ ଯାଉଥିବା ଝିଅମାନଙ୍କ ମଧ୍ୟରେ ସାମଗ୍ରିକ ବିକାଶ ଏବଂ ସ୍ୱାବଲମ୍ବନକୁ ପ୍ରୋତ୍ସାହିତ କରିବା। ଉଦ୍‌ଯାପନୀ ଉତ୍ସବରେ ସାଂସ୍କୃତିକ ପ୍ରଦର୍ଶନ, ପ୍ରମାଣପତ୍ର ବଣ୍ଟନ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପ୍ରେରଣାଦାୟକ ଭାଷଣ ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଏନ୍‌ଟିପିସି ଦର୍ଲିପାଲିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାମ ଭଜନ ମଲିକ ମୁଖ୍ୟ ଅତିଥି, ଅଭିଳାଷା ଲେଡିଜ କ୍ଲବ୍‌ର ସଭାପତି ପୁନମ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଓ ଆଣ୍ଡ ଏମ୍ ମହାପ୍ରବନ୍ଧକ ହରେ ରାମ ସିଂହ, ମାନବ ସମ୍ବଳ ମୁଖ୍ୟ ପ୍ରତିଭା ସିଂହ, ବିଭାଗ ମୁଖ୍ୟ, ସଂଘ ଏବଂ କ୍ଲବର ସଦସ୍ୟ, ବାଳିକା ସଶକ୍ତୀକରଣ ମିଶନର ଅଂଶଗ୍ରହଣକାରୀ ଏବଂ ସେମାନଙ୍କ ପରିବାର ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ରାମ ଭଜନ ମଲିକ କହିଥିଲେ, ଏହି ତାଲିମ ଯୁବତୀମାନଙ୍କ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବ। ଜୀବନରେ ସେମାନେ ନୂତନ ମାଇଲଖୁଣ୍ଟ ହାସଲ କରିବେ ଏବଂ ସେମାନଙ୍କ ଚାରିପାଖରେ ଥିବା ଅନ୍ୟମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେବେ। ଝିଅମାନଙ୍କୁ ଶିକ୍ଷା ଦେବା ଏବଂ ସମାଜରେ ସେମାନଙ୍କୁ ସଶକ୍ତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ୪ ସପ୍ତାହ ଧରି ଦର୍ଲିପାଲି, ରାଏଡିହି, ଚିନଚିଣ୍ଡା, ନୂଆଡିହ, ତିଲାଇମାଲ, ଲୋଇସିଂ, ଲାଇକେରା, ଛୋଟବଙ୍ଗା ଏବଂ କାଙ୍କାଗୁରା ସରକାରୀ ବିଦ୍ୟାଳୟର ୧୨୦ ଜଣ ଝିଅ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାରେ ପରିବେଶ ସଚେତନତା, ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତା, କମ୍ପ୍ୟୁଟର ସାକ୍ଷରତା, କଳା, ଯୋଗ, କ୍ରୀଡ଼ା, ଆତ୍ମରକ୍ଷା, ଶିଶୁ ଅଧିକାର, ସଙ୍ଗୀତ ଏବଂ ବ୍ୟକ୍ତିତ୍ୱ ବିକାଶ ଉପରେ ଅଧିବେଶନ ସହିତ ଇଂରାଜୀ, ଗଣିତ ଏବଂ ବିଜ୍ଞାନରେ ଶୈକ୍ଷିକ ଶିକ୍ଷା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଝିଅମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ହୋଇଥିଲା। ଝିଅମାନେ ସେମାନଙ୍କ ବ୍ୟକ୍ତିଗତ ଅଭିଜ୍ଞତା ବାଣ୍ଟିଥିଲେ।

## ଅପରେଶନ ସିନ୍ଦୂରର ବୀର ଯବାନଙ୍କୁ ସମ୍ବର୍ଦ୍ଧନା

**ସୁନ୍ଦରଗଡ,୭।୬(ଜୟ ନାରାୟଣ ମେଣ୍ଟୁଲି)**

ଜିଲା କଂଗ୍ରେସ କମିଟି ଓ ରାଜଗାଙ୍ଗପୁର ସ୍ଥିତ ମା' ଦୁର୍ଗା ଫାଉଣ୍ଡେଶନ ତରଫରୁ ଶନିବାର ଅପରେଶନ ସିନ୍ଦୂରରେ ଭାଗ ନେଇଥିବା ବୀର ଯବାନ ମନୋହର ଖାଲକୋଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ସୁନ୍ଦରଗଡ ଜ୍ୟୋତି ନଗରଠାରେ ଏହି ଉପଲକ୍ଷେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଖାଲକୋଙ୍କୁ ତାଙ୍କର ବୀରତ୍ୱର ଗାଥାକୁ ପ୍ରଂଶସାକରି ଦେଶ ତଥା ସୁନ୍ଦରଗଡ ମାଟିର ପୁଅ ଭାବେ ଗୌରବ ଆଣିଛନ୍ତି ବୋଲି ଅତିଥିମାନେ କହିଥିଲେ। ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ହାରାସମୁରା ଗ୍ରାମର ବିଏସଏଫ ଯବାନ ଖାଲଖୋ ଓ ତାଙ୍କ ପରିବାରର ସଦସ୍ୟଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜ୍ୟୋତି ନଗର ସ୍ଥିତ ଖାଲକୋଙ୍କ ବାସସ୍ଥାନକୁ ରାଜଗାଙ୍ଗପୁରର ବିଧାୟକ ତଥା ପିସିସିର ଉପସଭାପତି ଡା. ସି. ଏସ. ରାଜେନ ଏକ୍କା, ରାଜଗାଙ୍ଗପୁରର ମା' ଦୁର୍ଗା ଫାଉଣ୍ଡେଶନର ଚେୟାରମେନ ବିନିତା ଗଡୋଡ଼ିଆ ପହଞ୍ଚି ଖାଲଖୋଙ୍କୁ ଆର୍ଥିକ ସାହାଯ୍ୟ ଦେବା ସହ ମିଷ୍ଟାନ ଖୁଆଇ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ତଥା ସୁନ୍ଦରଗଡ ଏଜୁକେଶନାଲ ଟ୍ରଷ୍ଟି ସେକ୍ରେଟାରୀ ରାଜକିଶୋର ଷଡ଼ଙ୍ଗୀ, ବେଣୁମାଧବ ତ୍ରିପାଠୀ, ଜିଲା କଂଗ୍ରେସର ସଂଯୋଜକ ନିର୍ମଳ କୁମାର ନାଏକ, ଅଜିତ ପ୍ରସାଦ, ପବନ ଗଡୋଡିଆ, ପର୍ଶୁରାମ ସରାଫ, ଅରୁଣ ସାମଲ,ନେପାଳ ଚନ୍ଦ୍ର ସାହୁ, ବିଶ୍ୱଜିତ ପଟ୍ଟନାୟକ, ଦିଲୀପ କୁମରା, ରାଜେନ୍ଦ୍ର ପଟେଲ, ଦେବାଶିଷ ଦାସ, ଶ୍ୟାମ ନନ୍ଦନ ସହାୟ, ମୁନୁ ସରାଫ, ଭୀଷ୍ମ ଦେବ ସିଂ, ରାଜା ପଟ୍ଟନାୟକ, ମହେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।


ଯବାନ ଓ ତାଙ୍କ ପରିବାରକୁ ସମ୍ବର୍ଦ୍ଧନା ଦିଆଯାଉଛି।


ପରିବେଶ ସୁରକ୍ଷା ପାଇଁ ମହିଳାମାନେ ଶପଥ ନେଉଛନ୍ତି।

# ପରିବେଶ ସୁରକ୍ଷା ପାଇଁ ଶପଥ ନେଲେ

**ସୁନ୍ଦରଗଡ଼,୭।୬(ଜୟ ନାରାୟଣ ମେଣ୍ଟୁଲି)**

### ସେବକ ତରଫରୁ ୨ ଦିନିଆ ବିଶ୍ୱ ପରିବେଶ ଦିବସ ପାଳନ

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ତରଫରୁ ବିଭିନ୍ନ ସ୍ଥାନରେ ୨ ଦିନ ଧରି ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ପ୍ରଥମ ଦିବସରେ ଗୁରୁବାର ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ଗମ୍ଭାରି ବଡ଼ବାହାଲପଡ଼ାଠାରେ ଏକ ବିରାଟ ସଚେତନତା ବୈଠକର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ ଯୋଗଦେଇ ଜଙ୍ଗଲ ଓ ପରିବେଶ ସୁରକ୍ଷା ନିମନ୍ତେ ସାମୂହିକ ପଦକ୍ଷେପର ଆବଶ୍ୟକତା ଅଛି ବୋଲି ମତ ପ୍ରଦାନ କରିଥିଲେ। ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ପ୍ଲାଷ୍ଟିକ ପ୍ରଦୂଷଣର ଭୟାବହତା, ପରିବେଶ ତଥା ଜୀବଜଗତ ପ୍ରତି ଏହାର କୁପ୍ରଭାବ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ଉଜ୍ଜ୍ୱଳପୁର ଟିମ୍ ଲିଡର ପରିବେଶ ସୁରକ୍ଷା ଉପରେ ବିସ୍ତୃତ ଉପସ୍ଥାପନା କରିଥିଲେ। ଏଥି ନିମନ୍ତେ ଏକ ବ୍ୟବହାରିକ ଅଧିବେଶନର ଆୟୋଜନ କରାଯାଇଥିଲା। ଦ୍ୱିତୀୟ ଦିବସରେ ଶୁକ୍ରବାର ଲେଫ୍ରିପଡ଼ା ବ୍ଲକ୍ ଅନ୍ତର୍ଗତ ସାଗଜୋର ଗ୍ରାମର ଚର୍ଚ୍ଚ ପରିସରରେ ଏକ ମେଗା ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ୍ ବ୍ୟବହାରକୁ କମାଇବା, ପୁନଃଚକ୍ରଣ ବ୍ୟବସ୍ଥା ତଥା ଆବଶ୍ୟକ ସ୍ଥଳେ ପ୍ଲାଷ୍ଟିକ୍ ବର୍ଜନ କରିବା ଉପରେ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ଆଲୋକପାତ କରିଥିଲେ। ସେବକର ବରିଷ୍ଠ କାର୍ଯ୍ୟକ୍ରମ ପ୍ରବନ୍ଧକ ଚକ୍ରଧର ପୃଷେଠ ପ୍ରାକୃତିକ କୃଷି ଓ ଦେଶୀ ବିହନ ସଂରକ୍ଷଣ ଉପରେ, ଅମିୟ ରଞ୍ଜନ ଲେଙ୍କା ପୁଷ୍ଟିଶସ୍ୟର ବହୁଳ ପ୍ରସାର ଉପରେ ତଥା ଅଭିଷେକ ତନ୍ତୀ ପରିବେଶ ସୁରକ୍ଷାରେ ଯୁବାବର୍ଗଙ୍କୁ ସାମିଲକରିବା ଉପରେ ଆହ୍ୱାନ ଦେଇଥିଲେ। ଏହାଛଡ଼ା ସାଗରପାଲି, ଝୁରିମାଲ, କାପୁଟିକ୍ରା, ଝୁଲେନ, ଚାରପଡ଼ା ଗ୍ରାମରେ ମଧ୍ୟ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ପ୍ରତ୍ୟେକ ସ୍ଥାନରେ ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକିବା ତଥା ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ସାମୂହିକ ଶପଥ ପାଠ କରାଯାଇଥିଲା।

## ୧ ଲକ୍ଷ ୪ ହଜାର ସଦସ୍ୟତା ପାଇଁ ଲକ୍ଷ୍ୟ ରଖିଛି ଏବିଭିପି

**ସୁନ୍ଦରଗଡ଼,୭।୬(ଜୟ ନାରାୟଣ ମେଣ୍ଟୁଲି)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସବୁଠାରୁ ବଡ଼ ଛାତ୍ର ସଙ୍ଗଠନ। ଏବିଭିପି ୧୯୪୯ ଜୁଲାଇ ୯ ତାରିଖରୁ ଆରମ୍ଭ ହୋଇ ଆଜି ଯାଏ ଅନବରତ ରାଷ୍ଟ୍ର ଏବଂ ଛାତ୍ରଙ୍କ ହିତରେ କାମ କରୁଛି। ପ୍ରତିବର୍ଷ ଭଳି ଚଳିତ ଶିକ୍ଷାବର୍ଷରେ ମଧ୍ୟ ସଦସ୍ୟତା ଅଭିଯାନ ଜୁନ୍‌ରୁ ଆରମ୍ଭ ହେବ। ଏପ୍ରିଲ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ାଠାରେ ହୋଇଥିବା ପ୍ରାନ୍ତ ଓ ସମୀକ୍ଷା ଯୋଜନା ବୈଠକରେ ୨୦୨୫-୨୬ ଶିକ୍ଷାବର୍ଷରେ ଓଡ଼ିଶା ପଶ୍ଚିମ ପ୍ରାନ୍ତରେ ତଥା ଓଡ଼ିଶା ପଶ୍ଚିମର ୧୪ ସାଙ୍ଗଠନିକ ଜିଲାରେ ୧ଲକ୍ଷ ୪ହଜାର ସଦସ୍ୟତା କରିବାର ଲକ୍ଷ୍ୟ ରଖିଥିବା ଏବିଭିପି ଓଡ଼ିଶା ପଶ୍ଚିମ ପ୍ରାନ୍ତର ରାଜ୍ୟ ସମ୍ପାଦକ ଶ୍ୱେତାଂଶୁ ଶେଖର ବରାଇ ସୂଚନା ଦେଇଛନ୍ତି। ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ଼ ସାଂଗଠନିକ ଜିଲାକୁ ଏବିଭିପିର ସଦସ୍ୟତା ୫୦୦୦ ପାଇଁ ଜିଲା ସଂଯୋଜକ ବାପୁନ ପଶାୟତ ସୂଚନା ଦେଇଛନ୍ତି। ଓଡ଼ିଶା ପଶ୍ଚିମ ପ୍ରାନ୍ତରେ ୩୩୧ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶାଖା ଏବଂ ପ୍ରତି ବ୍ଲକ ମୁଖ୍ୟାଳୟରେ ତଥା ୧୧୮ଟି ସ୍ଥାନରେ ନଗର ଶାଖା ଘୋଷଣା କରିବାର ମଧ୍ୟ ଲକ୍ଷ୍ୟ ରଖିଛି। ସୁନ୍ଦରଗଡ଼ ସାଙ୍ଗଠନିକ ଜିଲାର ୫ଟି ମହାବିଦ୍ୟାଳୟରେ ଏବିଭିପିର ଛାତ୍ର ସଂସଦ ନିର୍ବାଚନରେ ନିଶ୍ଚୟ ବିଜୟ ଲାଭ କରିବ ବୋଲି ସେ ଦୃଢ଼ୋକ୍ତି ବାଢ଼ିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏବିଭିପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚୁମକି ନାଏକ ଓ କାହ୍ନା ମେହେର ଉପସ୍ଥିତ ଥିଲେ।

## ଛୁଆ ଚୋର ସନ୍ଦେହ: ଯୁବକଙ୍କୁ ଧରିଲେ ଗ୍ରାମବାସୀ

**ବଡ଼ଗାଁ, ୭।୬(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗ୍ରାମର ଜଣେ ତିନି ବର୍ଷର ଶିଶୁକୁ କୁତ୍ରାର ଜଣେ ଯୁବକ ବାଇକ୍‌ରେ ବସାଇ କିଛି ଦୂର ପର୍ଯ୍ୟନ୍ତ ନେବା ଘଟଣାକୁ କେନ୍ଦ୍ରକରି ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗ୍ରାମବାସୀ ଏ ସମ୍ପର୍କରେ ୧୧୨କୁ ଫୋନ କରି ଜଣାଇଥିଲେ। ଏହା ପରେ ଉଭୟ ପକ୍ଷକୁ ଡାକି ବଡ଼ଗାଁ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ଘଟଣା ବଡ଼ଗାଁ ଥାନାରେ ଆପୋଷ ସମାଧାନ ହୋଇଛି। ସୂଚନା ଅନୁଯାୟୀ କୁତ୍ରାର ଜଣେ ଯୁବକ ସାହାଜବାହାଲ ଗ୍ରାମରେ କାମ କରୁଥିବା ସମୟରେ ସ୍ଥାନୀୟ ଗ୍ରାମର ଜଣେ ୩ ବର୍ଷର ଶିଶୁକୁ ବାଇକ୍‌ରେ ବସାଇ କିଛିବାଟ ନେବାରୁ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଥିଲା। ବାଇକ୍‌ରେ ବସାଇଥିବା ଯୁବକ କ୍ଷମା ମାଗିବା ପରେ ଘଟଣାର ସମାଧାନ ହୋଇଛି।

## ଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


ଇଓଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ରାଜଗାଙ୍ଗପୁର,୭।୬(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରପାଳିକାର ଏକ୍‌ଜିକ୍ୟୁଟିଭ ଅଫିସର ଭିକ୍ଟର ସରେଙ୍ଗଙ୍କ ସମ୍ବଲପୁର ପୌରପାଳିକାକୁ ଡେପୁଟି କମିଶନରଭାବେ ବଦଳି ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାଜଗାଙ୍ଗପୁର ପୌର ପରିଷଦରେ ତାଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ପୌରାଧ୍ୟକ୍ଷ ମାଧୁରୀ ଲୁଗୁନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଇଓଙ୍କୁ ଉପଢୌକନ ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉପନଗରପାଳ ମହମ୍ମଦ ଇର୍‌ଫାନଙ୍କ ସହ ପୌରପାଳିକାର ବିଭିନ୍ନ ପଦାଧିକାରୀ ଓ କର୍ମୀବୃନ୍ଦ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜଗାଙ୍ଗପୁର ବିଡିଓ ଅକ୍ଷୟ ବାଘ ଅତିରିକ୍ତ ଭାବେ ଏକ୍‌ଜିକ୍ୟୁଟିଭ ଅଫିସରର ଦାୟିତ୍ୱ ଗ୍ରହଣ କରିଛନ୍ତି ।

## ସହକାରୀ ପ୍ରଫେସର ସମ୍ବର୍ଦ୍ଧିତ

**ସୁନ୍ଦରଗଡ଼,୭।୬(ଜୟ ନାରାୟଣ ମେଣ୍ଟୁଲି)**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରତିଭା ପ୍ରଣାମ ମଞ୍ଚ ଆନନ୍ଦପୁରର ମିଳିତ ସହଯୋଗରେ ଶନିବାର ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ଭବ୍ୟ ସମାରୋହରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ପ୍ରଫେସର ଗରୁଡେଶ୍ୱର ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷକ-ଶିକ୍ଷା ଓ ଆଦିବାସୀ ଶିକ୍ଷାରେ ତାଙ୍କର ଅବଦାନକୁ ପ୍ରଶଂସାକରି ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଗୋସ୍ୱାମୀ ଗୋଲାମ ଦେବତାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାବେଶରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଓ ପ୍ରଫେସର ଡ. କବିତା ବାରିକ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ପ୍ରତିଭା ପ୍ରଣାମ ମଞ୍ଚ ଆନନ୍ଦପୁରର ଆବାହକ ରତ୍ନାକର ଦାସ କାର୍ଯ୍ୟର ସଂଯୋଜନା କରିଥିଲେ।


ଗରୁଡ଼େଶ୍ୱରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଗାଁ ବୁଲି ଉନ୍ନୟନ କାମ ଦେଖିଲେ ଜିଲାପାଳ

**ବଡ଼ଗାଁ, ୭।୬(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟବାନ ମହାଜନ ବଡ଼ଗାଁ ହାଇସ୍କୁଲରେ ଶୁକ୍ରବାର ଅନୁଷ୍ଠିତ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଉଦ୍‌ଘାଟନ କରିବା ସହ ବ୍ଲକର ବିଭିନ୍ନ ଗ୍ରାମରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ। ଜିଲାପାଳ ଗରଗଡବାହାଲ ଓ ଜାଙ୍ଗଲି ଗ୍ରାମରେ ହୋଇଥିବା ହର ଘର ଜଳ ଯୋଜନାର କାର୍ଯ୍ୟକାରିତା ଉପରେ ପଚାରି ବୁଝିଥିଲେ। ଏହି ଯୋଜନାର ସଫଳତାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଦାଣ୍ଡଜମିରା ଗ୍ରାମରେ ହୋଇଥିବା କାଜୁ ଚାଷ ପରିଦର୍ଶନ କରିଥିଲେ। ଚାଷୀମାନଙ୍କ ସହିତ ଯୋଜନାର ସଫଳ ରୂପାୟନ ବିଷୟରେ ଆଲୋଚନା କରିଥିଲେ। ଗେଲେଇବାହାଲ କ୍ରେଚ ସେଣ୍ଟର, ରେଙ୍ଗାଲମାଲ ଗ୍ରାମର ସବ୍‌ସେଣ୍ଟର, ମଡେଲ ଅଙ୍ଗନୱାଡି କେନ୍ଦ୍ର ଆଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦେଖିବା ସହିତ ଗ୍ରାମବାସୀଙ୍କୁ ପଚାରିବୁଝିଥିଲେ। ପରିଦର୍ଶନରେ ଜିଲାପାଳଙ୍କ ସହିତ ପ୍ରୋବେଶନର ଆଇଏଏସ୍ ଫାବି ରସିଦ, ଜିଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବଡ଼ଗାଁ ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀମାନେ ସାମିଲ ହୋଇଥିଲେ।


ଜିଲାପାଳ ଉନ୍ନୟନ କାମ ବୁଲି ଦେଖୁଛନ୍ତି।

# କେନ୍ଦ୍ରୀୟ ଛେଳି ଗବେଷଣା ଅନୁଷ୍ଠାନ ପ୍ରତିଷ୍ଠା ପ୍ରୟାସ

## ପ୍ରାଣିସମ୍ପଦ ବିଭାଗର କ୍ଷେତ୍ର ପରିଦର୍ଶନ

ଦେବଗଡ଼,୭।୬(ଶଶାଙ୍କ ଶେଖର ଝାଙ୍କର)


କେନ୍ଦ୍ରୀୟ ଛେଳି ଗବେଷଣା ଅନୁଷ୍ଠାନ ପ୍ରତିଷ୍ଠା ନିମନ୍ତେ ଆଲୋଚନା।

ଦେବଗଡ଼ ଏକ କୃଷି ପ୍ରଧାନ ଜିଲା ହୋଇଥିବାବେଳେ ପ୍ରାୟ ସମସ୍ତେ ଚାଷ ଉପରେ ନିର୍ଭର କରି ଚଳିଥାନ୍ତି। ଏହି ଜିଲାରେ ଛେଳି ପାଳନ କରି ମଧ୍ୟ ବହୁ ଲୋକ ପରିବାର ପ୍ରତିପୋଷଣ କରନ୍ତି। ଜିଲାରେ ବହୁ ପରିମାଣରେ ଜଙ୍ଗଲ ସହିତ ଚାରଣଭୂମି ରହିଛି। ଛେଳି ଚାଷ ନିମନ୍ତେ ଅନୁକୂଳ ଜଳବାୟୁ ଥିବାରୁ ଛେଳି ଚାଷରେ କ୍ଷତିରେ ବିଶେଷ ଭାବେ ପଡନ୍ତି ନାହିଁ। ମାତ୍ର ଚାଷୀକୁଳ ପାରମ୍ପରିକ ଛେଳି ଚାଷ କରୁଥିବା ଯୋଗୁ ଯେଉଁ ପରିମାଣରେ ଲାଭ ପାଇବା କଥା ପାଇପାରୁ ନାହାଁନ୍ତି। ଏଣୁ ଏସବୁକୁ ଦୃଷ୍ଟିରେ ରଖି ଦେବଗଡ଼ ଜିଲା ସମେତ ଅନ୍ୟ ଜିଲାମାନଙ୍କର ଛେଳି ଚାଷୀମାନେ ଅଧିକ ଜ୍ଞାନ ଓ ସୁବିଧା ପାଇବା ନିମନ୍ତେ ଭାରତ ସରକାରଙ୍କ ତରଫରୁ ଦେବଗଡ଼ ଜିଲାରେ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଫର ରିସର୍ଚ୍ଚ ଅନ ଗୋଟ (ସିଆଇଆରଜି)ର ଗୋଟିଏ କେନ୍ଦ୍ର ସ୍ଥାପନ ନିମନ୍ତେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ କେତେକ ଚାଷୀ ଅନୁରୋଧ କରିଥିଲେ। ଏଣୁ ଶନିବାର ରାଜ୍ୟ ସରକାରଙ୍କ ପଶୁ ସମ୍ପଦ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ଅଶୋକ ତ୍ରିପାଠୀ ଦେବଗଡ଼ ଗସ୍ତରେ ଆସି ସିଆଇଆରଜି କାର୍ଯ୍ୟକାରିତା ସମ୍ପର୍କରେ ସବିଶେଷ ରିପୋର୍ଟ ପ୍ରସ୍ତୁତ କରିବା ନିମନ୍ତେ ଜିଲାପାଳ କବିନ୍ଦ୍ର କୁମାର ସାହୁଙ୍କ ସହିତ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ପାତ୍ର, ଡାକ୍ତର ସୌମ୍ୟରଞ୍ଜନ ମହାନ୍ତି, ଡାକ୍ତର ରମାକାନ୍ତ ଶତପଥୀ, ଡାକ୍ତର ସମ୍ପଦନ ନାୟକଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ପରେ ବୁଢ଼ାପାଳର ଅଗ୍ରଣୀ ଚାଷୀ ସନ୍ତୋଷ କୁମାର ସାହୁଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି।

# ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଝାରସୁଗୁଡା,୭।୬(ଆଶିଷ ରଞ୍ଜନ ଦାଶ)


ବିଧାୟକ ଟଙ୍କଧର ତ୍ରିପାଠୀ ବିଭିନ୍ନ ଉନ୍ନୟନ କାର୍ଯ୍ୟଲାଗି ଶିଳାନ୍ୟାସ କରୁଛନ୍ତି।

ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଶନିବାର ନିର୍ବାଚନମଣ୍ଡଳୀର ଲଇକେରା ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କ୍ରମରେ ବିଧାୟକ ଲଇକେରା ବ୍ଲକ ବାବୁଛିପି ପଞ୍ଚାୟତର ବାରଗାଡ ସରକାରୀ ପ୍ରାଥମିକ ବିଦ୍ୟାଳୟର ୧୮ଲକ୍ଷ ୩୩ ହଜାର ଟଙ୍କା ବ୍ୟୟ ଅଟକଳରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏହା ପରେ ଜାମମାଲ ପଞ୍ଚାୟତର ବଡକା କଟାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଶିଳାନ୍ୟାସ କରିଥିଲେ। କଟାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଜିଲା ଖଣିଜ ପାଣ୍ଠି ଅନୁଦାନରୁ ୪୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ବ୍ଲକର ସାହାସପୁର ପଞ୍ଚାୟତର କେନ ସରକାରୀ ପ୍ରାଥମିକ ବିଦ୍ୟାଳୟର ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ୧୮ ଲକ୍ଷ ୩୩ ହଜାର ଟଙ୍କା ମଞ୍ଜୁର କରାଯାଇଥିବା ବିଧାୟକ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଲଇକେରା ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ, ଜାମମାଲ ସରପଞ୍ଚ ଝରଣା ବୁଦୁଲା, ସମିତି ସଭ୍ୟ ଲିଲିମା ମାଝୀ, ବାବୁଛିପି ପଞ୍ଚାୟତର ସରପଞ୍ଚ ମନୋଜ ବୁଦୁଲା ,ସାହାସପୁର ସରପଞ୍ଚ ସୁକାନ୍ତି ଜୟପୁରିଆ, ପାକେଲପଡା ମଣ୍ଡଳ ସଭାପତି କୁଳମଣି କିଷାନ, ବିନୋଦ ବୁଦୁଲା, ନିର୍ମଳ ପଟେଲ, ଟିକେଶ୍ୱର ପୃଷେଠ, ମୋଉଜୀଲାଲ ଦଣ୍ଡସେନା, ଦିନେଶ କିଶାନ, ସମ୍ମିତ ନାୟକ, ପ୍ରଦୀପ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ସ୍କୁଲ ଖୋଲିବ: ସ୍ଥାନାନ୍ତର ହେଲାନି ମଦଭାଟି

ଲଖନପୁର,୭।୬(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅତାବିରା ପଞ୍ଚାୟତ ନୂଆଁଡ଼ିହି ଦେଶୀ ମଦ ଭାଟିର ଲାଇସେନ୍ସକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅତାବିରା ପଞ୍ଚାୟତ ମୁଖ୍ୟାଳୟଠାରେ ଥିବା ନୂଆଁଡ଼ିହି ଦେଶୀ ମଦ ଭାଟି ଚତୁଃପାର୍ଶ୍ୱରେ ଅନେକ ଶିକ୍ଷାନୁଷ୍ଠାନ ରହିଛି। ଛାତ୍ରୀଛାତ୍ରମାନଙ୍କ ଉପରେ ଏହାର କୁପ୍ରଭାବ ପଡ଼ିବା ଆଶଙ୍କା ଥିବାରୁ ଏହାକୁ ସ୍ଥାନାନ୍ତର କରିବାକୁ ଦାବି ହୋଇଆସୁଛି। ହେଲେ ସ୍କୁଲ ଖୋଲିବାକୁ ଯାଉଥିବାବେଳେ ଭାଟି ସ୍ଥାନାନ୍ତର ହେଲାନାହିଁ।

ନୂଆଁଡ଼ିହି ପ୍ରାଥମିକ ସ୍କୁଲ, ଘରୋଇ ସ୍କୁଲ ଏଚଆରଡି ଏକାଡେମୀ, ଶହେ ଶଯ୍ୟା ବିଶିଷ୍ଟ ଆଦିବାସୀ ଆବାସିକ ଛାତ୍ରୀନିବାସ, ଅତାବିରା ଉଚ୍ଚ ବିଦ୍ୟାଳୟ ସହିତ ପଞ୍ଚାୟତ କାର୍ଯ୍ୟାଳୟ, କୃଷି ସମବାୟ ସମିତି ଭଳି ଅନେକ ସଂସ୍ଥାରୁ ଅଳ୍ପ ଦୂରରେ ଏହି ମଦଭାଟି ରହିଛି। ଛାତ୍ରୀଛାତ୍ରଙ୍କ ଉପରେ ଏହି ମଦଭାଟି କୁପ୍ରଭାବ ପକାଇବ ବୋଲି ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଜିଲା ଶିକ୍ଷା ବିଭାଗ ସହିତ ଜିଲା ଅବକାରୀ ବିଭାଗ ମୁଖ୍ୟ ଅବଗତ ଅଛନ୍ତି ନା ନାହିଁ ତାହା ଏକ ପ୍ରଶ୍ନବାଚୀ। ଜିଲା ମୁଖ୍ୟାଳୟରୁ ଏହି ସୀମାନ୍ତ ଅଞ୍ଚଳର ଦୂରତା ଦୃଷ୍ଟିକୋଣରୁ ବିଭାଗୀୟ ଅଧିକାରୀ ସୂଚନା ପାଉନାହାନ୍ତି ନା ଜାଣିଶୁଣି ଚୁପ ରହୁଛନ୍ତି ବୋଲି ମଦଭାଟିଠାରୁ ଅଳ୍ପ ଦୂରରେ ଥିବା ଏଚ୍ଆରଡି ଏକାଡେମୀର ସମ୍ପାଦକ ସନତ କୁମାର ପଧାନ ଅଭିଯୋଗ କରିଛନ୍ତି। ବିଗତ ଗ୍ରୀଷ୍ମ ଛୁଟି ପୂର୍ବରୁ ଏହି ସମସ୍ୟା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେ ନିଜ ପ୍ରତିକ୍ରିୟାରେ ଜିଲା ଅବକାରୀ ମୁଖ୍ୟଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇବା କଥା କହି ନିଜ ଦାୟିତ୍ୱ ସାରି ଦେଇଥିଲେ। ଏଭଳି ସମ୍ବେଦନଶୀଳ ସମସ୍ୟାକୁ ଗୁରୁତ୍ୱ ପ୍ରଦାନ କରିବା ସହିତ ଉକ୍ତ ମଦ ଭାଟି ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳର ଶିକ୍ଷାବିତ ବୁଦ୍ଧିଜୀବୀ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।



ଟାଏକୋଣ୍ଡୋ ଖେଳାଳିଙ୍କ ସହ ଆୟୋଜକ କର୍ମକର୍ତ୍ତା।

# ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ବ୍ରଜରାଜନଗର, ୭।୬(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗରସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡ଼ିୟମଠାରେ ଶନିବାର ଏହେସାସ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପୁମସେ ଏବଂ କିରୋଗି ଉଭୟ ୨ ପ୍ରତିଯୋଗିତାରେ ସର୍ବମୋଟ ୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ର ନିର୍ଦ୍ଦେଶରେ ହୋଇଥିବା ଏହି ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଖେଳାଳି ତଥା କ୍ଲବ ମୁଖ୍ୟ ଏହେସାସ ହୋତା ଯୋଗଦେଇ ସୂଚାରୁ ଭାବେ ଆଗକୁ ବଢ଼ାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲା ଟାଏକୋଣ୍ଡୋ ସଂଘର କୋଷାଧକ୍ଷ ତଥା ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଖେଳାଳି ଶୁଭମ ପଟ୍ଟନାୟକ, କେନ୍ଦ୍ରାପଡ଼ା ଜିଲା ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ତଥା ଜାତୀୟ ରେଫରି ବିବେକାନନ୍ଦ ସାମଲ, ଜାତୀୟ ରେଫରି ତଥା ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଖେଳାଳି ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ନିଜ ଅନୁଭୂତି ଜଣାଇବା ସହିତ ଉତ୍ତୀର୍ଣ୍ଣ କ୍ରୀଡାବିତଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶିକ୍ଷକ ତଥା ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଖେଳାଳି ମନିଷ ମହାନ୍ତି ପରିଚାଳନା କରିଥିଲେ।

# ବରଗଡ଼ରେ ଇଦ୍ ଉଜ୍ ଜୁହା ସମାରୋହ

ବରଗଡ଼,୭।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ଶନିବାର ତ୍ୟାଗ ଓ ବଳିଦାନର ପର୍ବ ଉଦ୍ ଉଲ୍ ଜୁହା ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବରଗଡ ମୁସଲିମ ସମ୍ପ୍ରଦାୟର ଭାଇମାନେ ଡ୍ୟାମ୍ କଲୋନି ସ୍ଥିତ ଇଦ୍‌ଗାହ ପଡିଆରେ ଏକତ୍ରିତ ହୋଇ ବରଗଡ ସୁନ୍ନି ବରେଲବୀ ଜାମା ମସଜିଦର ମୌଲାନା ମହମ୍ମଦ କିସମତ ଅଲି ରିଜବୀଙ୍କ ଅଧକ୍ଷତାରେ ଇଦ ଉଲ ଜୁହାର ବିଶେଷ ନମାଜକୁ ସାମୂହିକ ଭାବେ ପାଠ କରିଥିଲେ। ଆଜି ଦିନର ମହତ୍ତ୍ୱ ସମ୍ପର୍କରେ ଉପସ୍ଥିତ ମୁସଲମାନ ସମ୍ପ୍ରଦାୟକୁ ଅବଗତ କରାଯିବା ସହିତ ମିଳିତ ଭାବେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ଏହାପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଅଭିନନ୍ଦନ ଏବଂ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ନି ଜାମା ମସଜିଦ୍ କମିଟି ସଭାପତି ଶେଖ୍ ଅସଗର, ସମ୍ପାଦକ ଏମ୍‌ଡି. ନିଜାମ, ଏମ୍‌ଡି ନଇମ, ଜାନିସାର ଅଂସାରୀ, ମହମ୍ମଦ ଭିକି, ଶେଖ୍ ନଜିମୁଦ୍ଦିନ, ମହମ୍ମଦ ନଇମ, ଶେଖ୍ ନସିମୁଦ୍ଦିନ, ଗୁଲାମ ଗୌସ, ଗୁଲାମ ରସୁଲ, ମହମ୍ମଦ ଅସ୍କାଲାନି, ଶେଖ୍ ଜାଫର, ଶେଖ୍ ସବଦର, ଶେଖ୍ ମୁର୍ତ୍ତୁଜା, ମହମ୍ମଦ ଆଲାଦ୍ଦିନ, ମହମ୍ମଦ ବବଲୁ, ମହମ୍ମଦ ଜମୀର, ମହମ୍ମଦ ଜିଆଉଲ୍, ମହମ୍ମଦ ଅସଲମ ଏବଂ ନାସିର ଖାନ, ଏମ୍‌ଡି. ଲତିଫ, ମହମ୍ମଦ ଇସଲାମ, ମହମ୍ମଦ ମାସୁମ, ମହମ୍ମଦ ରାଜୁ, ମହମ୍ମଦ ଜାଫର ପ୍ରମୁଖ ସହଯୋଗ କରିଥିଲେ।

# ଅଧା ସରିଲା, ଅଧା ବାକି ଅଛି

## କଳାହାଣ୍ଡି ଜିଲାରେ ରବି ଧାନ କିଣା

### ୧୭,୨୦୯ ଚାଷୀଙ୍କ ଉଠିଛି ୧୧ ଲକ୍ଷ ୮୭ ହଜାର କୁଇଣ୍ଟାଲ ଧାନ

ଭବାନୀପାଟଣା,୭।୬(ଉତ୍ତମ କୁମାର ଦାଶ)


ଜିଲାର ଆଟିଗାଁ ମଣ୍ଡିରେ ପଡିରହିଥିବା ଧାନ।

କଳାହାଣ୍ଡି ଜିଲାରେ ଗତ ମେ ୨୦ ତାରିଖଠାରୁ ରବି ଧାନ ପାଇଁ ମଣ୍ଡି ଖୋଲିଥିଲା। ଏହା ମଧ୍ୟରେ ୧୮ ଦିନ ବିତିଯାଇଥିବାବେଳେ ଶୁକ୍ରବାର ସୁଦ୍ଧା ୧୭,୨୦୯ ଚାଷୀଙ୍କ ୧୧ ଲକ୍ଷ ୮୭ ହଜାର ୩୨୦ କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି। ସେଥିମଧ୍ୟରୁ ଶୁକ୍ରବାର ଗୋଟିଏ ଦିନରେ ୧୭୯୦ ଜଣ ଚାଷୀଙ୍କ ୧ ଲକ୍ଷ ୨୧ହଜାର ୧୧୭ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ଜିଲାରେ ରବି ଧାନ କିଣା ଟାର୍ଗେଟ ବର୍ତ୍ତମାନ ସୁଦ୍ଧା ୨୧ ଲକ୍ଷ ୪୬ ହଜାର ରହିଥିବାବେଳେ ୧୮ ଦିନର ଏହି ଧାନ କ୍ରୟକୁ ଦେଖିଲେ ଜିଲାରେ ଅଧା ଧାନ କିଣା ସରିଛି। ଅବଶିଷ୍ଟ ଧାନ ଏବେ ବି ବିକ୍ରି ନ ହୋଇ ମଣ୍ଡିରେ ପଡିଛି। ଧାନ ବିକ୍ରି ଆଶାରେ ଚାଷୀ ରହିଥିବାବେଳେ କୋହଲା ପାଗ ସେମାନଙ୍କୁ ଚିନ୍ତାରେ ପକାଇ ଦେଇଛି। କାରଣ ଏବେ ମଧ୍ୟ ଅନେକ ଚାଷୀଙ୍କ ଧାନ ଅମଳ ହୋଇପାରି ନାହିଁ। ଜିଲାରେ ମନ୍ଥର ଗତିରେ ଧାନ କ୍ରୟ ଯୋଗୁ ଅଧିକାଂଶ ମଣ୍ଡିରେ ଏବେ ହଜାର ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ସରକାର ଧାନ କଟନୀ ବନ୍ଦ କରିଥିବାବେଳେ ମଣ୍ଡିରେ କିନ୍ତୁ ଏବେ କୁଇଣ୍ଟାଲ ପିଛା ୫ କେଜି ନ କାଟିଲେ ଧାନ ଉଠୁନାହିଁ। ଚାଷୀ ମଧ୍ୟ ଅନ୍ୟ କିଛି ଉପାୟ ନ ପାଇ ଧାନ ଶୀଘ୍ର ଉଠୁ ବୋଲି ୫ କେଜି କଟ୍‌ନୀରେ ମିଲରକୁ ଧାନ ଦେଉଛି। ବର୍ଷା ହେଲେ ଏହି କଟ୍‌ନୀ ଆହୁରି ଅଧିକ ହେବ ବୋଲି ଚାଷୀଙ୍କଠାରୁ ଜଣାପଡିଛି। ଚଳିତ ରବି ଧାନ ସଂଗ୍ରହ ପାଇଁ ଜିଲାରେ ୧୪୫ ଧାନ ମଣ୍ଡି ରହିଥିବାବେଳେ ସେଥିମଧ୍ୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୪୨ ମଣ୍ଡି ଖୋଲିଛି। ଅବଶିଷ୍ଟ ୩ ମଣ୍ଡି ଖୋଲି ନାହିଁ। ସେହିପରି ଧାନ ଉଠାଣ ପାଇଁ ୭୫ ମିଲରଙ୍କୁ ନିୟୋଜିତ କରାଯାଇଛି। ଚଳିତ ରବିରେ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ୪୮,୮୧୮ ଜଣ ଚାଷୀ ଅନ୍‌ଲାଇନ ମାଧମରେ ନାମ ପଞ୍ଜୀକରଣ କରିଛନ୍ତି।

# ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କୁ ପତ୍ର

ଝାରସୁଗୁଡା,୭।୬(ଆଶିଷ ରଞ୍ଜନ ଦାଶ)

ସବୁବେଳେ ଦୁର୍ଘଟଣା ଘଟୁଥିବା ସହାପଡା ରୁ ତାଲପଟିଆ ସର୍ଭିସ ରୋଡ଼ ନିର୍ମାଣ ପ୍ରସଙ୍ଗରେ ଝାରସୁଗୁଡ଼ା ବିଧାୟକ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଶନିବାର ଚିଠି ଲେଖିଛନ୍ତି। ୧୦ନଂ.ଜାତୀୟ ରାଜପଥ ଝାରସୁଗୁଡ଼ା ଜିଲାରେ ସାହାପଡାରୁ ତାଲପଟିଆ ପର୍ଯ୍ୟନ୍ତ ବ୍ୟାପିଥିବାବେଳେ ଉକ୍ତ ରାସ୍ତାରେ ସବୁବେଳେ ଟ୍ରାଫିକ ସମସ୍ୟା ଲାଗି ରହିଛି। ଫଳରେ ରାସ୍ତାରେ ଦୁର୍ଘଟଣା ମାନ ଘଟୁଛି। ଫଳରେ ଲୋକଙ୍କ ଜୀବନହାନି ମଧ୍ୟ ଘଟୁଛି। ଏହି ୧୨ କିଲୋମିଟର ବିଶିଷ୍ଟ ରାସ୍ତାର ସର୍ଭିସ ରୋଡ଼ ନିତାନ୍ତ ଜରୁରୀ ହୋଇପଡ଼ିଛି। ଏହାକୁ ନଜରରେ ଦେଖି ଶନିବାର ପୂର୍ତ୍ତ ବିଭାଗର ମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ। ଏହି ରାସ୍ତା ନିର୍ମାଣ ହେଲେ ରାସ୍ତା କଡ଼ରେ ରହୁଥିବା ଲୋକେ ଫାଇଦା ପାଇବେ ବୋଲି କହିଛନ୍ତି।

## ବିପଦ


ସମ୍ବଲପୁର ମହାନ୍ତିପଡା ଅଙ୍ଗନୱାଡି କେନ୍ଦ୍ର ପରିସରରେ ବିପଦସଙ୍କୁଳ ଅବସ୍ଥାରେ ଦୀର୍ଘ ଦିନ ହେବ ଏକ ଶୁଖିଲା ବୃକ୍ଷ ରହିଛି।

# ଗଞ୍ଜୁଡ଼ିହି ଖେଳ ପଡ଼ିଆ ପାଇଁ ଶିଳାନ୍ୟାସ

ଝାରସୁଗୁଡା,୭।୬(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ଲଇକେରା ବ୍ଲକର ଜାମମାଲ ପଞ୍ଚାୟତର ଗଞ୍ଜୁଡ଼ିହି ହକି ଖେଳ ପଡ଼ିଆ ପାଇଁ ଶନିବାର ପୂର୍ବାହ୍ନରେ ଶିଳାନ୍ୟାସ ହୋଇଥିଲା। ବିଧାୟକ ଟଙ୍କଧର ତ୍ରିପାଠୀ କାର୍ଯ୍ୟକ୍ରମରେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଲଇକେରା ବ୍ଲକରେ ଥିବା ଗଞ୍ଜୁଡ଼ିହି ହକି ଖେଳ ପଡିଆର ଉନ୍ନତି ପାଇଁ ବହୁ ଦିନରୁ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ। ନିର୍ବାଚନ ସମୟରେ ଖେଳ ପଡିଆର ଉନ୍ନତି ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଜିଲା ଖଣିଜ ପ୍ରତିଷ୍ଠାନ ଯୋଜନାରୁ ଖେଳ ପଡିଆକୁ ୮୦ ଲକ୍ଷ ଟଙ୍କା ମଞ୍ଜୁରୀ କରାହୋଇଛି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ସମୟରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସହ ଜିଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ତଥା ଭାଜପା କର୍ମୀ ଉପସ୍ଥିତ ଥିଲେ।

# ମେଧା ପାଟକରଙ୍କ ଅଟକ ଘଟଣାକୁ ଲୋକମୁକ୍ତି ସଙ୍ଗଠନର ନିନ୍ଦା

ଝାରସୁଗୁଡା,୭।୬(ଆଶିଷ ରଞ୍ଜନ ଦାଶ)

ବିଶିଷ୍ଟ ପରିବେଶବିତ ମେଧା ପାଟକର, କୃଷକ ନେତା ଲିଙ୍ଗରାଜ, ସାମାଜିକ କର୍ମୀ ନରେନ୍ଦ୍ର ମହାନ୍ତି ଏବଂ ହର ବଣିଆ ପ୍ରମୁଖଙ୍କୁ ରାୟଗଡ଼ା ଜିଲା ପ୍ରଶାସନ ଏବଂ ପୋଲିସ ଦ୍ୱାରା ରାୟଗଡା ଷ୍ଟେସନରେ ଅଟକ ରଖିବା ଘଟଣାକୁ ଲୋକମୁକ୍ତି ସଙ୍ଗଠନ ଝାରସୁଗୁଡା ଶାଖା ପକ୍ଷରୁ ନିନ୍ଦା କରାଯାଇଛି। ରାୟଗଡା ଜିଲାର କାଶୀପୁର ନିକଟସ୍ଥ ସିଜିମାଲିଠାରେ ଗତ ଜୁନ ୫ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆୟୋଜିତ ଏକ ଜନ ସମାବେଶରେ ଯୋଗଦାନ କରିବାକୁ ଯାଉଥିବା ସମୟରେ ସେମାନଙ୍କୁ ଅଟକ ରଖାଯାଇଥିଲା। ଅନ୍ୟ ପକ୍ଷରେ ରାୟଗଡା ଜିଲା ପ୍ରଶାସନ ଦ୍ୱାରା ୨୪ ଜଣ ବ୍ୟକ୍ତିଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇ ସମସ୍ତ ବ୍ୟକ୍ତିଙ୍କୁ ରାୟଗଡା ଜିଲା ପ୍ରବେଶ ପାଇଁ ବାରଣ କରିବା ପ୍ରଶାସନର ସମ୍ପୂର୍ଣ୍ଣ ଗଣତନ୍ତ୍ର ଏବଂ ସମ୍ବିଧାନ ବିରୋଧୀ କାର୍ଯ୍ୟ ବୋଲି କୁହାଯାଇଛି।

# ସିଡିଏମ୍‌ଓଙ୍କ ରିପୋର୍ଟ ଉପରେ ନିର୍ଭର କରୁଛି ତଦନ୍ତ

## ଘରୋଇ ନର୍ସିଂହୋମରେ ମହିଳାଙ୍କ ମଳନଳି କାଟିଦେବା ମାମଲା

କଟକ,୭।୬(କାର୍ତ୍ତିକ ସାହୁ)

ରାଣୀହାଟ ଅଞ୍ଚଳର ଏକ ନର୍ସିଂହୋମରେ ମହିଳାଙ୍କ ମଳନଳି କାଟି ଦିଆଯିବା ଘଟଣାକୁ କମିସନରେଟ ପୋଲିସ ଗୁରୁତ୍ୱର ସହ ଗ୍ରହଣ କରିଛି। ପ୍ରାଥମିକ ଅବସ୍ଥାରେ ପୋଲିସ ତଦନ୍ତ ଆରମ୍ଭ କରି ନର୍ସିଂହୋମରୁ ମହିଳାଙ୍କ ଚିକିତ୍ସା ସମ୍ବନ୍ଧୀୟ କାଗଜାତ ଜବତ କରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏହାର ତଦନ୍ତ ପାଇଁ ଚିଠି ଲେଖିଛି। ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ କହିବାନୁସାରେ, ଏହି ମାମଲାଟି ଭିନ୍ନ ଧରଣର। ମହିଳାଙ୍କ ଚିକିତ୍ସା ସଂକ୍ରାନ୍ତୀୟ ଡାକ୍ତରୀ ରିପୋର୍ଟ ଉପରେ ମାମଲାର ତଦନ୍ତ ଦିଗ ନିର୍ଭର କରୁଛି। ତେବେ ସିଡିଏମ୍‌ଓଙ୍କଠାରୁ ରିପୋର୍ଟ ମିଳିବା ପରେ ତଦନ୍ତ ଆଗକୁ ଯାଇପାରିବ। ଏହା ମେଡିକାଲରେ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତୀୟ ଘଟଣା ହୋଇଥିବାରୁ ଡାକ୍ତରୀ ଟେକନିକାଲ ଦିଗ ଉପରେ ପୋଲିସ କିଛି କରିପାରିବ ନାହିଁ। ରିପୋର୍ଟ ହସ୍ତଗତ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେବେ ମାହାଙ୍ଗା ଅଞ୍ଚଳର ପୀଡ଼ିତା ମହିଳା ଦୀପ୍ତିମୟୀ ବାରିକଙ୍କ ଅଭିଯୋଗକ୍ରମେ ମଙ୍ଗଳାବାଗ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଏସିପି ଚକ୍ରବର୍ତ୍ତୀ କହିଛନ୍ତି।

ସୂଚନାନୁସାରେ, ମହିଳାଙ୍କ ୨ଟି ସନ୍ତାନ ରହିଥିବା ବେଳେ ପୁଣି ୧୧ ସପ୍ତାହର ଗର୍ଭବତୀ ହୋଇଥିବା ଜାଣିବାକୁ ପାଇଥିଲେ। ସେ ଗର୍ଭପାତ କରିବା ପାଇଁ ସମ୍ପୃକ୍ତ ନର୍ସିଂହୋମକୁ ଯାଇଥିଲେ। ସେଠାରେ ଗର୍ଭପାତ କରାଇବା ପରେ ଘରକୁ ଯାଇଥିଲେ। ମାତ୍ର ତାଙ୍କର ପେଟରେ ଯନ୍ତ୍ରଣା ହେବାରୁ ସେ ଉକ୍ତ ନର୍ସିଂହୋମକୁ ଆସିଥିଲେ। ସେଠାରେ ବିଭିନ୍ନ ପ୍ରକାର ପରୀକ୍ଷା କରାଯିବା ପରେ ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ତାଙ୍କ ଯନ୍ତ୍ରଣା କମି ନ ଥିଲା। ତା'ପରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଦେଖାଇବା ପରେ ତାଙ୍କ ମଳନଳିରେ ସଂକ୍ରମଣ ହୋଇଥିବା ଡାକ୍ତର କହିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସେଠାରେ ପରୀକ୍ଷା ପରେ ମହିଳାଙ୍କ ମଳନଳି କଟା ଯାଇଥିବା ଡାକ୍ତର କହିଥିଲେ। ଏହାପରେ ମହିଳା ଜଣଙ୍କ ମଙ୍ଗଳାବାଗ ଥାନାରେ ଉକ୍ତ ନର୍ସିଂହୋମ ବିରୋଧରେ ଅଭିଯୋଗ କରିଥିବା ଜଣାପଡ଼ିଛି।


## OFFICE OF THE DIVISIONAL FOREST OFFICER, BRAHMAPUR DIVISION

At-Courtpeta, Brahmapur-760004, Tel. /FAX-0680-2281354, Mob-7653908594, E.mail - dfo.berhampur@odisha.gov.in

**No.01/01F-/2025, Dated, Brahmapur the 28th May 2025**

**Tender Call Notice for Supply of Fertilizer, Liquid Urea & Granular Insecticides etc.**

**No.MM-72** : Tenders are invited from reputed Registered Dealer / Manufacturer / Individuals for supply of good quality Fertilizer & Granular Insecticides etc. for use in the Plantations to be taken up in Brahmapur Forest Division, under various schemes during the current financial year 2025-26. The tender application is available in the website of **odishaforest.in/ ganjam.nic.in/** and can be obtained from the O/o the Divisional Forest Officer, Berhampur Forest Division on payment of **Rs.6000/- (Rupees Six Thousand)** only or in shape of non-refundable Demand Draft drawn in favour of the Divisional Forest Officer, Berhampur Division. Only the Technical bids shall be opened at **10.30 A.M. of 16.06.2025**. The Financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done based on the quality and cost of the materials. The undersigned reserves the right to reject any or all tender without assigning any reasons thereof.

**Sd./- Divisional Forest Officer**
**Brahmapur Division**

OIPR-08038/11/0041/2526

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବିନିକା
## NOTIFIED AREA COUNCIL, BINIKA

Dist.: Subarnapur, Odisha - 767019, Email ID: binkan.hud@nic.in
Phone/Fax: 06654-241113

Letter No. 1331 Date: 03.06.2025

**QUOTATION CALL NOTICE**

No. C-435: Sealed quotation is invited from the reputed Manufacturer/ Authorized Dealer/Suppliers/Agency having valid GST/MSME Registration Certificate, upto date Tax Clearance Certificate, PAN etc. for supply of Mini Hydraulic Excavator for the purpose of sanitation work. The quotation with rate schedule will be submitted to the office of the undersigned with tender paper cost (Non refundable) of Rs.6000/- in shape of Demand Draft/Bankers Cheque drawn in favour of Executive Officer, NAC, Binka. The details of equipment specification, terms & conditions, etc will be available in district website i.e. **www.subarnapur.nic.in** and NAC Binka website i.e. **binkanac.in** during the period from 03.06.2025 to 13.06.2025. The sealed quotation shall reach the office of the undersigned by 13.06.2025 by 1.00 P.M. through Speed Post/ Registered Post or Courier service & shall be opened on the same day at 2.00 P.M. in presence of the quotationers or their authorized representatives. The authority shall not be responsible for any postal delay. The undersigned reserve the right to reject/cancel any or all quotation without assigning any reason thereof.

**Sd./- Executive Officer, Notified Area Council, Binka**

OIPR-13198/11/0012/2526

## NABARANGPUR FOREST DIVISION

NOTICE No.02 of 2025-26 Date : 03.06.2025

**TENDER CALL NOTICE ENGAGEMENT OF MANPOWER THROUGH SERVICE PROVIDER**

**No.MM-73** : Sealed Tenders are invited by the undersigned under two-part bidding system from recognized and experienced Manpower Agencies for deployment of different category of personnel for various activities of Nabarangpur Forest Division. The sealed tenders must reach this office on or before **19.06.2025 by 5:00 P.M.** by Registered Post/Speed Post only.

The information has been detailed in the Tender Document which may be obtained in person from the office of the undersigned on any working day between 11.00 A.M. to 5.00 P.M. w.e.f the date of publication up to **19.06.2025**. The tender documents can also be downloaded from the standardized web portal of Nabarangpur District i.e **www.nabarangpur.odisha.gov.in**. The Tender Paper Cost is **Rs.10,000/- (Ten Thousand Only)** should be paid through Bank Demand Draft (DD) From any nationalized bank in favor of Divisional Forest Officer, Nabarangpur Forest Division payable at Nabarangpur.

Further, Information can be obtained from the Division Office from **Sri Soroj Kumar Sadangi, I/c Section Officer, Nabarangpur Forest Division, Mobile No. 9437779043** during office hours.

Any corrigendum(s) shall be communicated through the Newspaper Advertisement.

**Sd./- Divisional Forest Officer**
**Nabarangpur Forest Division.**

OIPR-08158/11/0003/2526

## GOVERNMENT OF ODISHA e-PROCUREMENT NOTICE
## WORKS DEPARTMENT

**Bid Identification No. S.E. CBT (R&B) 07/2025-26** No.B-179

charbatiadivision1@gmail.com

| | | |
|---|---|---|
| i. | Name of the work | : Civil works-04 Nos. |
| ii. | Estimated cost | : Rs.13,33,288/- to Rs.83,57,242/- |
| iii. | Period of completion | : 01 month (30 days) |
| iv. | Date & time of availability of Bid documents in the portal | : **From 10.00 A.M. of 09.06.2025 to 16.06.2025 upto 5.00 P.M. for 'online' bidding** |
| v. | Last date/time for receipt of Bids in the portal | : **16.06.2025 up to 5.00 P.M.** |
| vi. | Name and address of the officer inviting Bid | : **Superintending Engineer Charbatia (R&B) Division, Choudwar** |

Further details can be seen from the e-procurement portal **http://www.tendersorissa.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Additional Chief Engineer**
**Charbatia (R&B) Division**
**Choudwar**

OIPR-34092/11/0019/2526

## ZILLA PARISHAD, MAYURBHANJ, BARIPADA

**Tender Call Notice No. 4171/ ZP Dt. 04/06/2025**

**No.CAD-687** : Sealed tenders are invited from reputed Manpower Service Provider Agencies to provide 01 No. of DPC (Dist. Project Coordinator), 01 No. of DPE (Dist. Project Executive) & 01 No. of CCE (Dist. Call Centre Executive) at DPMU and 26 Nos. of BPC (Block Project Coordinator) @ 01 per block and 26 nos. of BPA (Block Project Assistant) @ 01 per block at BPMU at ZP, Mbj. and all Blocks of Mayurbhanj District for a period of 01 year under RH

The detailed information may be downloaded from the District website i.e. (www.mayurbhanj.odisha.gov.in). The last date and time for submission of Tender Document is **25/06/2025 upto 05.00 P.M.** by **Speed Post or Registered Post** only.

**Sd./- CDO-cum-EO, ZP,**
**Mayurbhanj**

OIPR-19232/11/0018/2526

## OFFICE OF THE SUPERINTENDING ENGINEER KHARIAR (R&B) DIVISION, KHARIAR, DIST:NUAPADA, ODISHA

E-mail:eeroads.khr@rediffmail.com

**Letter No.2932, Date:05.06.2025**

**1st Corrigendum to Bid Identification No.SER&BKHR-02/2025-26**

No.B-191: The following changes are being made for E-procurement Notice-02, Bid Identification No.SER&BKHR-02/2025-26 vide Letter No.2315, Date:19.05.2025 for the work bearing Tender ID No.2025_EICCL_114005_1 in the above Tender Call Notice.

| Provision as per DTCN | Modified as per 1st Corrigendum |
|---|---|
| 1-Similar in nature to the work- page.5, Sl.No.11, Clause No.112(g), & Pg.9-3.3 & Pg.28-4.1, Page-74-Schedule-D 2. Tools & Plant & Machineries- Page-5, Sl.No.12, clause no.7(i) & 112 (e) & Schedule-C, Annexure-I, Page-28-4.1, Page-47-clause-112(e), Page-74- Schedule-C & Page-72- Annexure-I, | 1-Similar in nature to the work- page-5, Sl.No.11, Clause No.112(g), & Pg.9-3.3 & Pg-28-4.1, Page-74-Schedule-D 2- Tools & Plant & Machineries- Page-5, Sl.No.12, clause no.7(i) & 112(e) & Schedule-C, Annexure-I, Page-28-4.1, Page-47-clause-112(e), -Page-74-Schedule-C & Page-72-Annexure-I, is hereby not applicable for this work. |

All other terms and conditions remain unchanged.

**Sd./- Superintending Engineer**
**Khariar (R&B) Division**

OIPR-34062/11/0025/2526

## OFFICE OF THE PRINCIPAL, GVHSS, MPC HIGHER SECONDARY SCHOOL, BARIPADA

No. 666 // DATE: 04.06.2025

**WALK-IN-INTERVIEW**

No.n-69:- A Walk-in-Interviews shall be held in the chamber of the Principal for selection of Guest Faculty to teach Higher Secondary Classes in IT & ITES Trade Subject at 9.00 am on 18.06.2025. So the desirous candidates are required to attend the interview with a set of resume of the self.

For details of the terms and conditions, Remuneration for engagement of guest faculty, please go through the School website (**www.mpchss.in**) or feel it free to contact the undersigned (Mobile No. 9437009509)

**No TA/DA shall be admissible to the candidate for this interview.**

**Sd./- PRINCIPAL**

OIPR-11046/11/0005/2526

## OFFICE OF THE REGULATED MARKET COMMITTEE, BARIPADA

No.H-10

At/Po-Takatpur, Baripada, Dist.Mayurbhanj, Pin-757003
email-awmorbar@nic.in

**Tender Call Notice No.301/RMC, dated 29.05.2025**
**Bid Identification No.01/RMC, Baripada/2024-25**
**e-Procurement Notice IFB (Invitation for Bids)**

| Sr. No. | Item | Details |
|---|---|---|
| 1 | The Sub-Collector, Baripada-cum-Chairman, RMC, Baripada invites percentage rate bids in Double/Single Cover system in ON-LINE MODE only for work as detailed below: | |
| 2 | Nature of Work | Construction of Agricultural Marketing Infrastructure at Takatpur Main Market Yard under RMC, Baripada |
| 3 | No. of Work | 01 No. |
| 4 | Bid Cost | Rs.10,000/- online transfer |
| 5 | Value of Tender | Rs.277.13 lakhs |
| 6 | Class of Contractor | "B" & "A" Class |
| 7 | Availability of BID documents in the website | Dt.05.06.2025 to 25.06.2025 |
| 8 | Last date/time of Receipt of bids in the portal | Dt.25.06.2025 upto 5.00 P.M. |
| 9 | Date of Opening of Bid | Dt.26.06.2025 at 11.30 A.M. |
| 10 | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/ Corrigendum/ Cancellation of the Tender etc can also be seen in the website: https://tendersorissa.gov.in | |

**Sd./-**
**Sub-Collector, Baripada-cum-Chairman, RMC, Baripada**

OIPR-07076/11/0001/2526

## CUTTACK MUNICIPAL CORPORATION

**TENDER CALL NOTICE**

**No. 1824/HO, Dt. 27.05.2025**

**No.C-424** : Cuttack Municipal Corporation invites sealed tenders from reputed bidders for "DELTAMETHRIN **1.25%**" ULV **(Ultra Low Volume) for** the year 2025-26 utilization on thermal Fogging Machine of Cuttack Municipal Corporation.

Details of the requirement can be downloaded from the official website, cmccuttack.odisha.gov.in. The last date of submission of Tender documents is upto 4.00 p.m. dt.17.06.2025.

**Sd./- Health Officer**
**Cuttack Municipal Corporation**

OIPR-13031/11/0184/2526

## ZILLA SWASTHYA SAMITI, MALKANGIRI

**TENDER CALL NOTICE**

No : 6398/2025 Date : 03.06.2025

**No.E-149** : Sealed tenders are invited from interested suppliers / firms for supply of the Food Baskets (Nutrition Kits) for TB Patients on annual rate contract basis to the C.D.M & P.H.O, Malkangiri. The details regarding specifications, terms and conditions may be downloaded from district website www.malkangiri.odisha.gov.in. The bids in sealed envelope should reach the office of the undersigned by 12.06.2025 within Office hours by 5.30 P.M. along with all relevant documents. The tender will be opened on dtd: 13.06.2025 at 4.30 P.M. in presence of bidders or their authorized representatives. The undersigned reserves the right to reject any or all the tenders without assigning any reason thereof.

**Sd./- C.D.M & P.H.O-cum-District Mission Director**
**District Health Mission, Malkangiri**

OIPR-10086/11/0014/2526

## ODISHA TOURISM DEVELOPMENT CORPORATION LIMITED

**(A Government of Odisha Undertaking)**
**Panthanivas (Old Block), Lewis Road, Bhubaneswar - 751014**

**EXPRESSION OF INTEREST**

**No. 3890 Date: 05.06.2025**

